

ଟକ୍ସିକ୍‌ରେ କଳାକାରଙ୍କ ଷ୍ଟଣ୍ଟ ସିନ୍
▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-41 ◆MONDAY ◆4 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୪୧ ◆ସୋମବାର ◆୪ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଅଗଷ୍ଟ ୧୫ରୁ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍

■ **ନୂଆଦିଲ୍ଲୀ, ୩।୮ (ଏଜେନ୍ସି):** କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ନୂତନ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍ ବ୍ୟବସ୍ଥା ଆରମ୍ଭ କରିଛି । ଅଗଷ୍ଟ ୧୫ରୁ ଏହା ସାରା ଦେଶରେ ଲାଗୁ ହେବ । ଏତାଛଡା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବସ୍ଥା ପୂର୍ବ ପରି ଜାରି ରହିବ । ଯେଉଁମାନେ ବାର୍ଷିକ ପାସ୍ ନେବାକୁ ଚାହୁଁନାହାନ୍ତି, ସେମାନେ ପୂର୍ବ ପରି ସେମାନଙ୍କର ଫାସ୍‌ଟ୍ୟାଗ୍ ସହିତ ସାଧାରଣ ଟୋଲ୍ ପେମେଣ୍ଟ ଜାରି ରଖିପାରିବେ । ଜଣେ ଏହି ପାସ୍ ପାଇଁ ନୂତନ ଆବେଦନ କରିପାରିବେ କିମ୍ବା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବହାର କରିପାରିବେ । ଏଥିପାଇଁ ଗାଡ଼ି ବାହାନ ଡାଟାବେସ୍‌ରେ ବୈଧ ଥିବା ଉଚିତ, ଗାଡ଼ିର ୱିଣ୍ଡସିଲ୍ଡରେ ଫାସ୍‌ଟ୍ୟାଗ୍ ଲାଗିବା ଜରୁରି । ଏହାବାଦ୍ ଗାଡ଼ିର ପଞ୍ଜୀକରଣ ନମ୍ବର କଳା ତାଲିକାଭୁକ୍ତ ହୋଇ ନ ଥିବା ଉଚିତ୍ ।




## କେନାଲକୁ ଖସିଲା ବୋଲେରୋ; ୧୧ ମୃତ



**ଗୋଟିଏ ପରିବାରର ୯ ମୃତ**

■ **ଗୋଣ୍ଡା, ୩।୮ (ଏଜେନ୍ସି):** ଉତ୍ତରପ୍ରଦେଶର ଗୋଣ୍ଡାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୧ ଜଣ ଲୋକ ପ୍ରାଣ ହରାଇଛନ୍ତି । ସେମାନଙ୍କ ମଧ୍ୟରୁ ଗୋଟିଏ ପରିବାରର ୯ ଜଣ ସଦସ୍ୟ ଅଛନ୍ତି । ଦ୍ରୁତଗତିରେ ଯାଉଥିବା ଏକ ବୋଲେରୋ ନିୟନ୍ତ୍ରଣ ହରାଇ କେନାଲକୁ ଖସି ପଡିବାରୁ ଏହି ଦୁର୍ଘଟଣା ଘଟିଛି । ତେବେ ଡ୍ରାଇଭରଙ୍କ ସମେତ ୪ ଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଜଣେ ୧୦ ବର୍ଷୀୟ ବାଳିକା ନିଖୋଜ ଅଛନ୍ତି । ରବିବାର ସକାଳ ୧୦ଟାରେ ଏହି ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ବେଳେ ଗାଡ଼ି ୬୦ କିମି ବେଗରେ ଚାଲୁଥିଲା ବୋଲି ପୁଲିସ କହିଛି । ମୃତକଙ୍କ ମଧ୍ୟରେ ୬ ମହିଳା ଓ ୩ ଜଣ ଛୋଟ ପିଲା ରହିଛନ୍ତି । ▶ପୃଷ୍ଠା-୭

**ଦାଦନ ନୀତି ଚୁଲିରେ**

### ଆନ୍ଧ୍ରପ୍ରଦେଶ ପଥର ଖାଦାନରେ ବିସ୍ଫୋରଣ

## ୬ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

■ **ମୋହନା/ଦିଗପହଣ୍ଡି/ଧରାକୋଟ, ୩।୮ (ସମିସ):** ଆନ୍ଧ୍ରପ୍ରଦେଶର ବାଲିକୁରଭା ମଣ୍ଡଳ ମଲାୟାପୁଲମ ଗ୍ରାମସ୍ଥିତ ଏକ ଗ୍ରାନାଇଟ୍ ପଥର ଖଣିରେ ରବିବାର ସକାଳେ ବିସ୍ଫୋରଣ ଘଟି ୬ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଗଜପତି ଜିଲ୍ଲା ମୋହନାର ୨ଜଣ ଥିବା ବେଳେ ଗଞ୍ଜାମ ଜିଲ୍ଲାର ୪ଜଣ ରହିଛନ୍ତି । ଏକ ବଡ଼ ପଥର ତଳେ ଚାପି ହୋଇ ଏମାନଙ୍କ ମୃତ୍ୟୁ ହୋଇଛି । ସେହିପରି ଏହି ଅଘଟଣରେ ଏକାଧିକ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ମୃତକମାନେ ହେଲେ, ଦିଗପହଣ୍ଡି ବ୍ଲକ୍ ଚଷାନିମଖଣ୍ଡି ଗ୍ରାମର ଦଣ୍ଡ ବାଡତ୍ୟା ଓରଫ ବୁଢ଼ା, ଫାଶୀଗୁଡ଼ା ପଞ୍ଚାୟତ ବାଙ୍ଗରଡ଼ା ଗ୍ରାମର ବନମାଳୀ ବେହେରା, ଧରାକୋଟ ବ୍ଲକ୍ ଢଉଗାଁ ପଞ୍ଚାୟତ ବାଇଡାଗୁଡ଼ାର ମୂଷା ଜେନା (୪୩), ଓଳମ୍ବା ପଞ୍ଚାୟତ କଷେଇ ଗ୍ରାମର ସନ୍ତୋଷ ଗୌଡ଼ (୩୬) ଏବଂ ମୋହନା ଥାନା ଢ଼େପାଗୁଡ଼ା ପଞ୍ଚାୟତ ଅଲରାଗାଁର ଭାସ୍କର ବିଷୋୟୀ (୪୦) ଓ ଟୁକୁନା ଦଳାଇ (୩୭ ) ।

ସୂଚନା ଅନୁଯାୟୀ, ପରିବାର ପୋଷଣ ନିମନ୍ତେ ଦିଗପହଣ୍ଡି ବ୍ଲକର ୯ ଜଣ ଓ ଗଜପତି ଜିଲ୍ଲା ମୋହନା ବ୍ଲକ ଢେପାଗୁଡ଼ା ପଞ୍ଚାୟତର ୨ ଜଣ ଓଡ଼ିଆ ଶ୍ରମିକ ଏହି ଗ୍ରାନାଇଟ କମ୍ପାନୀରେ ଶ୍ରମିକ ଭାବେ କାମ କରି ଆସୁଥିଲେ । ରବିବାର ସକାଳେ ଉକ୍ତ ପଥର ଖାଦାନରେ ଏକ ବିସ୍ଫୋରଣ ଘଟିଥିଲା । ଏହି ଭୟଙ୍କର ବିସ୍ଫୋରଣରେ ଏକ ବଡ଼ ପଥର ତଳେ ଚାପି ହୋଇ ଶ୍ରମିକମାନଙ୍କ ମୃତ୍ୟୁ ହୋଇଥିବା ଖବର ପ୍ରଚାର ହୋଇଥିଲା । ବିଳମ୍ବିତ ରାତି ସୁଦ୍ଧା ସେଠାକାର ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ପ୍ରତି ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଘୋଷଣା କରିଛନ୍ତି ।



**ମୃତକଙ୍କ ମଧ୍ୟରେ ମୋହନାର ୨ ଓ ଦିଗପହଣ୍ଡିର ୪ଜଣ**

**ପ୍ରତି ମୃତକଙ୍କ ପରିବାରକୁ ୪ ଲକ୍ଷ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

### ଦୁଃଖ ପ୍ରକାଶ କଲେ ନବୀନ

■ **ଭୁବନେଶ୍ୱର, ୩।୮ (ସମିସ):** ଆନ୍ଧ୍ରପ୍ରଦେଶର ପଥର ଖଣିରେ ବିସ୍ଫୋରଣ ଘଟି ୬ଜଣ ଓଡ଼ିଆ ଶ୍ରମିକ ପ୍ରାଣ ହରାଇଥିବା ଘଟଣାରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି । ନବୀନ ଏକ୍ସ ଯୋଗେ ଦର୍ଶାଇଛନ୍ତି ଯେ ଏହି ଘଟଣା ବିଷୟରେ ଜାଣି ମୁଁ ଦୁଃଖିତ । ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି । ଏପରି ସମୟକୁ ସାମ୍ନା କରିବା ପାଇଁ ପରିବାରର ସଦସ୍ୟମାନଙ୍କୁ ମହାପ୍ରଭୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ । ଏଥିସହ ନବୀନ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

**୧୫ମାସରେ ୧୫୦ରୁ ଉର୍ଦ୍ଧ୍ୱ ପ୍ରବାସୀ ମୃତ**

## ଗୋଟିଏ ବୈଠକରେ ସୀମିତ ଟାସ୍କଫୋର୍ସ

■ **ଭୁବନେଶ୍ୱର, ୩।୮ (ସମିସ):** ଆନ୍ଧ୍ରପ୍ରଦେଶରେ ଏକ ଗ୍ରାନାଇଟ ପଥର ଖଣିରେ ବିସ୍ଫୋରଣରେ ୬ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଏହି ୬ ଜଣ ଶ୍ରମିକ ପ୍ରାଣ ହରାଇଥିବା ପରେ ରାଜ୍ୟ ସରକାର ଦାଦନ ରୋକିବା ଦିଗରେ ଘୋଷଣାର ଆନ୍ତରିକତାକୁ ନେଇ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଓଡ଼ିଶାରୁ କେହି ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବେ ନାହିଁ ବୋଲି ଗତ ନିର୍ବାଚନ ସମୟରେ ବିଜେପି ନେତାମାନେ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ବିଡ଼ମ୍ବନା ହେଉଛି ଯେ ଗତ ୧୫ ମାସ ମଧ୍ୟରେ ବିଭିନ୍ନ ରାଜ୍ୟକୁ ଦାଦନ ଖଟିବାକୁ ଯାଇ ୧୫୦ରୁ ଉର୍ଦ୍ଧ୍ୱ ଦାଦନ ପ୍ରାଣ ହରାଇଥିବେ ବେଳେ ଶହଶହ ବିକଳାଙ୍ଗ ହୋଇଫେରିଛନ୍ତି ।

ଦାଦନ ସମସ୍ୟାର ନିରାକରଣ ପାଇଁ ରାଜ୍ୟ ସରକାର ଟାସ୍କ ଫୋର୍ସ ଗଠନ କଲେ । ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏହି କମିଟିର ଅଧ୍ୟକ୍ଷ ରହିଥିଲେ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସଦସ୍ୟ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସହ ଅନ୍ୟ ବିଭାଗ ମନ୍ତ୍ରୀ, ମୁଖ୍ୟ ସଚିବ, ଉନ୍ନୟନ କମିଶନର, ବିଭାଗୀୟ ସଚିବ ପ୍ରମୁଖ ଟାସ୍କଫୋର୍ସ ସଦସ୍ୟ ରହିଥିଲେ । ଏହି ଟାସ୍କଫୋର୍ସ ଦାଦନ ସମସ୍ୟା ଦୂର କରିବାକୁ ବିଭିନ୍ନ କାର୍ଯପନ୍ଥା ସ୍ଥିର କରିବାର ଥିଲା । ପ୍ରତି ୬ ମାସରେ ଅନ୍ୟୂନ ଥରେ ଟାସ୍କ ଫୋର୍ସ ବୈଠକ କରି ଦାଦନ ଦୂରୀକରଣ ଦିଗରେ ହୋଇଥିବା ପ୍ରଗତି ଓ ଆନୁଷଙ୍ଗିକ ପ୍ରସଙ୍ଗ ଗୁଡ଼ିକର ସମୀକ୍ଷା କରିବ ବୋଲି ସରକାର କହିଥିଲେ । ମାତ୍ର ଏହି ଟାସ୍କଫୋର୍ସ ▶ପୃଷ୍ଠା-୭

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**

## ବୋର୍ଡ ଉପସଭାପତି ଗିରଫ

**୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ**

**'ଏଫ୍‌ଟିପି' ବଦଳରେ ଉପସଭାପତିଙ୍କ ଲାପ୍‌ଟପ୍‌କୁ 'ଇ-ମେଲ୍'ରେ ଆସିଥିଲା ପ୍ରଶ୍ନ**

**ମୁଖ୍ୟ ଅଭିଯୁକ୍ତକୁ ୨ ମାସରେ ୧୦୦ଥର କଲ୍ କରି ସନ୍ଦେହକୁ ଆସିଥିଲେ ନୀହାର**



■ **କଟକ, ୩।୮ (ସମିସ):** ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କ୍ରାଇମବ୍ରାଞ୍ଚ ଆଜି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରି କୋର୍ଟଚାଲାଣ କରିଛି । କୋର୍ଟ ତାଙ୍କର ଜାମିନ ନାମଞ୍ଜୁର କରିବା ସହ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି । ଏହି ଘଟଣାରେ ପୂର୍ବରୁ ୬ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଜି ନୀହାରଙ୍କୁ ମିଶାଇ ଗିରଫ ସଂଖ୍ୟା ୭କୁ ବୃଦ୍ଧି ପାଇଛି ।

ଅପରପକ୍ଷେ, ଓଟିଇଟି ପ୍ରଶ୍ନପତ୍ର ଲିକ୍ ପରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପ୍ରଚଳିତ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ଚାଲିଥିବା ନିୟମ ବହିର୍ଭୂତ କାର୍ଯ୍ୟ ସାମ୍ନାକୁ ଆସିଛି । ସବୁ ନିୟମକୁ ଉଲ୍ଲଙ୍ଘନ କରି ବୋର୍ଡ ଉପସଭାପତି କିଭଳି କାର୍ଯ୍ୟ କରୁଥିଲେ, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ବୋର୍ଡ ଉପସଭାପତିଙ୍କ ଲାପ୍‌ଟପ୍‌ରୁ ହିଁ ପ୍ରଶ୍ନପତ୍ର ଲିକ୍ ହୋଇଥିବା କ୍ରାଇମବ୍ରାଞ୍ଚ ସ୍ପଷ୍ଟ କରିଛି । ଗତ କିଛି ଦିନ ହେବ, ଉପସଭାପତି ନୀହାରଙ୍କ ଉପରେ କ୍ରାଇମବ୍ରାଞ୍ଚର ସନ୍ଦେହ ବଢ଼ିଥିଲା । ତାଙ୍କୁ ଗିରଫ ପାଇଁ ମଧ୍ୟ ଅନେକ ମହଲରେ ଦାବି ଉଠିଥିଲା । ଏହାକୁ ନେଇ କ୍ରାଇମବ୍ରାଞ୍ଚ ସ୍କାନରରେ ରହିଥିଲେ ନୀହାର । ଗତକାଲି କ୍ରାଇମବ୍ରାଞ୍ଚ ତାଙ୍କୁ ଡାକି ମାରାଥନ ଜେରା କରି ଅନେକ ବିଷୟରେ ପ୍ରଶ୍ନ କରିଥିଲା । ସେଥିରେ ସେ ସତ ଓଗାଳିଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି । ଆଜି ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି । ପଚରାଉଚରା ବେଳେ ନୀହାର କଥାକୁ ବୁଲାଇବାକୁ ଚେଷ୍ଟା କରୁଥିଲେ । ଫଳରେ, କ୍ରାଇମବ୍ରାଞ୍ଚର ସନ୍ଦେହ ଅଧିକ ଘନୀଭୂତ ହୋଇଥିଲା । ତେବେ ପ୍ରଶ୍ନପତ୍ର ଛପା ଏଜେନ୍ସି ସହ ତାଙ୍କର କି' ସମ୍ପର୍କ ରହିଛି, ତାହା ଆଗକୁ ଖୋଳତାଡ଼ କରାଯିବ । ସେହିଭଳି ଆର୍ଥିକ କାରବାର ଲିଙ୍କ୍‌ର ମଧ୍ୟ ଯାଞ୍ଚ ଚାଲିଛି । ଯେଉଁମାନେ ପ୍ରଶ୍ନପତ୍ର କିଣିଛନ୍ତି, ସେମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ । ▶ପୃଷ୍ଠା-୭



## କୋଟିପତି ଏମ୍‌ଭିଆଇଙ୍କ ୪୪ ପ୍ଲଟ୍, କେଜିଏ ସୁନା

■ **ବୌଦ୍ଧ/ବାରିପଦା/ଭୁବନେଶ୍ୱର, ୩।୮ (ସମିସ):** ଚାକିରି ଏମ୍‌ଭିଆଇ, ହେଲେ ନିଶା ପ୍ଲଟ୍ କିଣିବା । ଗୋଟିଏ କି ଦୁଇଟି ନୁହେଁ, ବାରିପଦା ଓ ଆଖପାଖ ଅଞ୍ଚଳରେ ନିଜ ଓ ସଂପର୍କୀୟ ନାମରେ କିଣିଛନ୍ତି ୪୩ ମୂଲ୍ୟବାନ ପ୍ଲଟ୍ । ସେହିପରି ବାଲେଶ୍ୱର ଶ୍ରୀବନ୍ତପୁରରେ ଗୋଟିଏ ପ୍ଲଟ୍ ରହିଛି । ସବୁ ପ୍ଲଟ୍ ମିଶିଲେ ପ୍ରାୟ ୧୦ ଏକରରୁ ଉର୍ଦ୍ଧ୍ୱ ହେବ । ଏହି ସବୁ ପ୍ଲଟ୍‌ର ମୂଲ୍ୟ ୧.୪୯ କୋଟି ଟଙ୍କା ହେବ । ଖାଲି ସେତିକି ନୁହେଁ, ଘରେ ରଖିଛନ୍ତି ୧ କେଜିର ସୁନା ବିସ୍କୁଟ । ପ୍ରତି ସୁନା ବିସ୍କୁଟର ଓଜନ ୫୦ ଗ୍ରାମ । ରୁପା ଅଳଙ୍କାର ବି କିଛି କମ୍ ନାହିଁ । ସବୁଆଡୁ ଦରାଣ୍ଡିଲା ପରେ ୨.୧୨୬ କେଜିର ରୁପା ଅଳଙ୍କାର ଠାବ ହୋଇଛି । ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଇନ୍ସୁରାନ୍ସରେ ୧କୋଟି ୩୪ ଲକ୍ଷ ୯ହଜାର ଟଙ୍କା ରହିଥିବା ବେଳେ ନଗଦ ୨ଲକ୍ଷ ୩୮ ହଜାର ଟଙ୍କା ଠାବ ହୋଇଛି । ଏସବୁ ବାଦ୍ ଝିଅର ମେଡିକାଲ ପାଠପଢ଼ା ବାବଦକୁ ୪୦ ଲକ୍ଷ ଖର୍ଚ୍ଚ କରିଛନ୍ତି । ଏପରି ଜଣେ କୋଟିପତି ବାବୁ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ସେ ହେଲେ, ବୌଦ୍ଧ ଏମ୍‌ଭିଆଇ ଗୋଲାପ ଚନ୍ଦ୍ର ହାଁସଦା । ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କର ୬ଟି ଠିକଣାରେ ଚଢ଼ଉ କରି ବିପୁଳ ସମ୍ପତ୍ତି ଠାବ କରିଛି । ଶ୍ରୀ ହାଁସଦାଙ୍କର ବାରିପଦାସ୍ଥିତ ଘର ▶ପୃଷ୍ଠା-୭



### ନିର୍ମାଣାଧୀନ ପ୍ରକଳ୍ପ ଶେଷ ପୂର୍ବରୁ ଆଲୋଚନା ପାଇଁ ଛତିଶଗଡ଼ ଅରାଜି !

**'ମହା' ବିବାଦ**

## ଚାପରେ ମୋହନ-ବିଷ୍ଣୁ

■ **ଭୁବନେଶ୍ୱର, ୩।୮ (ସମିସ):** ୧୯୮୩ ମସିହାରୁ ଦୀର୍ଘ ୪୨ ବର୍ଷ ଧରି ମହାନଦୀକୁ ନେଇ ଲଢ଼େଇ କରୁଛି ଓଡ଼ିଶା । ପ୍ରଥମେ ମହାନଦୀକୁ ନେଇ ମଧ୍ୟପ୍ରଦେଶ ସହ ବିବାଦ ଚାଲିଥିଲା ଓ ମଧ୍ୟପ୍ରଦେଶ ବିଭାଜନ ପରେ ଏବେ ଲଢ଼େଇ ଛତିଶଗଡ଼ ସହ ଚାଲିଛି । ୮୬୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ମହାନଦୀର ୫୩% ଛତିଶଗଡ଼ରେ ରହିଥିବାବେଳେ ଓଡ଼ିଶାରେ ୪୭% ରହିଛି । ମାତ୍ର ବିଡ଼ମ୍ବନା ହେଉଛି ଯେ ଓଡ଼ିଶାକୁ ଅନ୍ଧାରରେ ରଖି ଛତିଶଗଡ଼ ମହାନଦୀ ଉପରମୁଣ୍ଡରେ ବ୍ୟାରେଜ ବାନ୍ଧି ଜଳ ପ୍ରବାହରେ ପ୍ରତିବନ୍ଧକ ଲଗାଇଛି । ଯାହାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି ଓ ବିଜେପି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ବିରୋଧୀ ମହାନଦୀ ବିବାଦର ସମାଧାନ ପାଇଁ ସରକାରଙ୍କ ଉପରେ ଚାପ ପକାଉଛନ୍ତି । ମାତ୍ର କୌତୂହଳର କଥା ହେଉଛି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ 'ଆପୋସ' ସମାଧାନ ନିମନ୍ତେ ଲେଖିଥିବା ଚିଠିର ଉତ୍ତର ଛତିଶଗଡ଼ ▶ପୃଷ୍ଠା-୭



### ଜଙ୍ଗଲରେ ବ୍ୟବସାୟୀଙ୍କ ମୃତଦେହ

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

■ **କାମାକ୍ଷାନଗର, ୩।୮ (ସମିସ):** ତୁମୁସିଙ୍ଗା ଥାନା ଗୋଦରିବିଲି କାଜୁ ଜଙ୍ଗଲରୁ ଜଣେ ନିଖୋଜ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ, କୋଟଗରା ଗ୍ରାମର ରଞ୍ଜନ ସାହୁ । ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ରଞ୍ଜନ ପଣ୍ଡୁଆ ବଜାରରେ ଏକ ତେଜରାତି ଦୋକାନ କରିଛନ୍ତି । ଶନିବାର ସେ ଘରୁ ବାହାରି ଦୋକାନକୁ ଆସିଥିବା ବେଳେ ଅପରାହ୍ନ ୧ଟାରେ ଦୋକାନରୁ କେଉଁଆଡ଼େ ଯାଇଥିଲେ । ତେବେ ରଞ୍ଜନ ଦୋକାନକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇନଥିଲେ । ରଞ୍ଜନଙ୍କ ଫୋନ ଘରେ ଥିବା ବେଳେ ପରିବାର ଲୋକେ ବନ୍ଧୁବାନ୍ଧବଙ୍କଠାରୁ ଆରମ୍ଭ କରି ଅନ୍ୟଆଡ଼େ ▶ପୃଷ୍ଠା-୭

**ଗୁଣିଗାରେଡ଼ି ସନ୍ଦେହରୁ ହତ୍ୟା**

## ଗୁପ୍ତାଙ୍ଗ କାଟି ପଥରେ ଛେଚିଲେ



**୧୪ ଅଭିଯୁକ୍ତ ଗିରଫ**

■ **ମୋହନା, ୩।୮ (ସମିସ):** ଗୁଣିଗାରେଡ଼ି ସନ୍ଦେହ ଏବଂ ଗାଁ କୋଠ ଘରକୁ ତେନ୍ତୁଳି ଗଛ ନଦେବାକୁ କେନ୍ଦ୍ର କରି ମୋହନା ଥାନା ରାଚାଗୁଡ଼ା ଗ୍ରାମରେ ଶନିବାର ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି । ଗ୍ରାମବାସୀମାନେ ଜଣେ ଯୁବକଙ୍କ ଗୁପ୍ତାଙ୍ଗକୁ କାଟିବା ପରେ ପଥରରେ ଛେଚି ହତ୍ୟା କରିଛନ୍ତି । ପରେ ପ୍ରମାଣ ଲୁଚାଇବା ପାଇଁ ଶବକୁ ଡ୍ୟାମ୍‌କୁ ଫିଙ୍ଗି ଦେଇଛନ୍ତି । ମୃତକ ହେଲେ, ଗୋପାଳ ମଳିକ (୩୫) । ଏହି ଘଟଣାରେ ପୁଲିସ ୧୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

ସୂଚନା ଅନୁଯାୟୀ, ଗୋପାଳଙ୍କର ପ୍ରାୟ ୩୦ଟି ତେନ୍ତୁଳି ଗଛ ଥିଲା । ଗାଁ ଲୋକେ ସେହି ତେନ୍ତୁଳି ଗଛଗୁଡ଼ିକୁ ଗାଁ କୋଠଘରକୁ ଦେବା ପାଇଁ ▶ପୃଷ୍ଠା-୭

**ବଲାଙ୍ଗୀର ପୀଡ଼ିତାଙ୍କ ମୃତ୍ୟୁ ଘଟଣା**

## ସନ୍ଦେହ ବଢ଼ାଉଛି ପୁଲିସର ଭୂମିକା

▶▶ **ପ୍ରଥମରୁ ତିନି ଦୁର୍ବୃତ୍ତ, ଶେଷରେ କାହାରି ସମ୍ପୃକ୍ତି ନାହିଁ**

▶▶ **୩ ଦୁର୍ବୃତ୍ତ ନିଆଁ ଲଗାଇଥିବା ମା' ଅଭିଯୋଗ କରିଥିଲେ**

▶▶ **ଘଟଣାସ୍ଥଳରୁ ଜବତ ରୁପା ମୁଦି ଓ ଚୁଡ଼ି କାହାର ?**



■ **ପୁରୀ, ୩।୮ (ସମିସ):** ଦୀର୍ଘ ୧୫ ଦିନର ଜୀବନ ମରଣ ସହ ଲଢ଼େଇ ଭିତରେ ହାରିଯାଇଛନ୍ତି ବଲାଙ୍ଗୀ ପୀଡ଼ିତା । ସେ ସୁସ୍ଥ ହୋଇ ଘରକୁ ଫେରିବାର ବିଶ୍ୱାସକୁ ଭାଙ୍ଗି ତାଙ୍କ ଦେହାନ୍ତ ଅନେକ ଅସମାହିତ ପ୍ରଶ୍ନ ଛିଡ଼ା କରିଦେଇଛି । ପୀଡ଼ିତାଙ୍କ ମୃତ୍ୟୁଠାରୁ ପୁଲିସର ତଦନ୍ତ, ସବୁକୁ ନେଇ ରାଜ୍ୟବାସୀ ବି ଦ୍ୱନ୍ଦ୍ୱରେ । ଚିକିତ୍ସା ଠିକ୍ ଥିଲା, ତଦନ୍ତ ବି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା । ହଠାତ୍ ଏମିତି କ'ଣ ହେଲା? ପୀଡ଼ିତାଙ୍କ ମୃତ୍ୟୁ ପରେ ସବୁକିଛି କାହିଁକି ସନ୍ଦେହ ଭିତରକୁ ଟାଣି ହୋଇଯାଇଛି । ଏହାର ଉତ୍ତରକୁ ଅପେକ୍ଷା କରିଥିବା ରାଜ୍ୟବାସୀଙ୍କୁ ସବୁଠୁ ଅଧିକ ଚକିତ କରିଛି ପୁଲିସର ସ୍ୱଷ୍ଟୋକ୍ତି । ପୀଡ଼ିତା ଦିଲ୍ଲୀ ଏମ୍ସରେ ଆଖି ବୁଜିବାର ମାତ୍ର କେଇ ମିନିଟ୍ ପରେ ଓଡ଼ିଶା ପୁଲିସ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରିଥିଲା, 'ଏହି ଘଟଣାରେ ପୁଲିସ ପକ୍ଷରୁ ନିଷ୍ଠାର ସହ ତଦନ୍ତ କରାଯାଇଛି । ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି' । ଯଦି ପୀଡ଼ିତାଙ୍କ ଦେହରେ ନିଆଁ ଲଗାଇବାରେ କାହାର ସମ୍ପୃକ୍ତି ନାହିଁ, ତେବେ ପୀଡ଼ିତା କ'ଣ ନିଜେ କିରାସିନି ଢାଳି ନିଆଁ ଲଗାଇ ଦେଇଛନ୍ତି? କ'ଣ ଏମିତି ଘଟଣା ଘଟିଥିଲା ତାଙ୍କ ସହ, ଯେଉଁଥିପାଇଁ ନିଜ ଜୀବନ ନେବାକୁ ସେ ନିଷ୍ପତ୍ତି ନେଇଥିଲେ? ତଦନ୍ତରୁ ପୁଲିସ ଯଦି ଜାଣିଥିଲା ଏଥିରେ କାହାର ହାତ ନାହିଁ, ତେବେ ୧୫ ଦିନ ଧରି କାହିଁକି ଅପେକ୍ଷା କରିଥିଲା? ବିଭିନ୍ନ ସମୟରେ ପୁଲିସ ତଦନ୍ତରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା କହୁଥିଲା, ସେ ତଥ୍ୟ କ'ଣ ଥିଲା । ପୀଡ଼ିତାଙ୍କ ମାଆ ଥାନାରେ ୩ ଜଣ ଦୁର୍ବୃତ୍ତ ତାଙ୍କ ଝିଅକୁ ଟେକିଦେଇ କିରାସିନି ଢାଳି ନିଆଁ ଲଗାଇଥିବା କେଉଁ ଆଧାରରେ ଅଭିଯୋଗ କରିଥିଲେ । ଏ ସବୁକୁ ଦେଖିଲେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ମତ ବଦଳିଗଲା କେମିତି? ବାସ୍ତବରେ ତଦନ୍ତର କଥା ପଦାକୁ ଆସିଛି ନା ତଦନ୍ତର ମୋଡ଼ ବଦଳାଇ ଦିଆଯାଇଛି?

ଜୁଲାଇ ୧୯ ତାରିଖରେ ବଲାଙ୍ଗୀ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ସକାଳ ପ୍ରାୟ ୮ଟା । ବଲାଙ୍ଗୀ ଥାନା ବାୟାବର ନୂଆ ଗୋପାଳପୁରର ନାବାଳିକା ସମ୍ପର୍କୀୟଙ୍କ ଘରକୁ ବହି ▶ପୃଷ୍ଠା-୭






# ଗାଜାରେ ଇସ୍ରାଏଲ ସେନା ଗୁଳିରେ ୧୦ ମୃତ

ଗାଜା,୩।୮ (ଏଜେନ୍ସି): ଗାଜାରେ ଇସ୍ରାଏଲ ସେନା ଦୁଇଟି ସହାୟତା ବଣ୍ଟନ କେନ୍ଦ୍ର ନିକଟରେ ଗୁଳି ମାଡ଼ କରିଛି। ଏଥିରେ ଅତିକମ୍‌ରେ ୧୦ଜଣ ପ୍ରାଣ ହରାଇଛନ୍ତି। ଶନିବାର ଏହି ସହାୟତା କେନ୍ଦ୍ରରେ ଭୋକିଲା ପାଲେଷ୍ଟାଇନ୍ ନାଗରିକମାନେ ଖାଦ୍ୟ ଅନ୍ୱେଷଣରେ ଥିବା ବେଳେ ଏହି କାଣ୍ଡ ଘଟିଛି। ଆମେରିକାର ବରିଷ୍ଠ ଅଧିକାରୀମାନେ ଗାଜା ହ୍ୟୁମାନଟାରିଆନ ସେଣ୍ଟର (ଜିଏଚ୍‌ଏଫ୍) ପରିଦର୍ଶନ କରିବାର ଗୋଟିଏ ଦିନ ପରେ ଏହି ଗୁଳିକାଣ୍ଡ ଘଟିଛି। କେବଳ ସେତିକି ନୁହଁ ଜିକିମ୍ କ୍ରସିଂ ନିକଟରେ ସାହାଯ୍ୟ ପାଇବା ଆଶାରେ ଏକାଠି ହେଉଥିବାବେଳେ ଗୁଳିମାଡରେ ଆଉ ୧୯ଜଣ ଲୋକ ପ୍ରାଣ ହରାଇଛନ୍ତି ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଆମ୍ବୁଲାନ୍ସ ଓ ଏମର୍ଜେନ୍ସି ସର୍ଭିସ ତରଫରୁ କୁହାଯାଇଛି।

### ରୁଷିଆରେ ଆଉ ଏକ ଶକ୍ତିଶାଳୀ ଭୂକମ୍ପ

# ୬୦୦ ବର୍ଷ ପରେ ଆଗ୍ନେୟ ଉଦ୍‌ଗୀରଣ

ମସ୍କୋ,୩।୮ (ଏଜେନ୍ସି): ରୁଷିଆର କୁରିଲ ଦୀପପୁଞ୍ଜରେ ଆଉ ଏକ ଶକ୍ତିଶାଳୀ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ଏହାର ତୀବ୍ରତା ୭.୦ ଥିଲା। ଫଳରେ ରୁଷିଆର ସୁଦୂର ପୂର୍ବାଞ୍ଚଳରେ ଥିବା କାମଚାଟକା ଉପଦୀପର ୩ଟି ଉପକୂଳବର୍ତ୍ତୀ ଅଞ୍ଚଳରେ ସୁନାମୀ ସତର୍କତା ଜାରି କରାଯାଇଛି। ପ୍ୟାସିଫିକ୍ ସୁନାମୀ ୱାର୍ଣ୍ଣିଂ ସିଷ୍ଟମ ଓ ୟୁଏସ୍ ଜିଓଲୋଜିକାଲ ସର୍ଭେ ଏହି ଭୂକମ୍ପର ଶକ୍ତି ଓ ଘନତାକୁ ନିଶ୍ଚିତ କରିଛି। ରୁଷିଆର ଅନ୍ୟ ଉପକୂଳବର୍ତ୍ତୀ ଅଞ୍ଚଳରେ ସୁନାମୀର ଆଶଙ୍କା ନାହିଁ ବୋଲି କୁହାଯାଇଛି। ଏହି ଭୂକମ୍ପ କାରଣରୁ ରୁଷିଆର କାମାଚଟକାରେ ଥିବା କ୍ରାସେନିନିକୋଭର ସୁପ୍ତ ଆଗ୍ନେୟଗିରି ଦୀର୍ଘ ୬୦୦ ବର୍ଷ ପରେ ଜୀବନ୍ତ ହୋଇଛି ଓ ଏଥିରୁ ଅଗ୍ନି ଉଦ୍‌ଗୀରଣ ହୋଇଛି।

# ଚିଦମ୍ବରମ୍ ମିଥ୍ୟା ପ୍ରଚାର କରୁଛନ୍ତି: ଇସି

ଚେନ୍ନଇ, ୩।୮ (ଏଜେନ୍ସି): ନିର୍ବାଚନ କମିଶନ (ଇସି) ରବିବାର କଂଗ୍ରେସ ନେତା ପି ଚିଦମ୍ବରମଙ୍କୁ ଦୃଢ଼ ଜବାବ ଦେଇଛନ୍ତି। ବିହାରର ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) କୁ ତାମିଲନାଡୁ ସହ ଯୋଡ଼ିବା ବୃଥା ତଥା ଆଧାରହୀନ ବୋଲି କହିଛନ୍ତି। ଏହା ପୂର୍ବରୁ ଶନିବାର ଚିଦମ୍ବରମ ବିହାର ଏସ୍‌ଆଇଆରକୁ ସମାଲୋଚନା କରି ଭୋଟର ତାଲିକାରୁ ଲକ୍ଷ ଲକ୍ଷ ନାମକୁ ବାଦ୍ ଦିଆଯାଇଥିବା କହିଥିଲେ। ବିହାରରୁ ୬୫ ଲକ୍ଷ ଭୋଟର ସବୁଦିନ ପାଇଁ ଅନ୍ୟ ସ୍ଥାନକୁ ପଳାଇଛନ୍ତି ବୋଲି ଇସି କେମିତି ଜାଣିଲେ? କେଉଁ ଆଧାରରେ ଏହାକୁ ହଟାଇ ଦେଲେ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଶ୍ନ କରିଥିଲେ। ଏହା ପ୍ରବାସୀ ଶ୍ରମିକଙ୍କ ପାଇଁ ଅପମାନ ବୋଲି କହିଥିଲେ। ସେ ପୁଣି ତାମିଲନାଡୁରେ ୬.୫ ଲକ୍ଷ ଲୋକଙ୍କୁ ଭୋଟର ତାଲିକାରେ ସାମିଲ କରାଯାଇଥିବା ଦାବି କରିଥିଲେ। କିନ୍ତୁ ନିର୍ବାଚନ କମିଶନଙ୍କ ଚିଦମ୍ବରମଙ୍କ ଦାବିକୁ ଭ୍ରମାତ୍ମକ କହି ଖାରଜ କରିଦେଇଛନ୍ତି। ତାମିଲନାଡୁରେ ଏ ପର୍ଯ୍ୟନ୍ତ ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ୬.୫ ଲକ୍ଷ ଭୋଟରଙ୍କୁ ଯୋଡ଼ିବା ନେଇ ଚିଦମ୍ବରମ ମିଥ୍ୟା ତଥ୍ୟ ଦେଉଛନ୍ତି ବୋଲି କୁହାଯାଇଛି। ଏଭଳି ମିଥ୍ୟା ମନ୍ତବ୍ୟରୁ ବିରତ ରହିବାକୁ ଇସି ପରାମର୍ଶ ଦେଇଛନ୍ତି।

# ଆମେରିକାରେ ନିଖୋଜ ୪ ଭାରତୀୟ କାର୍ ଦୁର୍ଘଟଣାରେ ମୃତ



ନୂଆଦିଲ୍ଲୀ,୩।୮ (ଏଜେନ୍ସି): ଆମେରିକାରେ ୫ ଦିନ ତଳେ ଏକ ଧାର୍ମିକ ଯାତ୍ରା ଅବସରରେ ନିଖୋଜ ଭାରତୀୟ ବଂଶୋଦ୍ଭବ ପରିବାରର ୪ ଜଣ ବରିଷ୍ଠ ସଦସ୍ୟ କାର୍ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଛନ୍ତି। ରବିବାର ଏମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମାର୍ଶାଲ କାଉଣ୍ଟି ଶେରିଫ୍ ଅଫିସ ତରଫରୁ ଏହି ସୂଚନା ଦିଆଯାଇଛି। ସମସ୍ତଙ୍କ ବୟସ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୋଲି କୁହାଯାଇଛି। ହାଲକା ସବୁଜ ରଙ୍ଗର ଟୋୟଟା କାମ୍ରି କାର ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ଏକ ବଡ୍ ହ୍ୱିଲିଂ କ୍ରିକ୍ ରୋଡ ନିକଟରେ କ୍ଷତିଗ୍ରସ୍ତ ଅବସ୍ଥାରେ ରହିଥିଲା। ଏପରିକି ସେଠାରେ ପହଞ୍ଚିବାକୁ ଉଦ୍ଧାରକାରୀ ଦଳକୁ ପାଖାପାଖି ୫ ଘଣ୍ଟା ସମୟ ଲାଗିଥିଲା। ଦୁର୍ଘଟଣାର କାରଣ ନେଇ ଯାଞ୍ଚ କରାଯିବ ବୋଲି କୁହାଯାଇଛି। ମୃତ୍ୟୁବରଣ କରିଥିବା ଏହି ୪ ବରିଷ୍ଠ ନାଗରିକମାନେ ହେଲେ କିଶୋର ଦିବାନ (୮୯), ଆଶା ଦିବାନ (୮୫), ଶୈଳେଶ ଦିବାନ (୮୬) ଓ ଗୀତା ଦିବାନ(୮୪)। ଏମାନଙ୍କୁ ଜୁଲାଇ ୨୯ରେ ପେନସିଲଭାନିଆର ଏରିରେ ପିଚ୍ ଷ୍ଟ୍ରିଟ୍‌ସ୍ଥିତ ଏକ ବର୍ଗର କିଙ୍ଗ୍ ଆଉଟ୍‌ଲେଟ୍‌ରେ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ଏମାନେ ସମସ୍ତେ ମାର୍ଶାଲ କାଉଣ୍ଟିର ପ୍ୟାଲେସ ଅଫ୍ ଗୋଲ୍ଡକୁ ଯାତ୍ରା କରୁଥିବାବେଳେ ଏହି ଦୁର୍ଘଟଣା ହୋଇଥିଲା। ଇସ୍କନପ୍ରତିଷ୍ଠାତା ସ୍ୱାମୀ ପ୍ରଭୁପାଦଙ୍କ ଶିଷ୍ୟମାନେ ଏହାକୁ ପ୍ରତିଷ୍ଠା କରିଥିଲେ ଓ ଏହା ଏକ ପ୍ରସିଦ୍ଧ ତୀର୍ଥସ୍ଥଳୀ ଭାବେ ଖ୍ୟାତି ହାସ କରିଛି।

# ଅପ୍ରତ୍ୟାଶିତ ମୋଡ଼ ନେଲା ପିଓକେରେ ଆତଙ୍କୀର ଶବ ଶୋଭାଯାତ୍ରା

## ଆତଙ୍କବାଦୀଙ୍କୁ ପରିବାର ସଦସ୍ୟଙ୍କ ବିରୋଧ

ଶ୍ରୀନଗର,୩।୮ (ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ପାକିସ୍ତାନର ମୁଖା ପୁଣି ଖୋଲିଛି। ଅପରେସନ ମହାଦେବରେ ଭାରତୀୟ ସେନା ଦ୍ୱାରା ଏନ୍‌କାଉଣ୍ଟର ମୃତ୍ୟୁବରଣ କରିଥିବା ତାହିର ହବିବ୍ ନାମକ ଆତଙ୍କବାଦୀର ଶବ ଶୋଭାଯାତ୍ରା ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଅଭାବନୀୟ ଘଟଣା ଘଟିଥିଲା। ତାହିରର ଜନାଜା-ଇ- ଗାଏବ ପିଓକେର କାଇ ଗଲ୍ଲା ଗାଁରେ ବାହର କରାଯାଇଥିଲା। ଯେତେବେଳେ ମୃତ ଦେହ ନ ଥାଏ ସେତେବେଳେ ଜନାଜା-ଇ- ଗାଏବ ବାହାର କରାଯାଇଥାଏ। ଏଥିରେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ। କିନ୍ତୁ ଏହି ଶୋଭାଯାତ୍ରା ଅପ୍ରତ୍ୟାଶିତ ଭାବେ ଏକ ଭିନ୍ନ ମୋଡ ନେଇଥିଲା। ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ବୟସ୍କ ବ୍ୟକ୍ତି, ପୂର୍ବତନ ପାକ ସୈନିକ ଓ ଆତଙ୍କୀ ସଂଗଠନ ଲସ୍କର-ଇ- ତୋଏବା(ଏଲ୍‌ଇଟି)ର ସଦସ୍ୟ ଯୋଗ ଦେଇଥିଲେ। କିନ୍ତୁ ତାହିର ପରିବାର ଏମାନଙ୍କୁ ବିରୋଧ କରିଥିଲେ। ଯେତେବେଳେ ଏଲ୍‌ଇଟିର ସ୍ଥାନୀୟ କମାଣ୍ଡର ରିଜୱାନ ହନିଫ୍ କେତେ ଜଣ ସଶସ୍ତ୍ର ଆତଙ୍କୀଙ୍କ ସହ ସେଠାରେ ପହଞ୍ଚିଲା, ସେତେବେଳେ ତାହିର ପରିବାର ସଦସ୍ୟ ସେମାନଙ୍କୁ ଦୃଢ ବିରୋଧ କରିଥିଲେ। ଏପରିକି ତାହିରର ଜଣେ ପୁତୁରା ବନ୍ଧୁକ ଧରି ସେମାନଙ୍କୁ ଚାଲିଯିବାକୁ ଧମକ ଦେଇଥିଲେ। ଶୋଭାଯାତ୍ରାରେ ଠେଲାପେଲା ହେବା ସହ ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ହନିଫ୍ ଓ ତା'ର ସହଯୋଗୀ ସେଠାରୁ ଚାଲିଯିବାକୁ ବାଧ୍ୟ ହୋଇଥିଲେ। ପୂର୍ବରୁ ମଧ୍ୟ ଅପରେସନ ସିନ୍ଦୂରରେ ମୃତାହତ ହୋଇଥିବା ଆତଙ୍କୀଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ପାକିସ୍ତାନ ସେନା ଅଧିକାରୀ ମାନେ ଯୋଗ ଦେଇଥିଲେ। ଏଥିସହ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନର ହାତ ଅଛି ବୋଲି ପୁଣି ପ୍ରମାଣିତ ହୋଇଛି।



# ଟ୍ରମ୍ପଙ୍କ ପାଗଳାମି: ୬ ମାସରେ ବଦଳାଇଲେଣି ୩୪ ନିଷ୍ପତ୍ତି

ୱାଶିଂଟନ, ୩।୮ (ଏଜେନ୍ସି):

ଶପଥ ଗ୍ରହଣ ପରଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆତଙ୍କ ସୃଷ୍ଟି କରିଛନ୍ତି। କେବେ ପ୍ରବାସୀଙ୍କୁ ନିଶାଣ କରୁଛନ୍ତି ତ ଆଉ କେବେ ଶୁଳ୍କ ଲଗାଇ ବିଶ୍ୱ ଅର୍ଥନୀତିକୁ ଅସ୍ଥିର କରିବାକୁ ପ୍ରୟାସ କରିଛନ୍ତି। ସେ ୧୯୪ ଦିନ ହେଲା କ୍ଷମତାସୀନ ହେଲେଣି। କିନ୍ତୁ ତାଙ୍କର ଏହି କାର୍ଯ୍ୟକାଳ ଅଶାନ୍ତିପୂର୍ଣ୍ଣ ଏବଂ ୟୁ-ଟର୍ଣ୍ଣ ଭରା ରହିଛି। ଶୁଳ୍କ ନୀତିକୁ ନେଇ ସର୍ବାଧିକ ଅସ୍ଥିରତା ଦେଖା ଦେଇଛି। ଏ ପର୍ଯ୍ୟନ୍ତ ଟ୍ରମ୍ପ ଜବାବୀ ଶୁଳ୍କ ସମ୍ବନ୍ଧିତ ୨୮ ନିଷ୍ପତ୍ତିକୁ ବଦଳାଇ ଦେଇଛନ୍ତି। ତେଣୁ ଟ୍ରମ୍ପଙ୍କୁ ଏବେ ପଲ୍‌ଟୁରାମ କୁହାଗଲାଣି। ସେ ଶୁଳ୍କ ପାଇଁ ଯେତିକି ଚର୍ଚ୍ଚାରେ ଅଛନ୍ତି ତାଠୁ ଅଧିକ ଚର୍ଚ୍ଚା ନିଜ ନିଷ୍ପତ୍ତିକୁ ବଦଳାଇବାକୁ ନେଇ ହେଉଛି।

ଏପର୍ଯ୍ୟନ୍ତ ରେକର୍ଡ ୧୭୮ଟି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ଟ୍ରମ୍ପ ସ୍ୱାକ୍ଷର କରିଛନ୍ତି। ଅର୍ଥାତ୍ ପ୍ରତିଦିନ ପ୍ରାୟ ଗୋଟିଏ ନୂଆ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ଏଥିମଧ୍ୟରୁ ୩୪ଟି ନିଷ୍ପତ୍ତିକୁ ଟ୍ରମ୍ପ ପ୍ରତ୍ୟାହାର କରି ନେଇଛନ୍ତି। ଉଦାହରଣ ସ୍ୱରୂପ ଗବେଷଣା ପାଣ୍ଠି ବନ୍ଦ କରିବାର ନିର୍ଦ୍ଦେଶକୁ ଆମେରିକା ରାଷ୍ଟ୍ରପତି ମାତ୍ର ୩ ଦିନ ମଧ୍ୟରେ ପ୍ରତ୍ୟାହାର କରି ନେଇଥିଲେ। ଗ୍ୟାସ ଏବଂ ଶକ୍ତି କ୍ଷେତ୍ରରେ ଦିଆଯାଉଥିବା ରିହାତି ପ୍ରତ୍ୟାହାର କରିବାକୁ ମଧ୍ୟ ସେ ଘୋଷଣା କରିଥିଲେ। ତେବେ ଦୁଇ ସପ୍ତାହ ପରେ ଏଥିରୁ ଟ୍ରମ୍ପ ୟୁ-ଟର୍ଣ୍ଣ ନେଇଥିଲେ। ବେଆଇନ ପ୍ରବାସୀ, ଶୁଳ୍କ ଏବଂ ଏଲଜିବିଟିକ୍ୟୁ ଅଧିକାର ପର୍ଯ୍ୟନ୍ତ ଟ୍ରମ୍ପ ଅନେକ ଥର ନିଜ ନିର୍ଦ୍ଦେଶକୁ ପ୍ରତ୍ୟାହାର କରି ନେଇଛନ୍ତି। ଟ୍ରମ୍ପଙ୍କ ୟୁ-ଟର୍ଣ୍ଣର ଗୁରୁତର ପ୍ରଭାବ ଶିଳ୍ପ ଉପରେ ପଡିଛି। ଉଦ୍ୟୋଗ ଜଗତ ସବୁଠାରୁ ଅଧିକ ଦ୍ୱନ୍ଦ୍ୱରେ ରହିଛି।

**ଶୁଳ୍କ ଘୋଷଣା କରି ୨୮ ଥର ଦେଲେଣି ପଛଘୁଞ୍ଚା**

**ନିଷ୍ପତ୍ତି ନିଅନ୍ତି; କିନ୍ତୁ ଅଟଳ ରୁହନ୍ତି ନାହିଁ**

ଆମେରିକା ରାଷ୍ଟ୍ରପତି ନିଜ ନିଷ୍ପତ୍ତିକୁ ନିଜେ ପ୍ରତ୍ୟାହାର କରିବା ପଛରେ ଆଇନଗତ ମାମଲା ରହିଛି। ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରି କୋର୍ଟରେ ମାମଲାର ବନ୍ୟା ଆସିଛି। ଆମେରିକାର ସଂଘୀୟ ଅଦାଲତ ଉପରେ ଅଚାନକ ନିଷ୍ପତ୍ତି ଏବଂ ଏହାକୁ ପଲଟାଇବା ଓ ଆଇନଗତ ବିରୋଧର ଚାପ ବଢ଼ିବାରେ ଲାଗିଛି। ବିଶେଷଜ୍ଞଙ୍କ ଅନୁଯାୟୀ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' ନାମରେ ନେଇଥିବା ନିଷ୍ପତ୍ତି ଉପରେ ୟୁ-ଟର୍ଣ୍ଣ ନେଇ ଟ୍ରମ୍ପ ପ୍ରଶାସନ ଏବଂ ଜନସାଧାରଣଙ୍କୁ ଦ୍ୱନ୍ଦ୍ୱରେ ପକାଇଛନ୍ତି।

ବିନା ଭାବିଚିନ୍ତି ଟ୍ରମ୍ପ ନେଇଥିବା ନିଷ୍ପତ୍ତି ଉପରେ କୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏ ପର୍ଯ୍ୟନ୍ତ ଟ୍ରମ୍ପ ପ୍ରଶାସନର ନିର୍ଦ୍ଦେଶ ବିରୋଧରେ ଦାଏର ଆବେଦନଗୁଡିକରୁ ୨୦୦ରୁ ଅଧିକ ମାମଲାରେ କୋର୍ଟ ସ୍ଥଗିତାଦେଶ ଲଗାଇ ସାରିଲେଣି। ଏଗୁଡିକ ମଧ୍ୟରୁ ଅଧିକାଂଶ କ୍ଷେତ୍ରରେ ସଂଘୀୟ ଅଦାଲତ ତୁରନ୍ତ ହସ୍ତକ୍ଷେପ କରିଥିଲେ। ଅସାମ୍ବିଧାନିକ କିମ୍ବା ତରବରିଆ ଭାବେ ପ୍ରଶାସନ ଏହି ସବୁ ନିଷ୍ପତ୍ତି ନେଇଥିଲା ବୋଲି କହିଥିଲେ। ଉଦାହରଣ ସ୍ୱରୂପ ଜନ୍ମଗତ ନାଗରିକତା ଶେଷ କରିବା ନିଷ୍ପତ୍ତି ଉପରେ ଅନେକ କୋର୍ଟ ତୁରନ୍ତ ସ୍ଥଗିତାଦେଶ ଲଗାଇ ଥିଲେ। ଏହା ୧୪ତମ ସମ୍ବିଧାନ ସଂଶୋଧନର ବିରୋଧୀ ବୋଲି କହିଥିଲେ। ଜଣେ ବିଚାରପତି ସମାନତା-ସମ୍ବନ୍ଧୀୟ ଚୁକ୍ତିନାମା ବାତିଲକୁ ରୋକି ଦେଇଥିଲେ। ଆଉ ଜଣେ ବିଚାରପତି ଇକ୍ୱିଟି ସମ୍ବନ୍ଧିତ ଠିକା ରଦ୍ଦ ଉପରେ କଟକଣା ଲଗାଇ ଦେଇଥିଲେ। ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ ବିଚାରପତିମାନେ ମଧ୍ୟ ଅନେକ ମାମଲା ଉପରେ ରୋକ୍ ଲଗାଇଛନ୍ତି। ଏ ପର୍ଯ୍ୟନ୍ତ ଟ୍ରମ୍ପ ପ୍ରଶାସନ ବିରୋଧରେ ୩୨୯ ମାମଲା ରୁଜୁ ହେଲାଣି। ଏହି ଆବେଦନକାରୀଙ୍କ ମଧ୍ୟରେ ରାଜ୍ୟ ସରକାର, ବିଶ୍ୱବିଦ୍ୟାଳୟ ଏବଂ ସାଧାରଣ ନାଗରିକ ସାମିଲ ଅଛନ୍ତି।

କାନାଡ଼ା ଏବଂ ଚୀନ୍ ଭଳି ବ୍ୟାବସାୟିକ ସହଯୋଗୀଙ୍କ ଉପରେ ଶୁଳ୍କ ଘୋଷଣା କରିବା ପରେ ବଜାରରେ ଅସ୍ଥିରତା ଏବଂ କୂଟନୈତିକ ଚାପ ଯୋଗୁଁ ଟ୍ରମ୍ପ ଅନେକ ଥର ପଛଘୁଞ୍ଚା ଦେଇଛନ୍ତି। ଶୁଳ୍କ କାର୍ଯ୍ୟକାରୀ କରିବାର କଣ୍ଟରୁ ଟ୍ରମ୍ପ ତିନି ଥର ଓହରି ଯାଇଛନ୍ତି। ଏହାକୁ ଲାଗୁ କରିବା ପାଇଁ ପ୍ରଥମେ ଜୁଲାଇ ୯, ପରେ ଅଗଷ୍ଟ ୧ ଏବଂ ଏବେ ଅଗଷ୍ଟ ୭ ତାରିଖ ଧାର୍ଯ୍ୟ କରିଛନ୍ତି। ଟ୍ରମ୍ପ ୨୪ ଘଣ୍ଟା ମଧ୍ୟରେ ଗାଜା ଯୁଦ୍ଧ ବନ୍ଦ କରିଦେବେ ବୋଲି କହିଥିଲେ। କିନ୍ତୁ ୬ ମାସ ବିତି ଯାଇଥିଲେ ବି ଏହାକୁ ରୋକି ପାରି ନାହାନ୍ତି। ସେ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେବେ ବୋଲି ମଧ୍ୟ ଦାବି କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କରିପାରି ନାହାନ୍ତି। ଟ୍ରମ୍ପ ଜୁଲାଇ ୯ରେ ୟୁକ୍ରେନକୁ ସାମରିକ ସହାୟତା ରୋକି ଦେଇଥିଲେ, ମାତ୍ର ପରେ ୧୦ ପାଟ୍ରିୟଟ ମିସାଇଲ ଏବଂ ଅନ୍ୟ ସାମରିକ ସହାୟତା ପଠାଇବାକୁ କହିଥିଲେ। ସେ ଜାନୁଆରୀ ୨୨ରେ ବେଆଇନ ପ୍ରବାସୀଙ୍କୁ ପ୍ରତ୍ୟର୍ପଣ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କୋର୍ଟଙ୍କ ଭୟରେ ନିର୍ଦ୍ଦେଶ ରଦ୍ଦ କରି ଦେଇଥିଲେ। ପରେ ନୂଆ ନିର୍ଦ୍ଦେଶ ଜାରି କରିଥିଲେ।

# ସ୍ପାଇସ୍‌ଜେଟ୍ କର୍ମଚାରୀଙ୍କୁ ପିଟିଲେ ସେନା ଅଧିକାରୀ

ଶ୍ରୀନଗର,୩।୮ (ଏଜେନ୍ସି): ଜମ୍ମୁ- କଶ୍ମୀର ବିମାନବନ୍ଦରରେ ଅତିରିକ୍ତ ଲଗେଜକୁ ନେଇ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ସେନା ଅଧିକାରୀ ସ୍ପାଇସ୍‌ଜେଟ୍‌ର ୪ ଜଣ କର୍ମଚାରୀଙ୍କୁ ଗୋଡାଇ ଗୋଡାଇ ପିଟିଛନ୍ତି। ଜଣଙ୍କର ମେରୁଦଣ୍ଡ ହାଡ ଭାଙ୍ଗିଯାଇଥିବା ବେଳେ ଜଣଙ୍କର ମୁହଁରେ ମାଡ ହୋଇଛି। ଆଉଜଣଙ୍କର ନାକରୁ ରକ୍ତ ବାହାରିଥିବା ବେଳେ ଆଉ ଜଣେ କର୍ମଚାରୀ ବେହୋସ ହୋଇଯାଇଥିଲେ। ଜୁଲାଇ ୨୬ରେ ଏହି ଘଟଣା ଘଟିଥିବା ବେଳେ ଏବେ ଏହା ସାମ୍ନାକୁ ଆସିଛି।



ଅଭିଯୁକ୍ତ ସେନା ଅଧିକାରୀ ରିତେଶ କୁମାର ସିଂଙ୍କୁ ଏୟାରଲାଇନ୍ସ ନୋ ଫ୍ଲାଇଂ ଲିଷ୍ଟରେ ସାମିଲ କରିଛି। ଶ୍ରୀନଗରରୁ ଏସ୍‌ଜି-୩୮୬ ଦିଲ୍ଲୀ ଯିବା ବେଳେ ଏହି ଘଟଣା ଘଟିଥିଲା। ଅଧିକାରୀଜଣକ ଦୁଇଟି କ୍ୟାବିନ ବ୍ୟାଗେଜ ନେଇ ଯାଉଥିଲେ ଓ ଏହାର ଓଜନ ୧୬ କେଜି ଥିଲା। ଏହା ୭ କେଜି ସୀମାର ଦୁଇଗୁଣା ଥିଲା। ଅଧିକ ଓଜନ ହେଉଥିବାରୁ ଅଧିକ ପେମେଣ୍ଟ ଦେବାକୁ ହେବ ବୋଲି କର୍ମଚାରୀ କହିଥିଲେ। କିନ୍ତୁ ଅଧିକାରୀ ଅଧିକ ପଇସା ଦେବାକୁ ମନା କରିଦେଇଥିଲେ। ଏହାପରେ ସେ ଜବରଦସ୍ତି ଏୟାରବ୍ରିଜ୍‌କୁ ଯାଇଥିଲେ। ଏହା ନିୟମର ଉଲ୍ଲଂଘନ ଥିଲା। କର୍ମଚାରୀ ତାଙ୍କୁ ରୋକିବାକୁ ଚେଷ୍ଟା କରୁଥିବା ବେଳେ ଅଧିକାରୀଜଣକ ତାଙ୍କୁ ଲାଇନ୍‌ରେ ରଖାଯାଇଥିବା ଷ୍ଟାଣ୍ଡରେ ପିଟିବାକୁ ଆରମ୍ଭ କରିଥିଲେ। ସେ ଗୋଇଠା, ବିଧା ଚାପୁଡା ମାରିଚାଲିଥିଲେ।

## ନିର୍ବାଚନ କମିସନଙ୍କୁ ନେଇ ସନ୍ଦେହରେ ଜନତା: ଗୋଗୋଇ

ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ଲୋକସଭା ଉପନେତା ତଥା କଂଗ୍ରେସ ସାଂସଦ ଗୌରବ ଗୋଗୋଇ ନିର୍ବାଚନ କମିଶନ (ଇସି)ଙ୍କ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ସଂସଦରେ ଭୋଟର ତାଲିକା ସଂଶୋଧନକୁ ନେଇ ଚର୍ଚ୍ଚା ହେଉ ବୋଲି ବିରୋଧୀ ଚାହୁଁଛନ୍ତି। ମାତ୍ର ସରକାର ଏହାକୁ ଟାଳି ଚାଲିଛନ୍ତି। ଆଜି ଜନତାଙ୍କ ମନରେ ଇସିଙ୍କ ନିରପେକ୍ଷତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହା ଉପରେ ଚର୍ଚ୍ଚା କରିବାକୁ ସରକାର କାହିଁକି ଚାହୁଁ ନାହାନ୍ତି? ଗତ ବିଧାନସଭା ଏବଂ ଲୋକସଭା ନିର୍ବାଚନରେ କରାଯାଇଥିବା ଜାଲିଆତିକୁ ଲୁଚାଇବାକୁ ଉଦ୍ୟମ କରାଯାଉଛି କି ବୋଲି ଗୋଗୋଇ ପଚାରିଛନ୍ତି। ଏହାକୁ ନେଇ କୌଣସି ବିଭାଗ ଅଧିନରେ ଇସି ଆସୁନାହାନ୍ତି, ତେଣୁ ଚର୍ଚ୍ଚା ହେବ ନାହିଁ ବୋଲି ସରକାର କହୁଥିବା ଗଣମାଧ୍ୟମ ପ୍ରତିନିଧି ଉଲ୍ଲେଖ କରିଥିଲେ। ଏହାର ଜବାବରେ ଗୋଗୋଇ କହିଥିଲେ ଯେ ଏଭଳି ଟିପ୍ପଣୀ ଆଧାରହୀନ। ପ୍ରଧାନମନ୍ତ୍ରୀ ଏବଂ ସରକାର ମୁଖ୍ୟ ନିର୍ବାଚନ କମିଶନରଙ୍କୁ ନିଯୁକ୍ତି କରୁଛନ୍ତି। ଏଭଳି ସ୍ଥିତିରେ ସେ ଦାୟୀ ରହିବା ଉଚିତ।

# ଦିଲ୍ଲୀ ରାଜନୀତି ସରଗରମ

ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ପୃଥକ ପୃଥକ ସାକ୍ଷାତ କରିବା ଘଟଣା ଦିଲ୍ଲୀ ରାଜନୀତିକୁ ସରଗରମ କରିଦେଇଛି। ସେମାନଙ୍କର ଅଚାନକ ଏଭଳି ସାକ୍ଷାତ ଘଟଣା

**ରାଷ୍ଟ୍ରପତିଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ**

**କିଛି ସମୟ ପରେ ସାକ୍ଷାତ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ**

ସଂପର୍କରେ ସରକାରୀ ଭାବେ କିଛି କୁହାଯାଇ ନଥିଲେ ମଧ୍ୟ ରାଜନୈତିକ ମହଲରେ ଏହାର କାରଣକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି।



ପ୍ରଧାନମନ୍ତ୍ରୀ ମୋଦୀ ଆଜି ପ୍ରଥମେ ରାଷ୍ଟ୍ରପତିଭବନ ଯାଇ ଶ୍ରୀମତୀ ମୁର୍ମୁଙ୍କୁ ସାକ୍ଷାତ କରିଥିଲେ। ସେମାନଙ୍କ ମଧ୍ୟରେ ୪୦ ମିନିଟ ଧରି ଆଲୋଚନା ହୋଇଥିଲା। ଏହାର କିଛି ସମୟ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମଧ୍ୟ ରାଷ୍ଟ୍ରପତି ଭବନ ଯାଇ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ଚାଲିଥିବା ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ଏହାକୁ ନେଇ ସଂସଦ ଅଚଳ ରହିଛି। ପୁଣି ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଧାର୍ଯ୍ୟ କରିଛନ୍ତି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବିଚାର ଆଲୋଚନା ହୋଇଥିବାର କୁହାଯାଉଛି। ଦିଲ୍ଲୀ ରାଜନୈତିକ ମହଲରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ ଧନଖଡ଼ଙ୍କ ଇସ୍ତଫା ପରେ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ନିର୍ବାଚନ କମିସନ। ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥାଇପାରେ। ପୁଣି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସମ୍ଭାବ୍ୟ ଅଦଳବଦଳ ଚର୍ଚ୍ଚା ମଧ୍ୟ ଜୋର ଧରିଛି। ଏସଂପର୍କରେ ମଧ୍ୟ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥାଇପାରେ। ଆଗାମୀ କିଛି ଦିନ ମଧ୍ୟରେ କିଛି ଗୋଟିଏ ବଡ଼ ଧରଣର ରାଜନୈତିକ ପରିବର୍ତ୍ତନ ହୋଇପାରେ ବୋଲି କୁହାଯାଉଛି।

# ତେଜସ୍ୱୀଙ୍କୁ ନିର୍ବାଚନ କମିସନଙ୍କ ନୋଟିସ

## ଭୋଟର ଆଇଡିର ୨ଟି ଏପିକ୍ ନମ୍ବର କେମିତି ପାଇଲେ ?

ପାଟନା, ୩।୮ (ଏଜେନ୍ସି):

ବିଧାନସଭା ନିର୍ବାଚନ ପୂର୍ବରୁ ବିହାର ରାଜନୀତି ସରଗରମ ହୋଇଉଠିଛି। ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆର ପ୍ରକ୍ରିୟାକୁ ନେଇ ତୁମ୍ବିତୋଫାନ ଚାଲିଥିବାବେଳେ ନିର୍ବାଚନ କମିଶନ ନୂଆ ଚିଠା ତାଲିକା ଜାରି କରିଛନ୍ତି। ଏଥିରୁ ତ୍ରୁଟି ଖୋଜିବାକୁ ନେଇ ବିରୋଧୀ ଦଳଗୁଡିକ ଲାଇନ ଲଗାଇ ଥିବାବେଳେ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ସେ ନୂଆ ଭୋଟର ତାଲିକାରେ ନିଜ ଏବଂ ପତ୍ନୀଙ୍କ ନାମ ନ ଥିବା ଦାବି କରିଥିଲେ। ଏହାର ପ୍ରମାଣ ସ୍ୱରୂପ ମୋବାଇଲ ବି ଦେଖାଇ ଥିଲେ। ମାତ୍ର ପରେ ନିର୍ବାଚନ କମିଶନ ପ୍ରମାଣ ସହ ଏହି ଅଭିଯୋଗକୁ ଖଣ୍ଡନ କରିଦେଇଥିଲେ। ଏବେ ମିଥ୍ୟା ଅଭିଯୋଗକୁ ନେଇ ଇସି ତେଜସ୍ୱୀଙ୍କୁ ନୋଟିସ ପଠାଇଛନ୍ତି। ତାଙ୍କ ପାଖରେ ଥିବା ଭୋଟର ଆଇଡି କାର୍ଡର ଦୁଇଟି ଏପିକ ନମ୍ବର କେଉଁଠୁ ଆସିଲା ବୋଲି ପଚାରିଛନ୍ତି। ବିହାର ଦୀଘା ବିଧାନସଭା ନିର୍ବାଚନ ପରିଚାଳନା ଅଧିକାରୀ ପଠାଇ ଥିବା ଏହି ନୋଟିସରେ କୁହାଯାଇଛି ଯେ ତେଜସ୍ୱୀ ଆରଏବି୨୯୧୬୧୨୦ ନମ୍ବର ବିଶିଷ୍ଟ ଏପିକ ନମ୍ବର ଦେଖାଇ ଥିଲେ। କିନ୍ତୁ ଏଭଳି ନମ୍ବର କୌଣସି ଭୋଟର କାର୍ଡ ପାଇଁ ଜାରି ହୋଇନି। ଏହା କେଉଁଠୁ ପାଇଲେ। ଏହି ଏପିକ କାର୍ଡର ବିବରଣୀ ଏବଂ ନିଜ କାର୍ଡକୁ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବା ପାଇଁ ତେଜସ୍ୱୀଙ୍କୁ କୁହାଯାଇଛି। ଏହି ମାମଲାର ଗହନ ଯାଞ୍ଚର ଆବଶ୍ୟକତା ରହିଥିବା ନୋଟିସରେ ଉଲ୍ଲେଖ କରାଯାଇଛି। ସେହିପରି ବୁଥ୍ ନମ୍ବର ୨୦୪ର ୪୧୬ ନମ୍ବର କ୍ରମାଙ୍କରେ ତେଜସ୍ୱୀଙ୍କ ଭୋଟର କାର୍ଡ ରହିଥିବା କୁହାଯାଇଛି।

ଏହି ମାମଲାକୁ ନେଇ କ୍ଷମତାସୀନ ଏନ୍‌ଡିଏ ନେତାମାନେ ତେଜସ୍ୱୀଙ୍କୁ ସମାଲୋଚନା କରିଛନ୍ତି। ତାଙ୍କ ବିରୋଧରେ ଏତଲା ରୁଜୁ କରିବାକୁ ଦାବି କରିଛନ୍ତି। ତେଜସ୍ୱୀ ଶନିବାର ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ମୃତ୍ୟୁ ଏବଂ ଅନ୍ୟତ୍ର ପଳାଇ ଥିବା ଯୋଗୁଁ ୬୫ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଥିବା ଇସି ସୂଚନା ଦେଇଛନ୍ତି। କିନ୍ତୁ ସେମାନଙ୍କ ତାଲିକା, ଠିକଣା, ବୁଥ୍ କିମ୍ବା ଏପିକ ନମ୍ବର ଜାରି କରାଯାଇ ନାହିଁ। ଏଥିଯୋଗୁଁ କାହାକୁ ବାଦ୍ ଦିଆଯାଇଛି ତାହା ଜଣାପଡୁନାହିଁ। ତେଜସ୍ୱୀ କ୍ୟାମେରା ସାମ୍ନାରେ ନିଜ ଏପିକ ନମ୍ବର ଯାଞ୍ଚ କରିଥିଲେ। କିନ୍ତୁ କମିଶନଙ୍କ ଅନଲାଇନ ପୋର୍ଟାଲରେ ତାଙ୍କର କୌଣସି ତଥ୍ୟ ନ ଥିବା କହିଥିଲେ।



### ଇରାନର ଦୁଇ ହଜାର ମୌଲବୀଙ୍କ ଦାବି

# ଟ୍ରମ୍ପଙ୍କୁ ହତ୍ୟା କରାଯାଉ

ତେହରାନ, ୩।୮ (ଏଜେନ୍ସି): ଇରାନର ଦୁଇ ହଜାରରୁ ଅଧିକ ମୌଲବୀଙ୍କ ଦାବିକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରାଯାଉ ବୋଲି କହିଛନ୍ତି। ଟ୍ରମ୍ପଙ୍କ ରକ୍ତ ହଲାଲ ହୋଇ ସାରିଛି। ଅର୍ଥାତ୍ ତାଙ୍କୁ ହତ୍ୟା କଲେ କୌଣସି ଦୋଷ ଲାଗିବ ନାହିଁ। ଜେନେରାଲ କାସିମ ସୁଲେମାନିଙ୍କ ହତ୍ୟାର ପ୍ରତିଶୋଧ ନେବା ପ୍ରତ୍ୟେକ ମୁସଲମାନଙ୍କ ଦାୟିତ୍ୱ। ଇରାନର ସବୁଠୁ ବଡ଼ ଧାର୍ମିକ ଶିକ୍ଷାକେନ୍ଦ୍ର କୁମ ସେମିନାର ପକ୍ଷରୁ ଗତ ଶୁକ୍ରବାର ଜାରି ବୟାନରେ ଏଭଳି ଟିପ୍ପଣୀ ଦିଆଯାଇଥିଲା। ଏଥିରେ କୁହାଯାଇଥିଲା ଯେ ଏବେ ଧୈର୍ଯ୍ୟ ଧରିବାର ସମୟ ଚାଲିଗଲାଣି। ଟ୍ରମ୍ପଙ୍କ ରକ୍ତ ଏବ ସମ୍ପତ୍ତି ହଲାଲ ହୋଇସାରିଛି। ସୁଲେମାନୀଙ୍କ ରକ୍ତରେ ରଙ୍ଗାୟିତ ଏହି ଅପରାଧୀ ଆଉ ବଞ୍ଚିବ ନାହିଁ। ବିଶ୍ୱ ଚୁପ୍ ହୋଇ ବସିଯିବ ନାହିଁ। ନିଶ୍ଚିତ ପ୍ରତିଶୋଧ ନିଆଯିବ। ସୂଚନାଯୋଗ୍ୟ ଯେ କାସିମ ସୁଲେମାନି ଇରାନର କ୍ଷମତାଶାଳୀ ସୈନ୍ୟ ଅଧିକାରୀ ଥିଲେ।

**ବଳଙ୍ଗା ପୀଡ଼ିତା ମୃତ୍ୟୁ**

# ଅଭିଯୁକ୍ତଙ୍କୁ ଖସାଇବା ପାଇଁ ପୁଲିସର ସୁଇସାଇଡ୍ ଥିଓରୀ: ବିଜେଡି

ଭୁବନେଶ୍ୱର,୩।୮ (ସମିସ): ରାଜ୍ୟ ସରକାର ଅପରାଧୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଯେଉଁଥିପାଇଁ ଓଡ଼ିଶା ଆଜି ଅପରାଧୀମାନଙ୍କ ଚରାଭୂଇଁ ପାଲଟିଛି। ରାଜ୍ୟରେ ଦୁଷ୍କର୍ମ, ଅସଦାଚରଣ, ହତ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ବେଳେ ଝିଅମାନଙ୍କୁ ଜାଳିଦେଇ ହତ୍ୟା କରିବା ଏକ ନୂଆ ଅପରାଧ ସୃଷ୍ଟି ହୋଇଛି ବୋଲି କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ଏପରିକି ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତଙ୍କୁ ଖସାଇ ଦେବା ପାଇଁ ପୁଲିସ ସୁଇସାଇଡ୍ ଥିଓରୀ ଆପଣାଇଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି।

ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ, ଟୁକୁନି ସାହୁ ଓ ଡ. ଲେଖାଶ୍ରୀ ସାମନ୍ତସିଂହାର ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ। ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ବଳଙ୍ଗା ଘଟଣାକୁ ଦୁଇ ସପ୍ତାହ ବିତିଯିବା ପରେ ମଧ୍ୟ ଏଥିରେ ସମ୍ପୃକ୍ତ ଅପରାଧୀମାନେ ଧରା ନ ପଡିବା ପୁଲିସ ପ୍ରଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ବାଚନମଣ୍ଡଳୀ ଅଧୀନରେ ବଳଙ୍ଗା ଆସୁଥିବାରୁ ଏହି ମାମଲାରେ ତାଙ୍କର କିଛି ଘନିଷ୍ଠ ସହଯୋଗୀ ତଥା ବିଜେପି କର୍ମୀଙ୍କ ସମ୍ପୃକ୍ତି ରହିଛି ବୋଲି ଜନସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ଅପରାଧୀମାନଙ୍କୁ ଘଣ୍ଟ ଘୋଡ଼ାଇବାକୁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଆଶ୍ଚର୍ଯ୍ୟଜନକ ଭାବେ ପୀଡ଼ିତାଙ୍କ ମୃତ୍ୟୁ ପରେ ପୁଲିସ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ନାହିଁ ବୋଲି ମନ୍ତବ୍ୟ ରଖିବା ଘଟଣାକୁ ଅଧିକ ସନ୍ଦେହ ଘେରକୁ ନେଇଛି। ଏହାଛଡା ପୂର୍ବରୁ ଘଟିଯାଇଥିବା ଏଫଏମ୍ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ଓ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀକୁ ଗଣଦୁଷ୍କର୍ମ ଘଟଣା ଓଡ଼ିଶା ପାଇଁ ଦେଶ ବିଦେଶରେ ଲଜ୍ୟା ଓ ନିନ୍ଦା ଆଣିଛି। ରାଜ୍ୟରେ, ଛାତ୍ରୀ, ନାରୀ ଅସୁରକ୍ଷିତ ହୋଇ ପଡିଛନ୍ତି, କିନ୍ତୁ ରାଜ୍ୟ ସରକାର ନିଦାବିଷ୍ଟ ସାଜି ବସି ରହିଛନ୍ତି।



■ ଘଟଣା ପରଠୁ ପୀଡ଼ିତାଙ୍କ ପରିବାରକୁ ଅଜ୍ଞାତବାସରେ ରଖିବା ରହସ୍ୟ କ'ଣ?
■ ଘଟଣାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଘନିଷ୍ଠ ସହଯୋଗୀଙ୍କ ହାତ ରହିଛି
■ ପୁଲିସ ତା'ର ରାଜନୈତିକ ଆକାମାନଙ୍କୁ ସୁରକ୍ଷା ଦେବା ପାଇଁ ନୂଆ ଥିଓରୀ ଆଣିଛି

ବରିଷ୍ଠ ନେତ୍ରୀ ଟୁକୁନି ସାହୁ କହିଥିଲେ ଯେ ନିକଟରେ ରାଜ୍ୟରେ ଦୁଇ ଦୁଇଟି ସମ୍ବେଦନଶୀଳ ଘଟଣା ଘଟିଗଲା। ସରକାର ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଦେଇ ତାଙ୍କ ଉପରେ ଚାପ ପକେଇ ପରିବାରର ମୁହଁ ବନ୍ଦ କରୁଛନ୍ତି ଓ ତାଙ୍କ ଠାରୁ ରାଜନୀତି କରା ନ ଯାଉ ବୋଲି ମନ୍ତବ୍ୟ ଦିଆଉଛନ୍ତି। ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ପୀଡ଼ିତାକୁ ନ୍ୟାୟ ଦେବା ପାଇଁ ଓ ରାଜ୍ୟର ନାରୀମାନଙ୍କୁ ସୁରକ୍ଷିତ ରଖିବା ପାଇଁ ବିଜୁ ଜନତା ଦଳ ଲଢେଇ ଜାରି ରଖିବ ବୋଲି ଶ୍ରୀମତୀ ସାହୁ କହିଥିଲେ। ଡ. ସାମନ୍ତସିଂହାର କହିଥିଲେ ଯେ ରାଜ୍ୟରେ ଗୋଟିଏ ମାସ ଭିତରେ ଘଟିଥିବା ଦୁଇ ଦୁଇଟି ଘଟଣାକୁ ଆତ୍ମହତ୍ୟା କୁହାଯାଉଥିଲେ ମଧ୍ୟ ବାସ୍ତବରେ ଏହା ହତ୍ୟା। ଯେଉଁଭଳି ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି, ସରକାରୀ ବ୍ୟବସ୍ଥା ଓ ପୁଲିସ ପ୍ରଶାସନର ଭୂମିକା ନିଶ୍ଚିତ ଭାବେ ସନ୍ଦେହ ଘେରରେ ରହିଛି। ରାଜ୍ୟ ବିଜେପି ସରକାର ଏକ ନାରୀହନ୍ତା ସରକାରରେ ପରିଣତ ହୋଇଛି। ଏଫଏମ କଲେଜ ଘଟଣାରେ ଯେଉଁ ପୁଲିସ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ, ସେମାନେ ଏବେବି ନିଜ ସ୍ଥାନରେ ସୁରକ୍ଷିତ ଅଛନ୍ତି। ସେହିପରି ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ଭୂମିକା ସନ୍ଦେହ ଘେରରେ ରହିଥିଲେ ମଧ୍ୟ ସେମାନଙ୍କୁ ତଦନ୍ତ ପରିସର ଭୁକ୍ତ କରାଗଲା ନାହିଁ। ବିଜେପି ନେତା ଓ କର୍ମୀମାନେ ସନ୍ଦିଗ୍ଧ ଅପରାଧୀ ଥିଲେ, ସେମାନଙ୍କୁ ସାତ ଖୁନ୍ ମାଫ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ। ରାଜ୍ୟ ବିଜେପି ସରକାର ଏହି ବାର୍ତ୍ତା ଦେଉଛି। ବଳଙ୍ଗା ଘଟଣାରେ, ପୀଡ଼ିତାଙ୍କ ମୃତ୍ୟୁ ପରେ ପୁଲିସ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ନାହିଁ ବୋଲି ଏକ ନୂଆ ଥିଓରୀ ଆଣିଛି। ପୁଲିସର ଏହି ନୂଆ ଥିଓରୀ ସାଧାରଣ ଲୋକଙ୍କ ପାଖରେ ଗ୍ରହଣୀୟ ହୋଇପାରୁ ନାହିଁ। ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ଓ ତାର ରାଜନୈତିକ ଆକାମାନଙ୍କୁ ସୁରକ୍ଷା ଦେବା ପାଇଁ ପୁଲିସ ଏଭଳି ଏକ ନୂଆ ଥିଓରୀ ଆଣିଥିବା ଜଳଜଳ ଦିଶୁଛି ବୋଲି ସେ ଅଭିଯୋଗ କରିଛନ୍ତି।

**ରାଜନୈତିକ ଚକ୍ରାନ୍ତରେ ବଳି ପଡ଼ିଲେ ବଳଙ୍ଗା ପୀଡ଼ିତା**

# ନିରପେକ୍ଷ ତଦନ୍ତ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ



ଭୁବନେଶ୍ୱର,୩।୮ (ସମିସ): ଜୀବନ ମୃତ୍ୟୁ ସହ ୧୫ ଦିନ ଧରି ସଂଗ୍ରାମ କରି, ଶେଷରେ ଆଖି ବୁଜିଛନ୍ତି ବଳଙ୍ଗା ପୀଡ଼ିତା। ଏତେ ବଡ଼ ଘଟଣା ଘଟିଥିଲେ ବି ସରକାର, ପୁଲିସ ପ୍ରଶାସନ କେବଳ ଶୋକ ବାର୍ତ୍ତା ଦେଇ ନିଜର ଦାୟିତ୍ୱ ସାରିଦେଇଛି। ଚାରିଥର ବୟାନ ଦେଇଥିବା ପୀଡ଼ିତା ଜଣଙ୍କ ମାନସିକ ସ୍ତରରେ ସକ୍ଷମ ଥିଲେ। ଧୀରେ ଧୀରେ ସୁସ୍ଥ ହେଇ ଆସୁଥିବା ବେଳେ ହଠାତ୍ ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁକୁ ନେଇ କଂଗ୍ରେସ ଦଳ ଆଶଙ୍କା ପ୍ରକାଶ କରିଛି। ରବିବାର ଦଳର ମହିଳା ମୋର୍ଚ୍ଚା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ଏହା ସମ୍ପୂର୍ଣ୍ଣ ଭାବେ ସରକାରୀ ବ୍ୟବସ୍ଥାଗତ ହତ୍ୟା।

କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ରାଜ୍ୟରେ ଗୋଟିଏ ପରେ ଗୋଟିଏ ସ୍ୱର୍ଶକାତର ଘଟଣା ଘଟି ଚାଲିଛି। ହେଲେ କିପରି ଏବଂ କାହିଁକି ଏହାକୁ ଚପାଇ ଦିଆଯାଉଛି ସେ ପ୍ରଶ୍ନ କରିଛନ୍ତି। ଏତେଥର ପୀଡ଼ିତାଙ୍କ ବୟାନ ରେକର୍ଡ ପରେ ମଧ୍ୟ ପୁଲିସ ଜଣେ ବି ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ନ ପାରିବା ଦୁର୍ଭାଗ୍ୟଜନକ ବୋଲି ସେ ମତପ୍ରକାଶ କରିଛନ୍ତି। ଘଟଣାର ସଠିକ୍ ତଦନ୍ତ ପାଇଁ ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାର ଆବଶ୍ୟକତା ରହିଛି ବୋଲି ସେ ଦାବି କରିଛନ୍ତି। ବାଲେଶ୍ୱରର ସୌମ୍ୟାଶ୍ରୀଙ୍କ ଘଟଣାରେ ଯାହା ଘଟିଥିଲା, ସେହି ସମାନ କଥା ବଳଙ୍ଗା ଘଟଣାରେ ଦେଖିବାକୁ ମିଳିବା ସଂଯୋଗ ନା ପ୍ରୟୋଗ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

ସେହିପରି ମୁଖପାତ୍ର ଡଃ ମନିଷା ଦାସ ପଟ୍ଟନାୟକ ପୁଲିସର ହଠାତ୍ ଏଭଳି ଟୁଇଟ କରିବା ଏବଂ ଆସ୍ତେ ଆସ୍ତେ ଭଲ ହୋଇ ଆସୁଥିବା ପୀଡ଼ିତାଙ୍କ ହଠାତ୍ ମୃତ୍ୟୁକୁ ନେଇ ସନ୍ଦେହଜନକ ବୋଲି କହିଛନ୍ତି। ପୁଲିସକୁ ଆୟୁଧ କରି ଯେଉଁ ରାଜନୈତିକ ନାଟକ ରଚୁଛନ୍ତି, ତାକୁ ଆମେ ନୀରବରେ ସହିଯିବୁ ନାହିଁ ବୋଲି ସେ କହିଛନ୍ତି। ଏହା ବ୍ୟତୀତ ଉପମୁଖ୍ୟମନ୍ତ୍ରୀ ଯିଏ କି ଜଣେ ମହିଳା ଏବଂ ପୀଡ଼ିତା ତାଙ୍କ ନିଜ ଅଞ୍ଚଳର ହୋଇଥିଲେ ମଧ୍ୟ ତାଙ୍କ ଭୂମିକା ଅନେକ ସନ୍ଦେହଜନକ ବୋଲି ଦଳର ଅନ୍ୟତମ ମୁଖପାତ୍ର ଜୟଶ୍ରୀ ପାତ୍ର ପ୍ରକାଶ କରିଛନ୍ତି।

ଅନୁରୂପ ଭାବେ ପୀଡ଼ିତାଙ୍କ ବାପା ପ୍ରଥମେ ଯେଉଁ ବୟାନ ଦେଇଥିଲେ ଆଉ ଏବେ ପୀଡ଼ିତାଙ୍କ ମୃତ୍ୟୁ ପରେ ଯେଉଁ ବୟାନ ଦେଇଛନ୍ତି ତା ମଧ୍ୟରେ ଅନେକ ଫରକ୍ ଦେଖାଯାଉଛି ବୋଲି ପିସିସି ଗଣମାଧ୍ୟମ ସଦସ୍ୟା ମଧୁସ୍ମିତା ଆଚାର୍ଯ୍ୟ ମତପ୍ରକାଶ କରିଥିଲେ। ପୀଡ଼ିତାଙ୍କ ବାପା ନିଜ ଝିଅର ମାନସିକ ଅବସ୍ଥା ଭଲ ନଥିବା କଥା କହିବା ଏବଂ ସରକାରଙ୍କ କାର୍ଯ୍ୟାନୁଷ୍ଠାନରେ ସନ୍ତୋଷ ପ୍ରକାଶ କରିବା ଅନେକ ସନ୍ଦେହ ସୃଷ୍ଟି କରୁଛି ବୋଲି ସେ କହିଥିଲେ। ସାତ ଦିନ ମଧ୍ୟରେ ଅଭିଯୁକ୍ତକୁ ଗିରଫ ନ କଲେ ଡିଜିପି ଅଫିସ ଘେରାଉ କରାଯିବ ବୋଲି ମହିଳା କଂଗ୍ରେସର ବରିଷ୍ଠ ସଦସ୍ୟା ପ୍ରଣତି ମିଶ୍ର କହିଥିଲେ।

# ଅପରାଧୀଙ୍କୁ କ୍ଲିନ୍‌ଚିଟ୍ ଦେବା ବିଜେପି ସରକାରକୁ ମହଙ୍ଗା ପଡ଼ିବ: ଅଲକା

ଭୁବନେଶ୍ୱର,୩।୮ (ସମିସ): ପୁରୀ ଜିଲ୍ଲା ବଳଙ୍ଗାର ୧୫ ବର୍ଷୀୟା ନାବାଳିକା ପୋଡ଼ି ଘଟଣାରେ ଅସଲ ଅପରାଧୀଙ୍କୁ



ଧରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା କହିଛନ୍ତି। ରବିବାର ଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଅଲକା ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାକୁ ନେଇ ଡବଲ ଇଞ୍ଜିନ ସରକାର ଉପରେ ବର୍ଷିବା ସହ କହିଛନ୍ତି ଯେ ତିନି ଜଣ ଦୁର୍ବୃତ୍ତ ନାବାଳିକାକୁ ଜିଅନ୍ତା ପୋଡ଼ିଦେଲେ। ପୁରୀରୁ ଭୁବନେଶ୍ୱର ଏମ୍ସ ଓ ପରେ ଦିଲ୍ଲୀ ଏମ୍ସରେ ତାଙ୍କର ଚିକିତ୍ସା ଚାଲିଥିଲା। କିନ୍ତୁ ଶନିବାର ରାତିରେ ଦିଲ୍ଲୀ ଏମ୍ସରେ ପୀଡ଼ିତା ନାବାଳିକା ଶେଷ ନିଶ୍ୱାସ ତ୍ୟାଗ କରିଛି। ଜୁଲାଇ ୧୯ ତାରିଖ

■ ନ୍ୟାୟ ଦାବିରେ ବିଧାନସଭା ଆଗରେ ମହିଳା କଂଗ୍ରେସ କରିବ "ନ୍ୟାୟ ମାର୍ଚ୍ଚ"

ଘଟଣା ଦିନରୁ ଆଜି ଯାଏ ଏହି ଘଟଣାରେ ଅଭିଯୁକ୍ତ ୩ ଜଣ କୁଆଡ଼େ ଗଲେ ବୋଲି କଂଗ୍ରେସ ଦଳ ପ୍ରଶ୍ନ କରି ଆସୁଥିଲେ ମଧ୍ୟ ବିଜେପି ସରକାର ଅପରାଧୀମାନଙ୍କୁ ଧରିବାରେ ବିଫଳ ହୋଇଥିବା ସେ କହିଛନ୍ତି।

ଅଲକା କହିଛନ୍ତି ଯେ ନାବାଳିକାକୁ ପୋଡ଼ିବାରେ କାହାର ହାତ ନାହିଁ, କେହି ଏଥିରେ ଅଭିଯୁକ୍ତ ନୁହନ୍ତି ବୋଲି ରାଜ୍ୟ ପୁଲିସ କହିବା ଆମ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଜେପି ସରକାର ଅପରାଧୀଙ୍କୁ ଧରିବାରେ ବିଫଳ ହୋଇଛି। ପରୋକ୍ଷରେ ଝିଅଟି ନିଜେ ନିଜକୁ ଜାଳିଦେଲା ବୋଲି କହୁଛନ୍ତି। ସେମିତି ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବି ସରକାରଙ୍କୁ ଗୁହାରି କରି, ନ୍ୟାୟ ମାଗି ମାଗି ଶେଷରେ ନିରାଶ ହେଇ ନିଜକୁ ନିଆଁ ଲଗାଇ ଜଳିଗଲା। ଆଉ ଆଜି ବଳଙ୍ଗା ପୀଡ଼ିତା ମଧ୍ୟ ହସ୍ପିଟାଲ ବେଡ୍‌ରେ ପଡ଼ି ନ୍ୟାୟ ମାଗି ମାଗି ମୃତ୍ୟୁବରଣ କଲା ବୋଲି ଶ୍ରୀମତୀ ଲାମ୍ବା କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ସେ ୨୩ ତାରିଖରେ ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କୁ ଭେଟିବାକୁ ଚାହିଁଥିଲେ। କିନ୍ତୁ ତାଙ୍କୁ ପୁଲିସ ଘରେ ଅଟକ ରଖିଲା। ସେ ଓ ତାଙ୍କ ସହଯୋଗୀମାନେ ସଂସଦ ଘେରଉ କରିବାରୁ ପୁଲିସ ସେମାନଙ୍କୁ ୮ ଘଣ୍ଟା ଅଟକ ରଖି ସ୍ୱର ଚାପିଦେବାକୁ ଉଦ୍ୟମ କଲା। ଅଲକା ଅଭିଯୋଗ କରିଛନ୍ତି ଯେ ବିଜେପି ଶାସିତ ରାଜ୍ୟରେ ଆଜି ସମସ୍ତେ ଅସୁରକ୍ଷିତ। ବିଜେପି ସରକାର ଦୋଷୀଙ୍କୁ ସୁରକ୍ଷା ଦେଉଛନ୍ତି। ତେଣୁ ମହିଳାମାନଙ୍କୁ ନ୍ୟାୟ ଦେବା ପାଇଁ ବିଧାନସଭା ଆଗରେ ମହିଳା କଂଗ୍ରେସ "ନ୍ୟାୟ ମାର୍ଚ୍ଚ" କରିବ ବୋଲି ସେ କହିଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ଓ ଦୋଷୀଙ୍କୁ ଫାଶୀ ଦଣ୍ଡ ଦେବା ଯାଏଁ କଂଗ୍ରେସ ଲଢ଼େଇ କରିବ। ଓଡ଼ିଶାର ମୁଖ୍ୟମନ୍ତ୍ରୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ନାବାଳିକା ନିଜେ ନିଜକୁ ଜଳାଇ ଦେଲା ବୋଲି କହୁଛନ୍ତି। ମୁଖ୍ୟମନ୍ତ୍ରୀ ଏ କଥା କହି ତିନି ଅଭିଯୁକ୍ତଙ୍କୁ କ୍ଲିନ୍ ଚିଟ୍ ଦେଇ ଦେଲେ। ପୀଡ଼ିତା ପରିବାରଙ୍କୁ ସୁରକ୍ଷା ସହ ଉଚିତ୍ ସହାୟତା ପ୍ରଦାନ କରିବା ଉଚିତ। ବିଜେପି ସରକାର ଫାଷ୍ଟ ଟ୍ରାକ କୋର୍ଟ ବସାଇ ମାମଲାରେ ଦୋଷୀଙ୍କୁ ଯଥାଶୀଘ୍ର ଦଣ୍ଡ ଦିଅନ୍ତୁ ବୋଲି ଶ୍ରୀମତୀ ଲାମ୍ବା ଦାବି କରିଛନ୍ତି।

# ବ୍ରେକ୍ ନେଇଛି ମୌସୁମୀ: କାଁ ଭାଁ ବର୍ଷା ସହ ବିଜୁଳି

ଭୁବନେଶ୍ୱର,୩।୮ (ସମିସ): ମୌସୁମୀ ବ୍ରେକ୍ ଯୋଗୁଁ ବର୍ତ୍ତମାନ ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନାହିଁ। ମୌସୁମୀ ଟ୍ରଫ୍ ହିମାଳୟ ପାଦଦେଶ ଆଡ଼କୁ ଗତି କରିବା ସହ ଧୀରେ ଧୀରେ ରାଜ୍ୟରେ ବର୍ଷାର ପ୍ରଭାବ କମିଯାଇଛି। ତେବେ ଦିନବେଳା ଗରମ ଗୁଳୁଗୁଳି ଓ ବଙ୍ଗୋପସାଗର ପଟୁ ଆସୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାହୁ ପ୍ରବାହରେ କିଛି କିଛି ସ୍ଥାନରେ ବର୍ଷା ହେଉଛି। ଏଭଳି ସ୍ଥିତି ଆଗକୁ ମଧ୍ୟ ଜାରି ରହିବାର ସମ୍ଭାବନା ରହିଛି। ଏହି ସମୟରେ ବର୍ଷାର ପ୍ରଭାବ କମ୍ ରହିବା ସହ ବିଜୁଳି ଘଡ଼ଘଡ଼ିର ଆଶଙ୍କା ଅଧିକ ରହିବା ନେଇ ଆକଳନ କରାଯାଇଛି। ଏମିତି ସ୍ଥିତି ପ୍ରାୟ ଦୁଇ ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଯେଉଁଦିନ ଯେତେ ଖରା ଓ ଗୁଳୁଗୁଳି ହେବ, ସେହିଦିନ ଅପରାହ୍ଣରେ ଅଧିକ ବିଜୁଳି ଘଡ଼ଘଡ଼ିର ଆଶଙ୍କା ସୃଷ୍ଟି ହେବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩-୪ ଦିନ ପର୍ଯ୍ୟନ୍ତ ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ବିଜୁଳି ଘଡ଼ଘଡ଼ିଜନିତ ୟେଲୋ ଆଲର୍ଟ ଜାରି କରାଯାଇଛି।

# ଧାନ ରୋଇବା ବେଳେ ବଜ୍ରପାତ; ଜଣେ ମୃତ

ବୈଶିଙ୍ଗା,୩।୮ (ସମିସ): ଧାନ ରୋଉଥିବା ବେଳେ ବଜ୍ରପାତରେ ଚାଲିଗଲା ଜୀବନ। ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ତିଳପଦା ଗ୍ରାମରେ ଆଜି ଏଭଳି ଏକ ଅଘଟଣ ଘଟିଛି। ମୃତକ ହେଲେ, ଗ୍ରାମର ଯୁବଚାଷୀ ବାସୁଦେବ ସିଂ (୨୯)। ସୂଚନାନୁଯାୟୀ, ବାସୁଦେବ ବିଲରେ କାମ କରୁଥିବା ବେଳେ ଅପରାହ୍ଣ ପ୍ରାୟ୨ଟାରେ ହଠାତ ବର୍ଷା ସହ ବଜ୍ରପାତ ହୋଇଥିଲା। ସେହି ସମୟରେ ବାସୁଦେବ ବଜ୍ରପାତର ଶିକାର ହୋଇ ବିଲରେ ଟଳିପଡ଼ିଥିଲେ। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ମେଗା ପାଇପ ପାନୀୟ ଜଳ ପ୍ରକଳ୍ପ ବିଳମ୍ବିତ**

# ୨୦୨୪ରେ ସରିଥାନ୍ତା; ଏବେ ୨୦୨୮ ଲକ୍ଷ୍ୟ

ଭୁବନେଶ୍ୱର,୩।୮ (ସମିସ): ରାଜ୍ୟବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ଜଳ ଜୀବନ ମିଶନ ଅଧିନରେ ମେଗା ପାଇପ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ମାତ୍ର ରାଜ୍ୟର ବହୁ ଜିଲ୍ଲାରେ ପ୍ରଶାସନିକ ସ୍ଥାଣୁତା ତଥା ବିଭାଗୀୟସ୍ତରରେ ନୀତିଗତ ସ୍ତରରେ ନିଷ୍ପତ୍ତି ନେବାରେ ବିଳମ୍ବିତା କାରଣରୁ ଅନେକ ପ୍ରକଳ୍ପ ଧାର୍ଯ୍ୟ ସମୟରେ ସମାପ୍ତ ହୋଇ ପାରୁନାହିଁ। ଫଳରେ ରାଜ୍ୟ ସରକାର ପ୍ରକଳ୍ପ କାର୍ଯ୍ୟନ୍ୱୟନ ନେଇ ବାରମ୍ବାର ତାରିଖ ପରେ ତାରିଖ ଘୁଞ୍ଚାଇ ଚାଲିଛନ୍ତି।

ଜଳ ଜୀବନ ମିଶନ ପାଇଁ କେନ୍ଦ୍ର ସରକାର ୨୦୨୧ରେ ୮୩୦ କୋଟି ଟଙ୍କା ଅନୁଦାନ ଦେଇଥିଲେ। ତତ୍କାଳୀନ ସମୟରେ ରାଜ୍ୟର ଗ୍ରାମାଞ୍ଚଳର ପ୍ରାୟ ୩୫% ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ଅବଶିଷ୍ଟ ଗ୍ରାମୀଣ ପରିବାରକୁ ପାଇପ୍ ପାଣି ଯୋଗାଇ ନିମନ୍ତେ ଏହି ଅର୍ଥରାଶି ଯଥେଷ୍ଟ ନ ଥିଲେ ହେଁ ତତ୍କାଳୀନ ରାଜ୍ୟ ସରକାର ନିଜସ୍ୱ ପାଣ୍ଠି ସହ ଓଡ଼ିଶାର ସମସ୍ତ ଗାଁକୁ ପାନୀୟ ଜଳ ଯୋଗାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୨୩ ଡ଼ିସେମ୍ବର ମାସବେଳକୁ ୮୮.୭୪ ଲକ୍ଷ ଗ୍ରାମୀଣ ପରିବାର ମଧ୍ୟରୁ ୭୦.୫୨ ଲକ୍ଷ ପରିବାରକୁ ଏହି ଯୋଜନାରେ ସାମିଲ କରାଯାଇଥିଲା । ୨୦୨୪ ଡ଼ିସେମ୍ବର ମାସ ସୁଦ୍ଧା ସବୁ ଗାଁକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବା ନିମନ୍ତେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରକାର ପରିବର୍ତ୍ତନ ପରେ ଏହି କାର୍ଯ୍ୟକ୍ରମ ଅଧାରେ ଅଟକି ଯିବାପରି ମନେ ହୋଇଛି । ବର୍ଷକ ମଧ୍ୟରେ କେତେ ପରିବାରକୁ ପାଇପ ପାଣି ଯୋଗାଇ ଦିଆଯାଇଛି ସେ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କୌଣସି ତଥ୍ୟ ପ୍ରଦାନ କରିନାହିଁ। ମାତ୍ର ସୂଚନା ଅନୁସାରେ ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା ଅଧିକାଂଶ ପାଇପ୍ ପାଣି ପ୍ରକଳ୍ପ ଏବେ ବନ୍ଦ ପଡ଼ିଛି । କାମ କରୁଥିବା

**୯ ଜିଲ୍ଲାର ସହସ୍ରାଧିକ ଗ୍ରାମରେ ପାଇପ ଯୋଗ ପାନୀୟ ଜଳ ଅପହଞ୍ଚ**

ଠିକାଦାରଙ୍କୁ ଅନୁଦାନ ପଇଠ କରିବାରେ ଟାଳଟୁଳ ନୀତି ଯୋଗୁଁ ଅଧିକାଂଶ କାମ ବନ୍ଦ ଓ ଯେଉଁ ପ୍ରକଳ୍ପଗୁଡ଼ିକର ଟେଣ୍ଡର ହୋଇଥିଲା, ତାହାକୁ କାର୍ଯ୍ୟକାରୀ କରିବା ଦିଗରେ ବିଭାଗ ଆଗ୍ରହ ପ୍ରକାଶ କରୁନାହିଁ। କିଛିମାସ ତଳେ ମୁଖ୍ୟ ସଚିବ ରାଜ୍ୟରେ ୧୮୬୭୭ ଗାଁକୁ ପାଇପ ଯୋଗେ ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର ହୋଇଥିବା ଓ ଏହାମଧ୍ୟରୁ ୧୨୨୮୯ ଶେଷ ହେବା ପର୍ଯ୍ୟାୟରେ ପହଞ୍ଚିଥିବା କହିଥିଲେ। ପୂର୍ବ ସରକାର ସମୟରୁ ମଞ୍ଜୁର ହୋଇଥିବା ଏହି ପ୍ରକଳ୍ପର ସ୍ଥିତି ଏବେ କ'ଣ ତାହା ସ୍ପଷ୍ଟ ନୁହେଁ। ମାତ୍ର ଡ଼ିସେମ୍ବର ୨୦୨୫ ସୁଦ୍ଧା ରାଜ୍ୟ ସରକାର ୭୫୨ ଗାଁକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଲକ୍ଷ୍ୟ ରଖିଥିବା ସୂଚନା ମିଳିଛି ।

ଅନ୍ୟପକ୍ଷରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଆବଶ୍ୟକୀୟ କାଗଜପତ୍ର ଠିକଣା ସମୟର ପ୍ରଦାନ କରାଯାଉନଥିବାରୁ ପ୍ରକଳ୍ପ କାମ ବିଳମ୍ବ ହେଉଥିବା ଜଣାପଡ଼ିଛି। ଏନେଇ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଆରଡବ୍ଲ୍ୟୁଏସଏସର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖି ଉଦବେଗ ପ୍ରକାଶ କରିଛନ୍ତି। ଧାର୍ଯ୍ୟ ତାରିଖ ମଧ୍ୟରେ ଆବଶ୍ୟକୀୟ କାଗଜପତ୍ର ପ୍ରଦାନ କରିବାକୁ ଏଥିରେ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଅନୁଯାୟୀ ଆରଡବ୍ଲ୍ୟୁଏସଏସ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଇଣ୍ଡେକ୍ସ ମ୍ୟାପ, ଜଳଉତ୍ସଗୁଡ଼ିକର ସ୍ଥିତି, ଜଳ ଯୋଗାଣ ନିର୍ଦ୍ଦେଶନାମା, ଜମି ସମ୍ପର୍କିତ କାଗଜପତ୍ର ପ୍ରଦାନ କରାଯାଉ ନାହିଁ। ଏପରିକି ବହୁ ସମୟରେ ପ୍ରଦାନ କରାଯାଉଥିବା ତଥ୍ୟ ଅସମ୍ପୂର୍ଣ୍ଣ ନଚେତ୍ ଅନ୍ୟାନ୍ୟ ତ୍ରୁଟି ରହୁଛି। ଫଳରେ ପ୍ରକଳ୍ପ କାମ ଆଗେଇ ପାରୁନାହିଁ। ତେଣୁ ବିଳମ୍ବିତାକୁ ଏଡ଼ାଇବା ପାଇଁ ତୁରନ୍ତ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଦାଖଲ କରିବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ମିଳିଥିବା ତଥ୍ୟ ଅନୁଯାୟୀ ମୋଟ ୯ଟି ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ଏଥିରେ ସାମିଲ ରହିଛି। ଏହି ୯ ଜିଲ୍ଲା ମଧ୍ୟରେ ବାଲେଶ୍ୱର, କେନ୍ଦ୍ରାପଡା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ଖୋର୍ଦ୍ଧା, କନ୍ଧମାଳ, ନୟାଗଡ ଓ ବୌଦ୍ଧ ଆଦି ଜିଲ୍ଲା ସାମିଲ ରହିଛି।

# ନଦୀକୁ ଡେଇଁଥିବା ଯୁବତୀ ଉଦ୍ଧାର




ମାର୍ଶାଘାଇ,୩।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ତହସିଲ କଳପଡ଼ା ସେତୁ ଉପରୁ ଲୁଣାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ଯୁବତୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ମାର୍ଶାଘାଇ ବ୍ଲକ୍ ଆଖୁଆଦକ୍ଷିଣୀ ପଞ୍ଚାୟତ ବଉଳାଙ୍ଗ ଗ୍ରାମର ଯୁବତୀ କୌଣସି କାରଣରୁ ସଦର ଥାନା ଅନ୍ତର୍ଗତ କଳପଡ଼ା ସେତୁ ଉପରୁ ନଦୀକୁ ଡେଇଁ ପଡ଼ିଥିଲେ। ଏହା ଦେଖି ଜଣେ ଭିନ୍ନକ୍ଷମ (ହାଉଡ଼ା) ଯୁବକ ସେହି ବାଟ ଦେଇଯାଉଥିବା ଲୋକଙ୍କୁ ଡାକ ପକାଇବା ସହ ଯୁବତୀଙ୍କୁ ଉଦ୍ଧାର କରିବାକୁ ନଦୀକୁ ଡେଇଁଥିଲେ ମଧ୍ୟ ଉଦ୍ଧାର କରିପାରିନଥିଲେ। ପରେ ତିନିଜଣ ଯୁବକ ୪ କିଲୋମିଟର ପହଁରି ଯୁବତୀଙ୍କୁ ଉଦ୍ଧାର କରିଥିଲେ। ଯୁବତୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

**ସହିଦ ସପ୍ତାହର ଅନ୍ତିମ ଦିନରେ ମାଓ ହିଂସା**

# ରେଳଧାରଣା ଉଡ଼ାଇଦେଲେ ମାଓବାଦୀ

**ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ରେଳ କର୍ମଚାରୀ ମୃତ, ଜଣେ ଆହତ**

ରାଉରକେଲା, ୩।୮ (ସମିସ): ମାଓବାଦୀ ସଂଗଠନ ପକ୍ଷରୁ ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ସହିଦ ସପ୍ତାହ ପାଳନର ରବିବାର ଅନ୍ତିମ ଦିବସ ଥିଲା। ଅନ୍ତିମ ଦିନରେ ଓଡିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓ ହିଂସା ଦେଖିବାକୁ ମିଳିଛି। ଓଡିଶା-ଝାଡ଼ଖଣ୍ଡ ସୀମାନ୍ତ କରମପଦା ନିକଟରେ ଶନିବାର ଓ ରବିବାର ଦୁଇଟି ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରି ମାଓବାଦୀମାନେ ରେଳଧାରଣା ଉଡ଼ାଇ ଦେଇଛନ୍ତି। ଏହି ଘଟଣାରେ ଜଣେ ରେଳ କର୍ମଚାରୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ, ଗ୍ୟାଙ୍ଗମ୍ୟାନ୍ ଏତୁଆ ଓରାମ। ଏହି ବିସ୍ଫୋରଣ ପରେ ବିମଳାଗଡ଼-କରମପଦା ମଧ୍ୟରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି।





ସୂଚନାନୁଯାୟୀ, ଗତ ୨୮ ତାରିଖରୁ ଛୋଟନାଗପୁର ଡିଭିଜନାଲ କମିଟିର ପୂର୍ବୀ ରିଜିଓନାଲ ବ୍ୟୁରୋ ମାଓ ସଂଗଠନ ପକ୍ଷରୁ ସହିଦ ସପ୍ତାହ ପାଳନ କରାଯାଉଥିଲା। ଏଥିପାଇଁ ମାଓ ସଂଗଠନ ପକ୍ଷରୁ ସରଣ୍ଡା ଜଙ୍ଗଲର ବିଭିନ୍ନ ସ୍ଥାନରେ ମାଓ ପୋଷ୍ଟର୍ ଲଗାଯାଇଥିଲା। ରବିବାର ସହିଦ ସପ୍ତାହ ପାଳନର ଅନ୍ତିମ ଦିବସରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ବିମଳାଗଡ଼ - କିରିବୁରୁ ସେକ୍ସନ୍‌ର ରାଞ୍ଜଡ଼ା ରେଳ ଷ୍ଟେସନରୁ ୩ କି.ମି ଦୂରରେ ରେଳଧାରଣା ଖୁଣ୍ଟ ନମ୍ବର ୪୭୧/୧ ନିକଟରେ ମାଓବାଦୀମାନେ ଲ୍ୟାଣ୍ଡମାଇନ୍ ଖଞ୍ଜିଥିଲେ। ଉକ୍ତ ଲ୍ୟାଣ୍ଡମାଇନ ଉପରେ ରେଳୱେ ମେଟ୍ ବୁଦ୍ଧୁରାମ ମୁଣ୍ଡାଙ୍କ ଗୋଡ଼ ପଡ଼ିଯାଇଥିଲା। ଶନିବାର ରାତି ପ୍ରାୟ ୧୧ ଟା ୩୩ ମିନିଟରେ ଏହି ଘଟଣା ଘଟିଥିଲା। ବିସ୍ଫୋରଣରେ ବୁଦ୍ଧୁରାମ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ପୁଣି ରବିବାର ସକାଳ ୯ ଟା ୧୧ ମିନିଟ୍‌ରେ ସେହି ଟ୍ରାକ୍‌ର ଖୁଣ୍ଟ ନମ୍ବର ୪୭୭/୩୪-୩୫ ନିକଟରେ ଆଉ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା। ଏଥିରେ ଜଣେ ଗ୍ୟାଙ୍ଗମ୍ୟାନ୍ ଏତୁଆ ଓରାମଙ୍କ ମୃତ୍ୟୁ ଘଟିଛି।

ଖବର ପାଇ ରାଉରକେଲା ରେଲୱେ ଏସ୍‌ପି, ସିଆର୍‌ପିଏଫ୍ ଯବାନ କେ. ବଲାଙ୍ଗ ପୁଲିସ ଓ ରେଳ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି। ଅପରପକ୍ଷେ ଗ୍ୟାଙ୍ଗମ୍ୟାନ୍ ଓ ଟ୍ରାକ୍ ମରାମତି କର୍ମଚାରୀ ସୁରକ୍ଷା ନେଇ କ୍ଲିନ୍‌ଚିଟ୍ ନପାଇବା ପର୍ଯ୍ୟନ୍ତ ଟ୍ରାକ୍‌କୁ ଯିବେ ନାହିଁ ବୋଲି କହିଥିବାରୁ କହିଥିବାରୁ ଉକ୍ତ ଲାଇନ୍‌ରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି।

# ଘର ପାଖରେ ଯୁବତୀଙ୍କୁ ତଣ୍ଟି ଚିପି ହତ୍ୟା

କୋଷାଗୁମୁଡ଼ା, ୩।୮ (ସମିସ): ଯୁବତୀଙ୍କୁ ତଣ୍ଟି ଚିପି ହତ୍ୟା। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ଅଞ୍ଚଳରେ ଏଭଳି ଏକ ସଂଗିନ୍ ଘଟଣା ଘଟିଛି। ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁସାରେ, ଶନିବାର ରାତି ପ୍ରାୟ ୭ଟାରେ ଯୁବତୀଜଣଙ୍କ ଶୌଚ ହେବା ପାଇଁ ବାହାରକୁ ଯାଇଥିଲେ। କିନ୍ତୁ ରାତି ୧୦ଟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ଖୋଜାଖୋଜି କରିବା ପରେ ଘରଠାରୁ ୩୦୦ ମିଟର ଦୂର ଏକ ଗଳିରେ ସେ ନିଶ୍ଚଳ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରିବାରଲୋକ ତାଙ୍କୁ ଏକ ବାଇକ୍‌ରେ କୋଷାଗୁମୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାରଲୋକଙ୍କ ଅଭିଯୋଗ, କେହି ଦୁର୍ବୃତ୍ତ ଝିଅର ତଣ୍ଟି ଚିପି ହତ୍ୟା କରିବା ପରେ ରାସ୍ତାରେ ଫିଙ୍ଗି ଦେଇଛି। ଏନେଇ କୋଷାଗୁମୁଡା ଥାନାରେ ପରିବାରଲୋକେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ସନ୍ଦେହରେ ଦୁଇ ଯୁବକଙ୍କୁ କୋଷାଗୁମୁଡ଼ା ପୁଲିସ ଥାନାକୁ ଆଣି ପଚରାଉଚରା କରୁଛି।

ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହ ଏସ୍‌ଡିପିଓ ସତ୍ୟଜିତ କେଣ୍ଡେଲ କେଲ, କୋଷାଗୁମୁଡ଼ା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ, କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବରଙ୍କ ସହ କୋଷାଗୁମୁଡା ଥାନା ଟିମ ରବିବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତ ଯୁବତୀଙ୍କ

**୨ ଯୁବକ ଅଟକ**

ବାପାଙ୍କ ଏତଲାକୁ ଭିତ୍ତି କରି କୋଷାଗୁମୁଡ଼ା ପୁଲିସ୍ ୧୫୪/୨୫ରେ ଏକ ମାମଲା ରୁଜୁ କରିଛନ୍ତି। ମୃତ ଯୁବତୀଙ୍କ ମରଶରୀରକୁ ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଶବ ବ୍ୟବଚ୍ଛେଦର ରିପୋର୍ଟ, ସାଇଣ୍ଟିଫିକ୍ ଟିମ୍, ଡଗ୍‌ସ୍କ୍ୱାର୍ଡର ରିପୋର୍ଟ ପରେ ଘଟଣାର ପ୍ରକୃତ କାରଣ ଲୋକଲୋଚନକୁ ଆସିବ ବୋଲି ପାପଡ଼ାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କେଣ୍ଡେଲ କେଲ ସୂଚନା ଦେଇଛନ୍ତି।

# କୋଇଲା ଡିପ୍ପୋ ସ୍ଥାପନକୁ ଭାଗୀରଥିପୁରବାସୀଙ୍କ ବିରୋଧ

ଛେଣ୍ଡିପଦା, ୩।୮ (ସମିସ)



ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା ଜେରେଙ୍ଗ ଦେହୁରିସାହି ପଞ୍ଚାୟତ ଭାଗୀରଥିପୁର ଗ୍ରାମରେ ଏକ ଘରୋଇ କମ୍ପାନୀ ପକ୍ଷରୁ ପ୍ରସ୍ତାବିତ କୋଇଲା ଡିପ୍ପୋ ସ୍ଥାପନ ନେଇ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଏ ନେଇ ରବିବାର ଗ୍ରାମବାସୀଙ୍କ ପକ୍ଷରୁ ଏକ ଜରୁରୀ ବୈଠକ ହୋଇଛି। କମ୍ପାନୀ କ୍ଷତିଗ୍ରସ୍ତ ତଥା ପ୍ରଭାବିତ ପ୍ରଜା କମିଟି ସଭାପତି ସୁଦର୍ଶନ ବେହେରାଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା।

ଏଠାରେ କୋଇଲା ଡିପ୍ପୋ ସ୍ଥାପନ ହେଲେ ଅଞ୍ଚଳବାସୀ ବାୟୁପ୍ରଦୂଷଣ ଯୋଗୁଁ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବା ସହ ପ୍ରଭାବିତ ହେବେ। ସମସ୍ତ ଚାଷଜମି ନଷ୍ଟ ହେବା ସହ ଫସଲହାନି ଘଟିବ। ଲୋକଙ୍କ ଜୀବନଜୀବିକା ଉପରେ ଗୁରୁତର ପ୍ରଭାବ ପଡ଼ିବ। ଏପରିକି ସାତ ପୁରୁଷର ଭିଟାମାଟି ଏବଂ ଚାଷଜମି ସମ୍ପୂର୍ଣ୍ଣ ଭାବେ ଉଜୁଡ଼ିଯିବ। ଅଞ୍ଚଳରେ ତାପମାତ୍ରା ଆଶାତୀତ ଭାବେ ବୃଦ୍ଧି ପାଇବ। ବାୟୁ ପ୍ରଦୂଷଣ ଏବଂ ପରିବେଶ ପ୍ରଦୂଷଣ ମାତ୍ରା ବଢ଼ିବ। ପ୍ରଦୂଷଣ ଯୋଗୁଁ ଲୋକେ ବିଭିନ୍ନ ରୋଗର ଶିକାର ହେବେ ବୋଲି ଗ୍ରାମବାସୀ ମତ ପ୍ରକାଶ କରିଥିଲେ। ବିଶେଷକରି ଭାଗୀରଥିପୁର, ଜେରେଙ୍ଗ, ଦେହୁରୀ ସାହି, ଲକ୍ଷ୍ମୀଧରପୁର, ଦୁର୍ଗାପୁର, ଦୁର୍ଗାପୁର ପାଣସାହି, ଜରପଡ଼ା, କୁମୁର ସିଙ୍ଗ ଆଦି ଗ୍ରାମବାସୀ ସିଧାସଳଖ ପ୍ରଦୂଷଣ ସମସ୍ୟାର ସମ୍ମୁଖୀନ ହେବେ। ଏ ନେଇ ସ୍ଥାନୀୟ ଗ୍ରାମବାସୀ ପୂର୍ବରୁ ଆନ୍ଦୋଳନ କରିବା ସହ ଅନୁଗୋଳ ଜିଲ୍ଲାପାଳ ଏବଂ ଛେଣ୍ଡିପଦା ତହସିଲଦାରଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ତଥାପି ପ୍ରଶାସନ ପକ୍ଷରୁ କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏପରିକି ଅଦ୍ୟାବଧି ପ୍ରସ୍ତାବିତ କୋଇଲା ଡିପ୍ପୋ ଓ ପରିବହନ ସଂକ୍ରାନ୍ତୀୟ ଜନଶୁଣାଣି ମଧ୍ୟ କରାଯାଇନାହିଁ। ଲୋକଙ୍କୁ ଅନ୍ଧାର ମଧ୍ୟରେ ରଖି କମ୍ପାନୀ କର୍ତ୍ତୃପକ୍ଷ ମନମୁଖି ଭାବେ ଉଭୟ ସରକାରୀ ଓ ବେସରକାରୀ ଜମି ଅଧିଗ୍ରହଣ ସହ ଅକ୍ତିଆର କରି କୋଇଲା ଡିପ୍ପୋ ଓ ଷ୍ଟକ୍‌ୟାର୍ଡ ସ୍ଥାପନ ପାଇଁ ମସୁଧା ଜାରି ରଖିଛି ବୋଲି ଉପସ୍ଥିତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଏହି ଅଞ୍ଚଳରେ କୌଣସି ମତେ କୋଇଲା ଡିପ୍ପୋ କରାଇ ଦିଆଯିବ ନାହିଁ ବୋଲି ପ୍ରକାଶ କରିଛନ୍ତି। ଏ ନେଇ ଅନୁଗୋଳ ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯିବ। ଯଦି ସରକାର, ଜିଲ୍ଲା ପ୍ରଶାସନ ତଥା କମ୍ପାନୀ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ ନ କରନ୍ତି ତେବେ ଅଞ୍ଚଳବାସୀ କମ୍ପାନୀର ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ଜୋରଦାର ଆନ୍ଦୋଳନ କରିବାକୁ ବାଧ୍ୟହେବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଛେଣ୍ଡିପଦା ଅଞ୍ଚଳରୁ କୋଇଲା ଖଣିଗୁଡ଼ିକରୁ କୋଇଲା ପରିବହନ ଏବଂ ବ୍ୟବସାୟ କରିବା ଲକ୍ଷ୍ୟ ରଖି ଉପରୋକ୍ତ ଗ୍ରାମ ଇଲାକାରେ ରାଜ୍ୟ ବାହାର ବିମଳା ଇନଫ୍ରା ପ୍ରାଇଭେଟ୍ ଲିମିଟେଡ ନାମକ ଏକ ଘରୋଇ କମ୍ପାନୀ କୋଇଲା ଡିପ୍ପୋ ସ୍ଥାପନ ପାଇଁ କାର୍ଯ୍ୟ ଆରମ୍ଭ କରିଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଆର୍ତ୍ତତ୍ରାଣ ସାହୁ, କୋଷାଧ୍ୟକ୍ଷ ବିଶ୍ୱନାଥ ନାଏକ, ରଣଜିତ୍ ସାହୁ, ରଘୁନାଥ ସାହୁ, ବିକାଶ ନାଏକ, ବିଭୂତି ନାଏକ, ଦୀନବନ୍ଧୁ ନାଏକ, ଭରତ ବିଶ୍ୱାଳ, ସଞ୍ଜୟ ବେହେରା, ସ୍ୱପ୍ନେଶ୍ୱର୍ ପ୍ରଧାନ, ଲୋଚନ ସାହୁ, ଅକ୍ଷୟ କୁମାର ସାହୁ, ଏସୟୁସିଆଇ ନେତା ଭରତ ନାଏକ ପ୍ରମୁଖ ଯୋଗଦେଇ ମତାମତ ଦେବା ସହ ଗଭୀର ଉଦବେଗ ପ୍ରକାଶ କରିଥିଲେ। ବୈଠକରେ ଗ୍ରାମର ସମସ୍ତ ମହିଳା ଓ ପୁରୁଷ ଯୋଗଦେଇଥିଲେ।

# ଅପହୃତ ନାବାଳକ ଉଦ୍ଧାର; ୨ ଗିରଫ




ତାଳଚେର, ୩।୮ (ସମିସ): ଶନିବାର ତାଳଚେର ଥାନା ମହାଦେବ ବିହାର ଅଞ୍ଚଳରୁ ଅପହୃତ ନାବାଳକକୁ ପୁଲିସ ଉଦ୍ଧାର କରିବାରେ ସଫଳ ହୋଇଛି। ଏଥିସହ ୨ ଅପହର୍ତ୍ତାଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଅଞ୍ଚଳର ଏସକେ ରହିମ ଓ ଯାଜପୁର ଅଞ୍ଚଳର ସାଗର ମଲ୍ଲିକ। ଉଭୟଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

ଶନିବାର ମହାଦେବ ବିହାର ଅଞ୍ଚଳର ସରସ୍ୱତୀ ସାହୁଙ୍କ ୭ ବର୍ଷର ପୁଅକୁ ଅଜଣା ଦୁର୍ବୃତ୍ତ ଅପହରଣ କରି ନେଇଥିଲେ। ଏ ନେଇ ସରସ୍ୱତୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏସପିଙ୍କ ନିର୍ଦ୍ଦେଶକ୍ରମେ ତାଳଚେର ଏସଡିପିଓଙ୍କ ତତ୍ତ୍ୱାବଧାନରେ ଥାନା ଆଇଆଇସି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା ଆରମ୍ଭ କରିଥିଲେ। ଅପହର୍ତ୍ତାମାନଙ୍କୁ ପୁଲିସ ଢେଙ୍କାନାଳ ଜିଲ୍ଲା ଭାପୁରରୁ ଧରିବାରେ ସଫଳ ହୋଇଥିଲା। ସେମାନଠାରୁ ନାବାଳକକୁ ଉଦ୍ଧାର କରିବା ସହ ଏକ କଳା ରଙ୍ଗର ସ୍କର୍ପିଓ ଗାଡ଼ି ଜବତ କରାଯାଇଛି।

■ ଶ୍ରାବଣ ଶେଷ ସୋମବାର ଆଜି

# ଆଉଁଳି ନଦୀଘାଟରେ କାଉଡ଼ିଆଙ୍କ ଭିଡ଼



ଛେଣ୍ଡିପଦା, ୩।୮ (ସମିସ): ଆସନ୍ତା କାଲି ହେଉଛି ଶ୍ରାବଣ ମାସର ଶେଷ ସୋମବାର। ଏଥିପାଇଁ ଛେଣ୍ଡିପଦା ବ୍ଲକର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ମହାଦେବଙ୍କ ମସ୍ତକରେ ଜଳଲାଗି କରିବା ପାଇଁ ଛେଣ୍ଡିପଦା ବ୍ଲକ ଟାଙ୍ଗିରି ପଞ୍ଚାୟତ ଆଉଁଳି ନଦୀରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଛି। ଶତାଧିକ କାଉଡ଼ିଆଙ୍କ ହର ହର ମହାଦେବ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା। ଆଉଁଳି ଘାଟରେ କାଉଡ଼ିଆମାନେ ପୂଜାପାଠ କରିବା ପରେ କଳସରେ ଜଳ ଭରି ବିଭିନ୍ନ ଶୈବପୀଠ ଅଭିମୁଖେ ବାହାରି ଯାଇଥିଲେ। ଭୋର୍ ସମୟରେ ସେବାୟତମାନେ ମହାଦେବଙ୍କ ସମସ୍ତ ନୀତିକାନ୍ତି ସାରିବା ପରେ କାଉଡ଼ିଆମାନେ ଧାଡ଼ିରେ ଆସି ଜଳଲାଗି କରିବେ। ଶେଷ ସୋମବାର ଜଳଲାଗି ପାଇଁ ଛେଣ୍ଡିପଦା ବ୍ଲକ ଖମାର ଗ୍ରାମର ୪ଶହରୁ ଊର୍ଦ୍ଧ୍ୱ କାଉଡ଼ିଆ ଆଉଁଳି ନଦୀରୁ ପାଣି ନେଇ ଖମାର ଗାଁରେ ଥିବା ବାଣେଶ୍ୱର ପୀଠ ଅଭିମୁଖେ ବାହାରିଛନ୍ତି। ଭିଡ଼କୁ ଦୃଷ୍ଟିରେ ରଖି ବଣେଶ୍ୱରଙ୍କ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ମନ୍ଦିର କମିଟି ସମ୍ପାଦକ ହେମନ୍ତ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

# ବିଭିନ୍ନ ଦାବି ନେଇ କ୍ଷତିଗ୍ରସ୍ତ ପ୍ରଜା ପ୍ରଶାସନର ଦ୍ୱାରସ୍ଥ

କଣିହାଁ, ୩।୮ (ସମିସ): ଅନୁଗୋଳ ଜିଲ୍ଲା ତାଳଚେର ଉପଖଣ୍ଡ କଣିହାଁ ବ୍ଲକସ୍ଥିତ ଏନଟିପିସି ବିଦ୍ୟୁତ ପ୍ରକଳ୍ପର ଷ୍ଟେଜ ନଂ-୧ ପାଉଁଶ ପୋଖରୀ ସମ୍ପ୍ରସାରଣ ପାଇଁ ମଶୁଣିହାତ ଗ୍ରାମର ୧୦୯ ଏକର ଜମି ଅଧିଗ୍ରହଣ କରାଯାଇଛି। କ୍ଷତିଗ୍ରସ୍ତ ପ୍ରଜାଙ୍କ ଅଧିଗୃହିତ ଜମି କ୍ଷତିପୂରଣ ବାବଦ ୫ବର୍ଷ ହେବ ଅର୍ଥରାଶି ପ୍ରଦାନ କରାଯାଇଛି। ମଶୁଣିହାତ ଗ୍ରାମର ପ୍ରଜାମାନେ ବିଦ୍ୟୁତ ପ୍ରକଳ୍ପ ଅଧିକାରୀଙ୍କ ଟାଳଟୁଲ ନୀତିକୁ ବିରୋଧ କରି ଶୁକ୍ରବାର ସ୍ଥାନୀୟ ପ୍ରସାଶନଠାରୁ ଜିଲ୍ଲା ପ୍ରସାଶନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିଯୁକ୍ତି, ଥଇଥାନ ପାଇଁ ପୁନଃ ଦାବିପତ୍ର ପ୍ରଦାନ କରିଛନ୍ତି। ଏନଟିପିସି ବିଦ୍ୟୁତ ପ୍ରକଳ୍ପ ଅଧିକାରୀ ଓ ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନ ନେଲେ ଆସନ୍ତା ୧୧ତାରିଖରେ ଷ୍ଟେଜ ନଂ-୧ ପାଉଁଶ ପୋଖରୀ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନ କରିବା ପାଇଁ ଗ୍ରାମ କମିଟି ସଭାପତି ରଞ୍ଜନ କୁମାର ପାଣି, ସମ୍ପାଦକ ଇନ୍ଦ୍ରମଣି ସାହୁ, କୋଷାଧ୍ୟକ୍ଷ ପ୍ରବୀଣ ନାଏକ, ପ୍ରହଲ୍ଲାଦ ବୋଇତା, ବିପିନ ପ୍ରଧାନ, ବରୁଣ ପ୍ରଧାନ, ଜହର ନାଏକ, ପ୍ରଫୁଲ୍ଲ ନାଏକ, ଅମୂଲ୍ୟ ପାଣି, ପ୍ରକାଶ ରାଉଳ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ସ୍ନିଫର ଡଗ୍ 'ଇମିଲି' ଅସୁସ୍ଥ

■ ନେଇଥିଲା ସାତକୋଶିଆ ସୁରକ୍ଷା ଦାୟିତ୍ୱ

ଅନୁଗୋଳ, ୩।୮ (ସମିସ): ସ୍ନିଫର ଡଗ୍ 'ଇମିଲି' ଅସୁସ୍ଥ ହୋଇପଡ଼ିଛି। ଅନୁଗୋଳ ଜିଲ୍ଲା ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳରେ ନିୟମିତ ଭାବେ ପାଟ୍ରୋଲିଂ କରିବା ପାଇଁ ସାତକୋଶିଆକୁ ଆସିଥିବା ଇମିଲି ମେରୁଦଣ୍ଡ ଜନିତ ରୋଗରେ ପୀଡ଼ିତ ହୋଇଛି। ଅଭୟାରଣ୍ୟ ମଧ୍ୟରେ ସନ୍ଦେହଜନକ ଗତିବିଧି ଉପରେ ସେ ନଜର ରଖୁଥିଲା। ଜର୍ମାନ ସେଫର୍ଡ ବ୍ରିଡ୍‌ର ସ୍ନିଫର ଡଗ ଇମିଲି। ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ମହାବଳ ଟି-୧ ଓ ଟି-୨ ଆସିଥିଲେ। ସେମାନଙ୍କ ଉପରେ ନଜର ରଖିବାକୁ ଦୁଇ କୁମକି ହାତୀଙ୍କ ସହ ସ୍ନିଫର ଡଗ ଇମିଲି ମଧ୍ୟ ଆସିଥିଲା। ପ୍ରଥମେ ଗୋଟିଏ ବାଘର ମୃତ୍ୟୁ ଓ ଅନ୍ୟ ଏକ ବାଘକୁ ଫେରାଇ ନେବା ପରେ ହାତୀ ଦ୍ୱୟ ମଧ୍ୟ ଶିମିଳିପାଳକୁ ଫେରିଯାଇଥିଲେ। ଏବେ ଇମିଲି ମେରୁଦଣ୍ଡ ଜନିତ ରୋଗରେ ପୀଡ଼ିତ ହୋଇଛି। ତା'ର ପଛ ଦୁଇଗୋଡ଼ ସମ୍ପୂର୍ଣ୍ଣ ଅକାମି ହୋଇଯାଇଛି। ଆଗକୁ ସାତକୋଶିଆକୁ ନୂଆ କୁକୁର ଆଣିବାକୁ ଯୋଜନା ଚାଲିଥିବା ଜଣାଯାଇଛି।

## ଘରୁ ଅଜଗର ସାପ ଉଦ୍ଧାର



ବଇଣ୍ଡା, ୩।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ଗ୍ରାମର ସୁବ୍ରତ ସାହୁଙ୍କ ଘରୁ ରବିବାର ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ସାପକୁ ଦେଖି ସୁବ୍ରତ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।

## ମଦ୍ୟପ ଚାଳକ ଗିରଫ, ବାଇକ ଜବତ

ବଇଣ୍ଡା, ୩।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ପୁଲିସ ଶନିବାର ବାମୁର ଅଞ୍ଚଳରେ ଗାଡ଼ିମଟର ଯାଞ୍ଚ କରିଛି। ଏହି ସମୟରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ରେଢ଼ାଖୋଲ ଥାନା ବୁରୁଡ଼ା ଅଞ୍ଚଳର ସୁଶୀଲ ବେହେରାଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କ ବାଇକ ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

## ହାଇମାଷ୍ଟ ଲାଇଟ ଅଚଳ, ମରାମତି ହେଉନି

ବଇଣ୍ଡା, ୩।୮ (ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ହାଟପଦା ଅଞ୍ଚଳରେ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଲାଗିଥିବା ହାଇମାଷ୍ଟ ଲାଇଟ କିଛିମାସ ହେବ ଅଚଳ ହୋଇପଡ଼ିଛି। ଫଳରେ ଉକ୍ତ ଅଞ୍ଚଳ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛି। ଏହି ଲାଇଟ ମରାମତି କରିବା ପାଇଁ ଅଞ୍ଚଳବାସୀ ବହୁବାର ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ ଅତି ନିମ୍ନମାନର ଲାଇଟ୍ ଲଗାଯାଇଥିବାରୁ ଅଚଳ ହୋଇପଡ଼ିଛି। ଏହି ଛକ ଦେଇ ରାତିରେ ବହୁ ଲୋକ ଯାତାୟାତ କରୁଥିବା ବେଳେ ଅନ୍ଧାର ଯୋଗୁଁ ସୁରକ୍ଷିତ ମଣୁନାହାନ୍ତି। ତୁରନ୍ତ ଏହି ଲାଇଟ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଅବସରପ୍ରାପ୍ତ ୪ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



କିଶୋରନଗର, ୩।୮ (ସମିସ): କିଶୋରନଗର ବ୍ଲକର ଅବସରପ୍ରାପ୍ତ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଧଉରାପାଲ୍ଲୀ ଉଚ୍ଚ ପ୍ରାଥମିକ ସ୍କୁଲର ସହକାରୀ ଶିକ୍ଷକ ସୁଦାମ ଚରଣ ପ୍ରଧାନ, ଉରୁକୁଳା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ମହାନ୍ତି, ହଣ୍ଡପା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ମହାପାତ୍ର ଓ ହଣ୍ଡପା ହାଇସ୍କୁଲର ଶିକ୍ଷକ ବିପିନ ସାମଲଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ବିଇଓ ଅରୁଣ ସେଠୀ, ଏବିଇଓ ଲକ୍ଷ୍ମଣ ଦେହୁରୀ, ରମଣୀ ରଞ୍ଜନ ସାହୁ, ବିଆରସିସି ଜବାହରଲାଲ ପ୍ରଧାନଙ୍କ ସମେତ ଅଫିସ୍‌ର କର୍ମଚାରୀ ଉପସ୍ଥିତ ଥିଲେ।

ଭଣଭଣ ମଶାରେ ଲୋକେ ଅଣନିଃଶ୍ୱାସୀ

# ଘାରୁଛି ଡେଙ୍ଗୁ ଓ ମ୍ୟାଲେରିଆ ଭୟ

ତାଳଚେର, ୩।୮ (ସମିସ): ମୌସୁମୀ ବର୍ଷା ପୂର୍ବରୁ ପରିମଳ ବ୍ୟବସ୍ଥା ସୁଧାରିବା ପୌରସଂସ୍ଥାର ଦାୟିତ୍ୱ। ତେବେ ସହରରେ ଏବେ ମଶା ଉପଦ୍ରବ ବଢୁଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ କିମ୍ବା ପୌରସଂସ୍ଥା ପକ୍ଷରୁ ଏହାର ପ୍ରତିକାର ପାଇଁ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ପୌରସଂସ୍ଥା ପକ୍ଷରୁ କର୍ମଚାରୀଙ୍କ ଦ୍ୱାରା ନାଳନର୍ଦ୍ଦମାରେ ମଶାତେଲ ପକାଯାଇଥାଏ। ପୌରସଂସ୍ଥାର ମଶାଧୂଆଁ ଛାଡ଼ିବା ପାଇଁ ମେସିନ୍ ଥିଲେ ମଧ୍ୟ ତାହା କାଁଭାଁ ବ୍ୟବହାର ହେଉଛି। ଫଳରେ ମଶା ଉପଦ୍ରବକୁ ରୋକିହେଉ ନାହିଁ। ଯେଉଁଠି ବସିଲେ ଭଣଭଣ ମଶା, ଏହାକୁ ନେଇ ଲୋକଙ୍କ ମନରେ ଡେଙ୍ଗୁ ଓ ମ୍ୟାଲେରିଆ ଭୟ ଘାରିଛି।



ପୌରାଞ୍ଚଳର ୨୧ ୱାର୍ଡରେ ଥିବା ଡ୍ରେନ ଓ ବିଭିନ୍ନ ଖାଲୁଆ ସ୍ଥାନରେ ପାଣି ଜମିରହି ମଶାବଂଶ ବୃଦ୍ଧି ପାଉଛି। ଅଧିକାଂଶ ଡ୍ରେନ ଆବର୍ଜନାରେ ଭର୍ତ୍ତି ହୋଇ ଜାମ୍ ହୋଇପଡ଼ିଛି। ମଶାବଂଶ ବୃଦ୍ଧି ରୋକିବା ପାଇଁ ପୌରସଂସ୍ଥା ପକ୍ଷରୁ ଉପଯୁକ୍ତ ପଦକ୍ଷେପ ନିଆଯାଉ ନାହିଁ। କେତେକ ସ୍ଥାନରେ ଡ୍ରେନ୍ କାମ ଆଦୌ ହୋଇ ନ ଥିବା ବେଳେ ଆଉ କିଛି ସ୍ଥାନରେ ନାଳ ଭାଙ୍ଗିରୁଜି ଯାଇଛି। ପୌରସଂସ୍ଥାରେ ମଶାଧୂଆଁ ମେସିନ୍ ରହିଥିଲେ ମଧ୍ୟ ତାହା ଠିକ୍ ଭାବେ ବ୍ୟବହାର କରାଯାଉ ନାହିଁ। ମଶାତେଲ ପକାଇବାକୁ ପୌରସଂସ୍ଥା କିଛି ଠିକା କର୍ମଚାରୀଙ୍କୁ ନିଯୁକ୍ତି ଦେଇଛି। ତେବେ ପୌରସଂସ୍ଥା ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଉ ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି। ମଶାମାନେ ପ୍ରାୟ ୩କିମି ରାସ୍ତା ଅତିକ୍ରମ କରି ବଂଶ ବିସ୍ତାର କରିପାରନ୍ତି ବୋଲି ବିଶେଷଜ୍ଞମାନେ ମତଦେଇଛନ୍ତି। ସହରରେ ୩କିମି ମଧ୍ୟରେ ଡ୍ରେନ୍ ଓ ପାଣି ଜମୁଥିବା ସ୍ଥାନରେ ଏକକାଳୀନ ଔଷଧ ସିଞ୍ଚନ କରାଗଲେ ମଶାବଂଶ ନିୟନ୍ତ୍ରଣରେ ସହାୟକ ହୋଇପାରନ୍ତା। ଜନସ୍ୱାସ୍ଥ୍ୟ ବିଭାଗ ଓ ପୌରକର୍ମଚାରୀ କେବେ କେମିତି ଗୋଟିଏ ଲେଖାଏଁ ୱାର୍ଡରେ କାମଚଳା ଭାବେ ଔଷଧ ସିଞ୍ଚନ କରୁଛନ୍ତି। ଫଳରେ ମଶାମାନେ ସେହି ସ୍ଥାନ ଛାଡ଼ି ଅନ୍ୟ ସ୍ଥାନକୁ ପଳାଉଛନ୍ତି। ଔଷଧର ପ୍ରକୋପ ସାମାନ୍ୟ କମିବା ପରେ ପୁନର୍ବାର ସେହି ସ୍ଥାନକୁ ଆସି ଅଣ୍ଡାଦେଇ ବଂଶ ବିସ୍ତାର କରୁଛନ୍ତି। ଏହା ଦ୍ୱାରା ସେମାନଙ୍କ ଶରୀରରେ ଔଷଧ ସହନଶକ୍ତି ବୃଦ୍ଧି ପାଉଛି। ଭବିଷ୍ୟତରେ ସେମାନଙ୍କ ପାଇଁ ଏହି ଔଷଧ କାମ କରିବ ନାହିଁ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ପୌରସଂସ୍ଥା ଓ ଜନସ୍ୱାସ୍ଥ୍ୟ ବିଭାଗ ମିଳିତ ଭାବେ ଏହି କାର୍ଯ୍ୟ କରାଯିବାକୁ ବହୁବାର ନିଷ୍ପତ୍ତି ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ମଶାଙ୍କ ଉତ୍ପାତ ବୃଦ୍ଧି ପାଇବା ସହ ମ୍ୟାଲେରିଆ ଓ ଡେଙ୍ଗୁ ପ୍ରଭୃତି ରୋଗରେ ଜନସାଧାରଣ ଆକ୍ରାନ୍ତ ହେଉଛନ୍ତି। ତୁରନ୍ତ ପୌରସଂସ୍ଥା ଉଚିତ୍ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି।

■ ଓଡ଼ିଶା ଷ୍ଟେଟ୍ ହାଉସିଂ ବୋର୍ଡ ଆପାର୍ଟମେଣ୍ଟ ହସ୍ତାନ୍ତରରେ ବିଳମ୍ବ

# ତେଜୁଛି ଅସନ୍ତୋଷ: ଆନ୍ଦୋଳନ ଚେତାବନୀ




ଅନୁଗୋଳ, ୩।୮ (ସମିସ): ଓଡ଼ିଶା ଷ୍ଟେଟ୍ ହାଉସିଂ ବୋର୍ଡ ଦ୍ୱାରା ଉନ୍ନତ ଅନୁଗୋଳ ଏନକ୍ଲେଭ୍ ଆବାସିକ ପ୍ରକଳ୍ପରେ ସଦସ୍ୟମାନଙ୍କୁ ଆବଣ୍ଟିତ ଅପାର୍ଟମେଣ୍ଟ ହସ୍ତାନ୍ତର ବିଳମ୍ବ ନେଇ ଗଭୀର ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଓଡ଼ିଶା ଷ୍ଟେଟ ହାଉସିଂ ବୋର୍ଡ ସମ୍ପାଦିତ ବିକ୍ରୟ ଚୁକ୍ତି ଅନୁଯାୟୀ ଅନୁଗୋଳ ଏନକ୍ଲେଭ ସଦସ୍ୟମାନେ ଉଲ୍ଲିଖିତ ସମସ୍ତ ରାଶି ପ୍ରଦାନ କରିସାରିଛନ୍ତି। ଇତିମଧ୍ୟରେ ବହୁତ ଦିନ ବିତିଯାଇଥିଲେ ମଧ୍ୟ ସଦସ୍ୟମାନଙ୍କୁ ଏପର୍ଯ୍ୟନ୍ତ ଅପାର୍ଟମେଣ୍ଟ ହସ୍ତାନ୍ତର ହୋଇନାହିଁ। ଫଳରେ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚୁକ୍ତିରେ ସମସ୍ତ ନିୟମକୁ ହାଉସିଂ ବୋର୍ଡ ଖୋଲା ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ରବିବାର ହାଉସିଂ ବୋର୍ଡ, ଅନୁଗୋଳ ଏନକ୍ଲେଭ୍‌ର ସଦସ୍ୟମାନଙ୍କୁ ନେଇ ଏକ ଜରୁରୀକାଳୀନ ବୈଠକ ଏନକ୍ଲେଭ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ମଞ୍ଚ ସଂଯୋଜକ ଆଇନଜୀବୀ ସଞ୍ଜୟ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ସଭାପତି ସନ୍ତୋଷ ମହାରଣା ଅଧ୍ୟକ୍ଷତା କରିଥିଲେ। ୨୦୨୪ ସେପ୍ଟେମ୍ବରରେ ସଦସ୍ୟମାନଙ୍କୁ ଗୃହ ଆବଣ୍ଟନ ନେଇ ଚୁକ୍ତିନାମା ଲେଖାଯାଇଥିବା ବେଳେ ଏଯାବତ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ସଦସ୍ୟମାନେ ଗୃହ ପାଇବାରେ ଅହେତୁକ ବିଳମ୍ବ ଘଟିଛି। ଏ ସମ୍ପର୍କରେ ଓଡ଼ିଶା ହାଉସିଂବୋର୍ଡ ରାଜ୍ୟ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଏଣୁ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ, ଅନୁଗୋଳ ଜିଲ୍ଲାପାଳ, ଓଡ଼ିଶା ରାଜ୍ୟ ହାଉସିଂବୋର୍ଡ ଅଧ୍ୟକ୍ଷ ତଥା ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ବୈଠକରେ ନକୁଳ ଚନ୍ଦ୍ର ପ୍ରଧାନ, କିଶୋର କୁମାର ବେହେରା, ମଳୟ କୁମାର ପ୍ରଧାନ, ସୁକାନ୍ତ ତରାଇ, ସୁମନ୍ତ କୁମାର ବେହେରା, ସାଗରିକା ସାହୁ, ମମତା ପାଣି, ଲଳିତ ମୋହନ ପଣ୍ଡା, ପ୍ରଭାତ କୁମାର ସାହୁ, ସୁବ୍ରତ ପ୍ରଧାନଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା ଯୋଗଦେଇଥିଲେ। ଆପାର୍ଟମେଣ୍ଟ ତୁରନ୍ତ ହସ୍ତାନ୍ତର କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ସେମାନେ ଚେତାବନୀ ଦେଇଛନ୍ତି।

# 'ଅନୁଗୋଳରେ ବାଣିଜ୍ୟ ଓ ଶିଳ୍ପର ବିକାଶ ପାଇଁ ଏଡିସିସିଆଇ ପ୍ରତିଶ୍ରୁତିବଦ୍ଧ'




ଅନୁଗୋଳ, ୩।୮ (ସମିସ): ଅନୁଗୋଳ ଭଳି ଏକ ବିକାଶଶୀଳ ଜିଲ୍ଲାରେ ବାଣିଜ୍ୟ ଓ ଶିଳ୍ପର ବିକାଶ ପାଇଁ ଅନୁଗୋଳ ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନ (ଏଡିସିସିଆଇ) ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ନିକଟରେ ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ନେତୃତ୍ୱରେ ଦିଲ୍ଲୀ ଗସ୍ତ କରି ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରି ଫେରିଛନ୍ତି। ଏହି ଆଲୋଚନାରୁ ଅନୁଗୋଳ ଜିଲ୍ଲାର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ମାଲିକମାନଙ୍କୁ ସୁଫଳ ମିଳିବ ବୋଲି ରବିବାର ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଗୋଳ ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନର କର୍ମକର୍ତ୍ତା କହିଛନ୍ତି। ପ୍ରତିଷ୍ଠାନର ସଭାପତି ଦୀପକ ବର୍ମା, ସମ୍ପାଦକ ଅଶୋକ ମୋଦି ଏବଂ ପୂର୍ବତନ ସଭାପତି ଅଶୋକ ଜୈନ କହିଲେ ଯେ ସେମାନେ ଦିଲ୍ଲୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶ୍ରମମନ୍ତ୍ରୀ ଶୋଭା କରଣ୍ଡଲାଜେ ଏବଂ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଭେଟି ଅନୁଗୋଳ ଜିଲ୍ଲାର ବିକାଶ ସମ୍ପର୍କିତ ବିଭିନ୍ନ ପ୍ରସ୍ତାବ ଓ ଏହାର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ସେହିଭଳି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟି ଅନୁଗୋଳରେ ଡାଉନ୍ ଷ୍ଟ୍ରିମ୍ ବାଣିଜ୍ୟ ପ୍ରତିଷ୍ଠା, କମ ସୁଧରେ ଋଣ, କ୍ୟାପିଟାଲ ସବ୍‌ସିଡି ଆଦି ଉପରେ ଫଳପ୍ରଦ ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ଭୋକାଲ ଫର୍ ଲୋକାଲ ନୀତି ଅନୁସାରେ ସ୍ଥାନୀୟ ବୃହତ ଶିଳ୍ପଗୁଡ଼ିକ ଲଘୁ ଉଦ୍ୟୋଗ ପ୍ରତି ଅଣଦେଖା କରୁଥିବା ନେଇ ଉଦବେଗ ପ୍ରକାଶ ପାଇଥିଲା। ଅନୁଗୋଳରେ ୨୦୦ ଏକର ପରିମିତ ଅଞ୍ଚଳରେ ଏକ ଇଣ୍ଡଷ୍ଟ୍ରିଆଲ କ୍ଲଷ୍ଟର ସ୍ଥାପନ ଦ୍ୱାରା ସ୍ଥାନୀୟ ଉଦ୍ୟୋଗୀମାନେ କିପରି ଉପକୃତ ହୋଇପାରିବେ ସେ ନେଇ କର୍ମକର୍ତ୍ତାମାନେ ମନ୍ତ୍ରୀଙ୍କୁ ବୁଝାଇଥିବା ପ୍ରକାଶ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଉପସଭାପତି ସୁବାସ ପ୍ରଧାନ, ବିକ୍ରମ ଅଗ୍ରୱାଲ, ମୁଖ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ, ସୋସିଆଲ ମିଡିଆ ସଂଯୋଜକ ସୁନୀଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିଳମ୍ବ ହେଉଛି ଜାତୀୟ ରାଜପଥ ସର୍ଭିସ ରାସ୍ତା କାମ

ଅନୁଗୋଳ/ବଇଣ୍ଡା, ୩।୮ (ସମିସ)



ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ଜାତୀୟ ରାଜପଥର ସର୍ଭିସ ରାସ୍ତା କାମ ସରୁନାହିଁ। ରାସ୍ତାକୁ ଠିକାସଂସ୍ଥା ଖୋଳି ଦେଇଥିବା ବେଳେ କାମ କରୁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

● ଆନ୍ଦୋଳନ ପାଇଁ ପ୍ରସ୍ତୁତି

ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଥିବା ବେଳେ ଆଗକୁ ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ ବଇଣ୍ଡା ଅଞ୍ଚଳରେ ଜାତୀୟ ରାଜପଥର ୪ ଲେନ ନିର୍ମାଣ ପାଇଁ ୨୦୧୮ ରେ ଉଚ୍ଛେଦ କରାଯାଇଥିଲା। ଦୀର୍ଘ ୭ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତାକାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ବଇଣ୍ଡାରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ବିଳମ୍ବ ହେଉଥିବାରୁ ଫ୍ଲାଏ ଓଭର ବ୍ରିଜର ଉଭୟ ପାର୍ଶ୍ୱର ସର୍ଭିସ ରାସ୍ତା ନିର୍ମାଣ ହୋଇପାରୁନାହିଁ। ସର୍ଭିସ ରାସ୍ତାର ଗୋଟିଏ ପାର୍ଶ୍ୱକୁ ଠିକାସଂସ୍ଥା ପକ୍ଷରୁ ମେ ଶେଷ ସପ୍ତାହରେ ଖୋଳି ଦିଆଯାଇଥିଲା। ହେଲେ ୨ ମାସ ବିତିଯାଇଥିଲେ ମଧ୍ୟ ଠିକାସଂସ୍ଥା ପକ୍ଷରୁ କୌଣସି କାମ କରାଯାଉନାହିଁ। ଫଳରେ ଉକ୍ତ ଖୋଳାଯାଇଥିବା ରାସ୍ତାରେ କୌଣସି ଗାଡ଼ି ଯାତାୟାତ କରିପାରୁ ନାହିଁ। ଅନ୍ୟ ସର୍ଭିସ ରାସ୍ତାରେ ଉଭୟ ପାର୍ଶ୍ୱରୁ ଗାଡ଼ିଗୁଡ଼ିକ ଯାତାୟାତ କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏପରିକି ଅନେକ ସମୟରେ ଗାଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ବହୁବାର ଠିକାସଂସ୍ଥାଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାଲେଶ୍ୱର ପୌରପାଳିକା

# ସରକାରୀ ଟଙ୍କାରେ ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣ

ବାଲେଶ୍ୱର, ୩।୮ (ସମିସ)




**ତେଜିଲା ବିବାଦ**

ବାଲେଶ୍ୱରପୌରପାଳିକାରେରାସ୍ତାନିର୍ମାଣକୁ ନେଇ ସୃଷ୍ଟି ହୋଇଛି ବିବାଦ। ବ୍ୟକ୍ତିଗତ ପ୍ଲଟରେ ନୂଆ ରାସ୍ତା ନିର୍ମାଣ ହୋଇଛି, ହେଲେ କେହି ବ୍ୟବହାର ପାଇଁ ନାହାନ୍ତି। ଅର୍ଥାତ୍ ଜାଗା ପ୍ଲଟିଂ କରି ବିକ୍ରି କରିବା ପାଇଁ ଏସବୁ ରାସ୍ତା ତିଆରି ହେଉଛି। ଏହା ଜାଗା ଦଲାଲମାନଙ୍କୁ ସୁହାଇଲା ଭଳି ପୌରପାଳିକା ରାସ୍ତା ନିର୍ମାଣ ଚଳାଇଛି। ବ୍ୟକ୍ତିଗତ ଜାଗା ବିକ୍ରି ପାଇଁ ପୌରପାଳିକା ରାସ୍ତା ନିର୍ମାଣ କରୁଛି। ଏହା ପଛରେ ବଡ଼ ସିଣ୍ଡିକେଟ କାମ କରୁଥିବା ବେଳେ ପୌରପାଳିକାର ପାଣ୍ଠି ବିନିଯୋଗ ହେଉଥିବା ଅଭିଯୋଗ ହେଉଛି। ପୌରପାଳିକା ବିରୁଦ୍ଧରେ ଆସିଥିବା ଏଭଳି ସାଙ୍ଘାତିକ ଅଭିଯୋଗ ସମ୍ପର୍କରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବଗତ ଥିବା ନେଇ କହିଛନ୍ତି। ଏଠାରେ ପ୍ରଶ୍ନ ଉଠେ ବ୍ୟକ୍ତିଗତ ଜାଗାରେ ପୌରପାଳିକା ପୂର୍ବରୁ ରାସ୍ତା ନିର୍ମାଣ କରିଛି କେମିତି ? ଏମିତିକି ଗୋଟିଏ ବି ଘର ନଥିବା ବ୍ୟକ୍ତିଗତ ଜାଗାରେ ପୌରପାଳିକା ପାଖାପାଖି ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରିଛି। ଏଭଳି ଅଭିଯୋଗ ଆସିବା ସହିତ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସ ଏବଂ କିଛି କାଉନସିଲର ଏ ନେଇ ପୌରପାଳିକା ଇଓଙ୍କୁ ଜଣାଇବା ସହ ପ୍ରମାଣ ମଧ୍ୟ ହସ୍ତଗତ କରାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ବାଲେଶ୍ୱର ପୌରାଞ୍ଚଳରେ ରହିଛି ୩୧ଟି ୱାର୍ଡ। ସେଥିମଧ୍ୟରୁ ୧୩ ନମ୍ବର ୱାର୍ଡ ମାନସିଂହ ବଜାର ଅଞ୍ଚଳରେ ପେଭର୍ ବ୍ଲକ ରାସ୍ତା ନିର୍ମାଣ ହୋଇଛି ଯାହା ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ଏବଂ ଏହା ପ୍ରାଇଭେଟ୍ ରାସ୍ତା। ସେହିପରି ୫ ନମ୍ବର ୱାର୍ଡରେ ମଧ୍ୟ ଏହିପରି କାମ ହୋଇଥିବା ସୂଚନା ମିଳିଛି। ଏଥିରେ ଏମ୍ ଏମ୍ ଏସ୍ ବି ୱାଇ ଯୋଜନା ଅଧୀନରେ କାମ ଆପ୍ରୋଭାଲ୍ ପାଇଁ ସରକାରଙ୍କୁ ପାଖକୁ ଯାଇଥିବା ସୂଚନା ମିଳିଛି। ଅଥଚ ଯେଉଁ ରାସ୍ତା କାମ ପାଇଁ ଦିଆଯାଇଛି ତାହା ବ୍ୟକ୍ତିଗତ ରାସ୍ତା କହି କାମ ଅଟକାଯାଇଛି। ତେବେ ଏହି କାମ ବାବଦରେ ଖବର ପାଇବା ପରେ ଉଭୟ କାଉନସିଲର ଓ ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତିଙ୍କୁ ଭେଟି ଜଣାଇଛନ୍ତି। ଏ ବାବଦରେ ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ କହିଛନ୍ତି, ଯେଉଁଠି ରାସ୍ତା ଶେଷରେ ମାତ୍ର ଗୋଟିଏ ଘର ରହିଛି, ସେଠାରେ ପୌରପାଳିକା ରାସ୍ତା ତିଆରି କରିଦେଇଛି। ଅଥଚ ଯେଉଁଠି ପ୍ରକୃତରେ ରାସ୍ତା ଦରକାର ସେଠାରେ କହୁଛନ୍ତି ଯେ ରାସ୍ତା ପୌରପାଳିକାକୁ ହସ୍ତାନ୍ତର ହୋଇନାହିଁ। ୩୦/୪୦ ବର୍ଷର ରାସ୍ତା ହେବା ସତ୍ତ୍ୱେ ବି ହସ୍ତାନ୍ତର କରିବା କଥା ଉଠୁଛି। ଯଦି ପୌରପାଳିକାର ସବୁ ବ୍ୟବସ୍ଥା ଯେଉଁ ରାସ୍ତାରେ ଅଛି ତାହେଲେ ସେଠି ପୁଣି ରାସ୍ତା ହସ୍ତାନ୍ତର କଥା ଆସୁଛି କେଉଁଠୁ। ଯେଉଁଠି ରାସ୍ତା ହସ୍ତାନ୍ତର ହୋଇନି ସେଇଠି ପୌରପାଳିକା ରାସ୍ତା କାମ କରୁଛି। ଏମିତି ଆମେ ଖବର ପାଇବା ପରେ ପୌରପାଳିକା ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ଏଥିସହ ବିଲ୍ ମଧ୍ୟ ଅଟକ ରଖିଥିଲୁ। ୫ ନମ୍ବର ୱାର୍ଡରେ ଏମିତି ଏକ ପ୍ରାଇଭେଟ୍ ରାସ୍ତା ନିର୍ମାଣ ହୋଇଛି ଯେଉଠି ରାସ୍ତା ସାମ୍ନାରେ ଗୋଟେ ଲୁହା ଗେଟ୍ ଲାଗିଛି। ସେଠାରେ ପୌରପାଳିକା ରାସ୍ତା ନିର୍ମାଣ କରିଛି। ଆମେ କହିବା ପରେ କିଛି ପେମେଣ୍ଟ ଅଟକାଇଥିଲେ। ସରକାରୀ ଟଙ୍କାରେ ବ୍ୟକ୍ତିଗତ ଜମିରେ ରାସ୍ତା କରି ଦିଆଯାଉଛି। ଉନ୍ନତି ଯୋଜନାରେ ୫ ନମ୍ବର ୱାର୍ଡରେ କିଛି ରାସ୍ତା କାମ ପାଇଁ ଯାଇଛି ହେଲେ ତାହା ପ୍ରାଇଭେଟ୍ ଜାଗା ବୋଲି ଉଲ୍ଲେଖ କରାଯାଇଛି। ଏ ବାବଦରେ ଆମେ ଯେତେବେଳେ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ଭେଟିଥିଲୁ ସେତେବେଳେ ୫ ନମ୍ବର ଓ୍ୱାର୍ଡ କାଉନସିଲର ଆପତ୍ତି କରିଥିଲେ। ଯଦି ଏସବୁ ବ୍ୟକ୍ତିଗତ ତାହେଲେ ସରକାରଙ୍କୁ କାହିଁକି ପଠାଗଲା। ଅନ୍ୟପଟେ ସେଇ ୫ ନମ୍ବର ଓ୍ୱାର୍ଡରେ ବିଗତ ଦିନରେ ବ୍ୟକ୍ତିଗତ ଜାଗାକୁ ରାସ୍ତା କରିଦିଆଯାଇଛି। ଏବାବଦରେ ଇଓ ଏବଂ ଏମ୍‌ଇଙ୍କୁ ଜଣାଇବା ପରେ ବିଲ୍ ଅଟକା ଯାଇଛି। ମୋର କହିବା କଥା ପୌରପାଳିକା ରାସ୍ତା କରିବା ପୂର୍ବରୁ ଜେଇମାନେ ଯେଉଁ ଜାଗାକୁ ଯାଉଛନ୍ତି ସେଠାରେ ଯିବା ପରେ କେଉଁଟା ବ୍ୟକ୍ତିଗତ ଓ କେଉଁଟା ପବ୍ଲିକ ରାସ୍ତା ନିଶ୍ଚୟ ଜାଣିପାରିବେ। ଏହା ଜାଣିଲା ପରେ ଏଷ୍ଟିମେଟ୍ କରି ସରକାରଙ୍କୁ ପଠାନ୍ତୁ। ଏବେ ଯେଉଁ ନୂଆ ଆପ୍ ଦ୍ୱାରା ରାସ୍ତା ନିର୍ଧାରଣ କରୁଛନ୍ତି ସେଥିରେ ସାଟେଲାଇଟ ଇମେଜ୍ ରେ ଦେଖଉଛି ଯେ ବହୁତ ଜାଗା ପୌରପାଳିକାକୁ ହସ୍ତାନ୍ତର ହୋଇନାହିଁ। କିନ୍ତୁ ବର୍ଷ ବର୍ଷ ଧରି ସେଠାରେ ରାସ୍ତା ଅଛି, ଡ୍ରେନ୍ ଅଛି, ପାନୀୟ ଜଳ ପାଇପ୍ ଯାଇଛି। କିନ୍ତୁ ବର୍ତମାନ ସେଠାରୁ ଆଉ ରାସ୍ତା ତିଆରି ହୋଇପାରୁନାହିଁ। ନୂଆ ଆପ୍‌ରେ ଅଧିକାଂଶ ରାସ୍ତା ବ୍ୟକ୍ତିଗତ ଦେଖଉଛି। ଏନେଇ ଜନସାଧାରଣଙ୍କୁ ନୋଟିସ୍ କରାଯାଉ। ଯେହେତୁ ଏସବୁ ଆପ୍‌ରେ ଦେଖଉନି ସେମାନେ ଲିଖିତ ଭାବେ ପୌରପାଳିକାକୁ ହସ୍ତାନ୍ତର କରନ୍ତୁ। ଲୋକଙ୍କୁ ସଚେତନ କରାଇବା ଦରକାର। ଚୁପଚାପ ବସିଲେ ହେବନି। ବ୍ୟକ୍ତିଗତ ଜାଗାରେ ବିନା ଲେଖାପଢାରେ ଲୋକ ନାହାନ୍ତି ଏବଂ ଗୋଟିଏ ଘରକୁ ୧୦/୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ରାସ୍ତା ତିଆରି କରାଯାଉଛି। ଏହାକୁ ଆମେ ଦୃଢ ନିନ୍ଦା କରୁଛୁ। ଆମ ପାଖକୁ ଏହି ପ୍ରକାର ଘଟଣା ଆସିଛି। ଭିଡିଓ ରେକର୍ଡିଂ କରି ପୌରପାଳିକାକୁ ମଧ୍ୟ ଜଣାଇଛୁ।

ଏହାପରେ ଏବାବଦରେ ଇଓ ଏକ ଚିଠି କରିଛନ୍ତି। ଏଷ୍ଟିମେଟ୍ ପୂର୍ବରୁ ଟିକିନିଖି ଯାଞ୍ଚ କରିବାକୁ କୁହାଯାଇଛି। ଏପ୍ରକାର ଆଦୌ ହେବା ଉଚିତ ନୁହେଁ। ଏ ବାବଦରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତିଙ୍କୁ ପଚାରିବାରୁ କହିଥିଲେ, କଚ୍ଚା ରାସ୍ତାର ନୂଆ ପ୍ରୋଜେକ୍ଟ ପାଇଁ ରାସ୍ତା ପୌରପାଳିକାକୁ ହସ୍ତାନ୍ତର ହୋଇଥିବା ନେଇ ଭେରିଫିକେସନ୍ ଦରକାର। ଏହି ରାସ୍ତା ପୌରପାଳିକାକୁ ହସ୍ତାନ୍ତର ହୋଇଛି ନା ବ୍ୟକ୍ତିଗତ ରାସ୍ତା। ଏନେଇ ନିୟମ ଲାଗୁ ହୋଇଛି। ବାକି ଯାହା ପୁରୁଣା ରାସ୍ତା ପୌରପାଳିକାର ଅଛି ସେନେଇ ଆଉ କିଛି ସମସ୍ୟା ନାହିଁ। ସେଥିରେ କାମ ହୋଇପାରିବ। ଯଦି କେହି ବ୍ୟକ୍ତିଗତ ରାସ୍ତା ପୌରପାଳିକାକୁ ଅଫିସିଆଲ୍ ପ୍ରକ୍ରିୟାରେ ଦାନ କରିପାରିବେ, ତାହେଲେ ସେଇ ପ୍ରକ୍ରିୟାରେ ଆମେ ରାସ୍ତା କାମ କରିପାରିବୁ। କିଛି ଅସୁବିଧା ନାହିଁ। କିନ୍ତୁ କୌଣସି ବ୍ୟକ୍ତିଗତ ଜାଗାରେ ଲୋକଙ୍କ ବିନା ଅନୁମତିରେ ପୌରପାଳିକା ରାସ୍ତା କରିବ ନାହିଁ'।

## 'କ୍ରୀଡ଼ାରେ କ୍ୟାରିୟର' ସମ୍ପର୍କିତ ସେମିନାର

ବାଲେଶ୍ୱର,୩।୮ (ସମିସ): ଫକୀରମୋହନକନିଷ୍ଠମହାବିଦ୍ୟାଳୟକମର୍ସବ୍ଲକପରିସରରେ କ୍ରୀଡ଼ାରେ କ୍ୟାରିୟର ସମ୍ପର୍କିତ ଏକ ସେମିନାର ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ ମିଳିତ ଜାତିସଂଘର ୟୁନିସେଫ୍ ଆନ୍ତର୍ଜାତୀୟ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଜୁମ୍ ମିଟ ଅନଲାଇନ ପ୍ଲାଟଫର୍ମ ଦ୍ୱାରା ସମ୍ପାଦିତ ହୋଇଯାଇଛି। ଏହି ଆଲୋଚନାରେ +୨ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ଅନେକ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ମନୋରଞ୍ଜନ ପଣ୍ଡା, ଅଧ୍ୟାପିକା ଅନୁପମା ବେହେରା ଓ ମିତାଲି ରାଉତ ରାୟ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବାରେ ସହଯୋଗ କରିଥିଲେ। ବିଶିଷ୍ଟ କ୍ରୀଡ଼ା ବିଶେଷଜ୍ଞ ଜୟଦେବ ମହାପାତ୍ର କ୍ରୀଡ଼ାରେ କ୍ୟାରିୟର ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଭୁବନେଶ୍ୱର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ। ପରିଶେଷରେ ପ୍ରଶ୍ନ ଉତ୍ତର ଭିତ୍ତିକ ଆଲୋଚନା ହୋଇଥିଲା। ଏହି ଆଲୋଚନା ସୁଚାରୁରୂପେ ସମ୍ପାଦନା କ୍ଷେତ୍ରରେ ଅଧକ୍ଷ ପ୍ରଦୀପ କୁମାର ରଣା ଓ ଉପାଧକ୍ଷ ଡକ୍ଟର ସନ୍ତୋଷ କୁମାର ରାଉତ ପ୍ରମୁଖ ଭୂମିକା ତୁଲାଇ ଥିଲେ।




## ଆରପାରିରେ ବିଶିଷ୍ଟ ମଲ୍ଲଯୋଦ୍ଧା ଦିଲ୍ଲୀପ ଭୂୟାଁ



ବାଲେଶ୍ୱର,୩।୮ (ସମିସ): ବାଲେଶ୍ୱରର ବିଶିଷ୍ଟ ମଲ୍ଲଯୋଦ୍ଧା ଦିଲ୍ଲୀପ ଭୂୟାଁ( ବୁନୁ ଭାଇ)ଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ସେ କିଛି ଦିନ ଧରି ଅସୁସ୍ଥ ଥିଲେ। ଆଜି ସକାଳେ ହଠାତ ଅସୁସ୍ଥ ଅନୁଭବ କରିବାରୁ ଘର ଲୋକେ ତାଙ୍କୁ ରେମୁଣା ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୋପାଳ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର ରାଜୀବ ଲୋଚନ ଭୂୟାଁ ବାପାଙ୍କୁ ମୁଖାଗ୍ନି ଦେଇଛନ୍ତି। ଦିଲ୍ଲୀପଙ୍କ ପିଲାଟି ବେଳୁ ସମରକଳା ପ୍ରତି ଆଗ୍ରହ ଥିଲା। ସେ ବିଭିନ୍ନ ସମାଜ ସେବା କାର୍ଯ୍ୟରେ ମଧ୍ୟରେ ନିଜକୁ ନିୟୋଜିତ କରିଥିଲେ। ସେ ବୀରବଜରଙ୍ଗ ବ୍ୟାୟାମଗାର ର ଆଜୀବନ ସଦସ୍ୟ ଥିବା ବେଳେ ଗୋପାଳଗାଁ ଆଖଡ଼ା କମିଟିର ମୁଖ୍ୟ ଥିଲେ। ବାଲେଶ୍ୱର ଠାରୁ ଆରମ୍ଭ କରି ରାଜ୍ୟ ଓ ରାଜ୍ୟ ବାହାରେ ସମରକଳା ପ୍ରଦର୍ଶନ କରି ସେ ପ୍ରଶଂସିତ ହୋଇଥିଲେ। ଏସବୁ ବାଦ ବାଲେଶ୍ୱର ସହରରେ ରାମନବମୀ ଦିନ ତାଙ୍କର ନୃତ୍ୟନାଟିକା ରାମରାବଣ ଯୁଦ୍ଧ ଦର୍ଶକଙ୍କୁ ବିମୋହିତ କରୁଥିଲା। ସେହିପରି ମହିଳାମାନଙ୍କ ଆତ୍ମସୁରକ୍ଷା ପାଇଁ ଏକ ଟିମ ଗଠନ କରି ସେମାନଙ୍କୁ ତାଲିମ ଦେଉଥିଲେ। ମହାବୀର ଆଖଡ଼ା ସଂଘ ଏବଂ ବିଭିନ୍ନ ମହଲରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

## ଅରାଜକତା ବିରୋଧରେ ଆଲୋଚନା



ବାଲେଶ୍ୱର, ୩।୮ (ସମିସ): ସୁନହଟ ଅଞ୍ଚଳ ତଥା ଆଖଡ଼ାଶାଳା, ଦେଓ୍ୱାନପାଟଣା, କନକଦୁର୍ଗା, ମହୁଲପାଡ଼ିଆ, ନନ୍ଦସାହି, ଆରଆରଦାସଷ୍ଟ୍ରିଟଅଞ୍ଚଳରେଶାନ୍ତିଶୃଙ୍ଖଳା ପାଇଁ ଗ୍ରାମବାସୀ ଏକଜୁଟ ହୋଇଛନ୍ତି। ଆଜି ସକାଳ ସମୟରେ ଗ୍ରାମବାସୀଙ୍କ ଦ୍ୱାରା ସାଗର କଲେଜ ପ୍ରାଙ୍ଗଣରେ ସାହିର ସମସ୍ତ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଅଞ୍ଚଳରେ ଘଟୁଥିବା ବିଭିନ୍ନ ଅରାଜକତା ବିରୁଦ୍ଧରେ ଆଲୋଚନା କରିଥିଲେ। ଅନ୍ୟ ଅଞ୍ଚଳରୁ କିଛି ଦୁଷ୍ଟ ପ୍ରକୃତିର ଲୋକମାନେ ଆସି ଅଞ୍ଚଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛନ୍ତି। ଆଗାମୀ ଦିନରେ ପୋଲିସର ସହାୟତା ନେଇ ଏହାକୁ କିପରି ଦମନ କରାଯିବ ସେହି ବିଷୟରେ ସାହି ମୁରବିମାନେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଅଧିକରୁ ଅଧିକ ଗ୍ରାମବାସୀଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବାର ଯୋଜନା ରହିଛି। ଏହି ଆଲୋଚନାରେ ସନତ ଦାସ, ଗୌତମ ଦାସ, ରାଜେନ୍ଦ୍ର ଦାସ, ଭଜ ସ୍ୱାଇଁ, ଜିତେନ୍ଦ୍ର ସ୍ୱାଇଁ, ଶ୍ରୀପତି ମାଝୀ, ସତ୍ୟେନ୍ଦ୍ର ଦାସ, ଶ୍ରୀମନ୍ତ ମହାନ୍ତି, ବିଜୟ ନନ୍ଦ, ଦେବାଶିଷ ଦାସ, ପ୍ରଭାସ ନାୟକ, ତାପସ ବାରିକ, ରାଜଦର୍ଶୀ ଦାସ, ଦେବବ୍ରତ ମିଶ୍ର, ଦୟା ମାଝୀ, କୈଳାସ ମାଝୀ, ଭାସ୍କର ଦାସ, ଜଗବନ୍ଧୁ ଆଚାର୍ଯ୍ୟ, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ମାହେଶ୍ୱର ସମାଜ ପକ୍ଷରୁ କାଉଡ଼ି ଯାତ୍ରା

ବାଲେଶ୍ୱର,୩।୮ (ସମିସ): ବାଲେଶ୍ୱର ମାହେଶ୍ୱରୀ ସମାଜ ପକ୍ଷରୁ ଶ୍ରାବଣମାସରେ କାଉଡି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ ଆଜି ବାଲିଘାଟଠାରୁ ପାଣି ନେଇ ଝାଡେଶ୍ୱର ମନ୍ଦିରରେ ପାଣି ଢ଼ାଳିଥିଲେ। ମାହେଶ୍ୱରୀ ସମାଜ ପକ୍ଷରୁ ଏହି କାଉଡି ଯାତ୍ରା ଦୀର୍ଘ ୧୫ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ସେମାନେ ଶ୍ରାବଣ ମାସର ଯେକୌଣସି ଏକ ରବିବାର ଦିନ ପାଣି ନେଇ ଠାକୁରଙ୍କ ଉପରେ ଢ଼ାଳନ୍ତି ଏବଂ ବିଶ୍ୱାସ ରହିଛି ଯେ, ଶ୍ରାବଣ ମାସରେ ପାଣି ଢ଼ାଳିରେ ସାମଜର ଉନ୍ନତି ହେବା ସହ ପରିବାରର ମଧ୍ୟ ଉନ୍ନତି ହୋଇଥାଏ।

## ଅଙ୍ଗଦାନ ଦିବସ ଅବସରରେ ସଚେତନତା ରାଲି

ବାଲେଶ୍ୱର, ୩।୮ (ସମିସ): ଅଙ୍ଗଦାନ ଦିବସ ଅବସରରେ ଆଜି ବାଲେଶ୍ୱରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ବାଲେଶ୍ୱରଙ୍କ ଅଧ୍ୟକ୍ଷତାରେ ଇନରହୁଇଲ୍ କ୍ଲବ ବାଲେଶ୍ୱର ଓ ରୋଟାରାକ୍ଟ କ୍ଲବ ସହଯୋଗରେ ଏହା ଅନୁଷ୍ଠିତ ହୋଇଛି। ଏହି ଉଦ୍ୟମ ଦ୍ୱାରା ସମାଜରେ ଅଙ୍ଗଦାନ ସମ୍ପର୍କରେ ସଚେତନତା ବୃଦ୍ଧି କରିବା, ଲୋକଙ୍କ ମଧ୍ୟରେ ଏହାର ଗୁରୁତ୍ୱ ବିଷୟରେ ସଠିକ ଜ୍ଞାନ ପହଞ୍ଚାଇବା ଓ ଅଙ୍ଗଦାନ ପ୍ରତି ସକାରାତ୍ମକ ଦୃଷ୍ଟିକୋଣ ଗଢିତ କରିବା ଉଦ୍ଦେଶ୍ୟ ରହିଛି। ଏହି ରାଲିର ସ୍ୱତନ୍ତ୍ରତା ଓ ଗୁରୁତ୍ୱ ଉଦ୍‌ଘାଟନ କରି ଧ୍ୱଜାତୋଳନ କରିଥିଲେ ବାଲେଶ୍ୱର ଜିଲ୍ଲାର ଏଡିଏମ। ରାଲିରେ ବହୁ ସଂଖ୍ୟକ ରୋଟାରୀ ସଦସ୍ୟ, ଇନରହୁଇଲ୍ ସଦସ୍ୟ, ରୋଟାରାକ୍ଟ ସଦସ୍ୟ ଓ ସ୍ଥାନୀୟ ନାଗରିକମାନେ ଉତ୍ସାହର ସହ ଯୋଗଦେଇଥିଲେ। ସଭାରେ ବିଭିନ୍ନ ପ୍ରମୁଖ ବକ୍ତାଙ୍କ ଦ୍ୱାରା ଅଙ୍ଗଦାନର ଆବଶ୍ୟକତା, ଏହାର ଲାଭ ଓ ଜୀବନ ରକ୍ଷାରେ ଏହାର ଭୂମିକା ବିଷୟରେ ଉତ୍ତେଜକ ଭାଷଣ ଦିଆଯାଇଥିଲା। ରାଲି ମାଧ୍ୟମରେ ସମାଜରେ ଅଙ୍ଗଦାନ ପ୍ରତି ଅନୁକୂଳ ମନୋଭାବ ସୃଷ୍ଟି କରିବା, ଭ୍ରମାତ୍ମକ ଧାରଣା ଓ ଆନ୍ଧବିଶ୍ୱାସକୁ ଅନ୍ୟ ମାନସିକତାରେ ପରିଣତ କରିବା ପ୍ରଚେଷ୍ଟା ହୋଇଥିଲା। ଅଙ୍ଗଦାନ ମାନବଜୀବନକୁ ରକ୍ଷା କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦୃଷ୍ଟିଗୋଚର ହୋଇଥିବା ଏହି ଅଭିଯାନ ମାଧ୍ୟମରେ ଅଧିକାଧିକ ଲୋକଙ୍କୁ ଅଙ୍ଗଦାନ ପାଇଁ ଆଗକୁ ଆସିବାକୁ ପ୍ରେରିତ କରାଯାଇଛି। ବାଲେଶ୍ୱର ରୋଟାରୀ କ୍ଲବ, ଇନରହୁଇଲ୍ କ୍ଲବ ବାଲେଶ୍ୱର ଓ ରୋଟାରାକ୍ଟ କ୍ଲବ ବାଲେଶ୍ୱରଙ୍କ ପକ୍ଷରୁ ସମସ୍ତଙ୍କୁ ଏହି ଉଦ୍ୟମରେ ସହଯୋଗ କରିବା ଓ ଅଙ୍ଗଦାନ ପାଇଁ ସଚେତନ ହେବା ନିମନ୍ତେ ଆହ୍ୱାନ ଜଣାଯାଇଛି।




## ଜିଲ୍ଲାର ସ୍ୱାସ୍ଥ୍ୟସେବା ସମସ୍ୟାର ସମାଧାନ ଦାବି




**କ୍ରିୟାନୁଷ୍ଠାନ କମିଟିର ଗଣଧାରଣା ନିଷ୍ପତ୍ତି**

ବାଲେଶ୍ୱର,୩।୮ (ସମିସ): ଜିଲ୍ଲାର ସ୍ୱାସ୍ଥ୍ୟସେବା ସମସ୍ୟା ଦିନକୁ ଦିନ ବଢି ଚାଲିଥିବା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁ?ିକରେ ରୋଗୀମାନେ ଆବଶ୍ୟକୀୟ ସେବା ପାଇପାରୁନଥିବାର ଅଭିଯୋଗ ହେଉଛି। ସେହିପରି ରେମୁଣାସ୍ଥିତ ମେଡିକାଲ୍ କଲେଜ ଓ ହସ୍‌ପିଟାଲରେ ମଧ୍ୟ ଉପଯୁକ୍ତ ସେବା ମିଳୁନାହିଁ। ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଆବଶ୍ୟକୀୟ ଯନ୍ତ୍ରପାତି ଓ ଚିକିତ୍ସା ଉପକରଣଗୁଡ଼ିକ ମେଡିକାଲ୍ କଲେଜକୁ ସ୍ଥାନାନ୍ତର ପରେ ରୋଗୀ ସେବାରେ ଉକ୍ରଟ ସମସ୍ୟା ଉପୁଜିଛି। ବହୁ ସ୍ୱେଚ୍ଛାସେବୀ ସଂଗଠନମାନେ ଓ ଗଣମାଧ୍ୟମମାନେ ରୋଗୀମାନଙ୍କ ଏହି ସମସ୍ୟା ସମାଧାନ ପାଇଁ ସ୍ୱରଉତ୍ତୋଳନ କଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ମେଡିକାଲ୍ କଲେଜକୁ ସମସ୍ତ ବିଭାଗ ସ୍ଥାନାନ୍ତର ପୂର୍ବରୁ ଅନେକ ସମସ୍ୟାର ସମାଧାନ କରାଯାଇପାରନ୍ତା। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟସେବା ଦାୟିତ୍ୱରେ ଥିବା ଉଚ୍ଚ କର୍ତ୍ତୃପକ୍ଷଙ୍କ ସମନ୍ୱୟ ଅଭାବରୁ ଓ ଅପରିଣାମଦର୍ଶୀ ନିଷ୍ପତ୍ତି ଯୋଗୁଁ ଏହି ସମସ୍ୟା ଉକ୍ରଟ ହୋଇଛି ବୋଲି ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ବୈ?ଠକରେ ମତପ୍ରକାଶ ପାଇଛି। ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈ?ଠକରେ ସାଧାରଣ ସଂପାଦକ ପ୍ରଦୀପ ଦାସ, ଗୌରାଙ୍ଗ ପାଣିଗ୍ରାହୀ, ଡ. କ୍ଷିତିଶ୍ୱର ଦାଶ, ସୀତାରାମ ପ୍ରଧାନ, ସରସ୍ୱତୀ ପଣ୍ଡା ଓ ଡ. କେଶବ ଚରଣ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ବାଲେଶ୍ୱରର ସମସ୍ତ ସାମାଜିକ ଓ ଗଣସଂଗଠନମାନଙ୍କୁ ନେଇ ଏକ ସପ୍ତାହବ୍ୟାପୀ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ସମର୍ଥନ ଜଣାଇ ଅକ୍ଷୟ କୁମାର ତ୍ରିପାଠୀ, ରବୀନ୍ଦ୍ର ଭୋଳ, ଶ୍ୟାମସୁନ୍ଦର ଜେନା ଓ ମାୟାଧର ନାୟକ ପ୍ରମୁଖ ଏହି ଆନ୍ଦୋଳନ ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକରେ ଚଳିତ ମାସରେ ଗଣଧାରଣା ପାଇଁ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଶେଷରେ ସଂଯୁକ୍ତା ବେହେରା ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର

ରାଜଘାଟ, ୩।୮ (ସମିସ): ୬୦ ନମ୍ବର ଜାତୀୟ ରାଜପଥର ମାଥାନୀ ବାୟ ପାସ ନିକଟରେ ସଡ଼କ ଦୁର୍ଘଟଣା ହୋଇ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ଆଜି ଅପରାହ୍ନ ପାଞ୍ଚ ଟା ସମୟରେ ବାଲେଶ୍ୱରରୁ ବସ୍ତା ଥାନା ବାହାର୍ଦା ଅଭିମୁଖେ ଏକ ବାଇକ ଯୋଗେ ସୁରେନ୍ଦ୍ର ଦାସ ଏବଂ ତାଙ୍କର ସ୍ତ୍ରୀ ଗୀତାଞ୍ଜଳି ଦାସ ଆସୁଥିବା ବେଳେ ମାଥାନୀ ବାୟ ପାସ ନିକଟରେ ପଛ ଆଡୁ ଦ୍ରୁତ ଗତିରେ ଆସି ଏକ ବାଇକ ଆରୋହୀ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟ ସ୍ୱାମୀ ସ୍ତ୍ରୀ ତଳେ ପଡିଥିବାବେଳେ ମହିଳା ଜଣକ ଗୁରୁତର ଅବସ୍ଥାରେ ରକ୍ତ ଜୁଡୁବୁଡୁ ହୋଇଥିବା ବେଳେ ଏହି ସମୟରେ ବିଦ୍ୟାଧରପୁର ଗାଁର ଶେଖ ସରତାଜ କାର ଯୋଗେ ସପରିବାରକୁ ନେଇ ବସ୍ତା ଆସୁଥିବା ବେଳେ ମହିଳାଙ୍କୁ ନିଜ ଗାଡି ରେ ବସ୍ତା ମେଡିକାଲ କୁ ଆଣିଥିଲେ। ହେଲେ ଦୁର୍ଘଟଣା ଘଟାଇଥିବା ବାଇକ ଆରୋହୀ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତି ଉକ୍ତ ଗାଡି ନମ୍ବରକୁ ଆଧାର କରି ଥାନା ରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ବାଲେଶ୍ୱର,୩।୮ (ସମିସ): ସଦର ବ୍ଲକ ହଳଦୀପଦା ରମାକାନ୍ତ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କୁନି କୁନି ପିଲାମାନଙ୍କୁ ନେଇ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରୁପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ଗଣିତ ଅଧ୍ୟାପକ ଶ୍ରବଣ କୁମାର ନାୟକ ଯୋଗଦେଇ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ। ଏଥିରେ ତାଙ୍କୁ ପଦାର୍ଥ ବିଜ୍ଞାନ ଦାୟିତ୍ୱରେ ଥିବା ବାସନ୍ତୀ ସାହୁ ସହଯୋଗ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସମିତିର ସଭାପତି କାର୍ତ୍ତିକଚନ୍ଦ୍ର ବାରିକ, ସମ୍ପାଦକ ଗଣେଶ୍ୱର ସାହୁ, ଯୁଗ୍ମ ସମ୍ପାଦକ ମହେନ୍ଦ ସାହୁ, କୋଷାଧ୍ୟକ୍ଷ ଶରତଚନ୍ଦ୍ର ଜେନା, ପ୍ରଧାନ ଆଚାର୍ଯ୍ୟ ସାଗରିକା ଜେନା, ବିଜ୍ଞାନ ପ୍ରମୁଖ ଦୀପକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୋଟ ୪୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ, ଗୁରୁମା ଓ ଅନ୍ୟପିଲାମାନେ ସହଯୋଗ କରିଥିଲେ।

# ବାଲେଶ୍ୱର ବିକାଶରେ ବାଧକ ଦୁର୍ନୀତିଗ୍ରସ୍ତ ବାବୁ

ବାଲେଶ୍ୱର,୩।୮ (ସମିସ)




**ଭିଜିଲାନ୍ସ ତଦନ୍ତ ଦାବି କଲେ ଯୁବନେତା**

ଗତ୧୦ଦିନ ହେବ ବାଲେଶ୍ୱର ଜଳସେଚନ ବିଭାଗରେ ଗୋଟିଏ ଚୌକି ପାଇଁ ଦୁଇ ଜଣ ବାବୁ ରହିଥିବା ବେଳେ ଜଣେ ବାବୁ ତାଲା ପକାଇ ପଳାଇଯାଉଥିବା ବେଳେ ଅନ୍ୟ ଜଣେ ବାବୁ କିରାଣୀଙ୍କ ରୁମରେ ବସି ଘରକୁ ଫେରିଯାଉଛନ୍ତି। ଯାହାକୁ ନେଇ ଯୁବ ନେତା ବିକ୍ରମ ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ବିଭାଗରେ ହେଉଥିବା ଦୁର୍ନୀତିକୁ ନେଇ ସେ ଖୁବ୍‌ଶିଘ୍ର ଭିଜିଲାନସ ବିଭାଗ ଠାରେ ଅଭିଯୋଗ କରିବେ ବୋଲି କହିଛନ୍ତି। ତାଙ୍କ ସୂଚନା ଅନୁସାରେ, ବାଲେଶ୍ୱରର ବିକାଶ ପାଇଁ ଆସୁଥିବା କୋଟି କୋଟି ଟଙ୍କା ବାଟମାରଣା କରିବା ସହିତ ସରକାରୀ ଯନ୍ତ୍ରୀମାନେ ବିଶେଷ କରି ପିଡବ୍ଲୁଡି, ଆରଏଣ୍ଡବି, ପିଏଚଡି, ଡ୍ରେନେଜ, ଜଳସେଚନ ଆଦି ବିଭିନ୍ନ ବିଭାଗରେ ଥିବା ଯନ୍ତ୍ରୀମାନେ ବର୍ଷ ବର୍ଷ ଧରି ଟଙ୍କା ଖାଉଛନ୍ତି। ଯାହାର ପରିଣାମ ଏବେ ବାଲେଶ୍ୱର ଭୋଗୁଛି। ଏପରିକି ସବୁ ବିଭାଗରେ ଉପରିସ୍ଥ ଇଂଜିନିୟରଙ୍କଠାରୁ ଆରମ୍ଭ କରି ଜେଇ ପର୍ଯ୍ୟନ୍ତ ବର୍ଷ ବର୍ଷ ଧରି ବାଲେଶ୍ୱରରେ ରହିବା ଏବଂ ଏଠାରୁ ବଦଳି ନ ହେବା ଏକ ସଙ୍ଗୀନ କଥା। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ବିଭାଗ କାର୍ଯ୍ୟାନୁଷ୍ଠାନ ନେଉଥିବାବେଳେ ବାଲେଶ୍ୱରରେ ତାହା ହେଉନି। ଗତ ଦୁଇ ବର୍ଷ ତଳେ ଚାନ୍ଦିପୁର ବେଳାଭୂମୀରେ ୩୦କୋଟି ବ୍ୟୟରେ ଡ୍ରେନେଜ ବିଭାଗ ଦ୍ୱାରା ଯେଉଁ ଲୁଣା ବନ୍ଧ ହୋଇଥିଲା ଦୁଇମାସ ପରେ ତାହାର ଅବସ୍ଥା ଖରାପ ହୋଇପଡ଼ିଥିଲା। ବାଲେଶ୍ୱର ଜିଲ୍ଲା ଏକ ବନ୍ୟା ପ୍ରଭାବିତ ଜିଲ୍ଲା ହୋଇଥିବା ବେଳେ ବନ୍ୟା ପରବର୍ତ୍ତି ଏବଂ ପୂର୍ବବର୍ତି କାର୍ଯ୍ୟ ପାଇଁ ଶହ ଶହ କୋଟି ଟଙ୍କା ସରକାରୀ ଅନୁଦାନ ଆସିଥାଏ। ଜଳସେଚନ ବିଭାଗ ଦ୍ୱାରା କାର୍ଯ୍ୟ ହୋଇଥାଏ। ବିଭିନ୍ନ ସମୟରେ ଏଠାରେ କାମ କମ ହେଉଥିବା ବେଳେ ବାଟମାରଣା ଅଧିକ ହେଉଛି ବୋଲି ଅଭିଯୋଗ କରିଛନ୍ତି। ଯେପରିକି ଜୈନିକ ଯନ୍ତ୍ରୀ ଜିଲ୍ଲାର ବିଭିନ୍ନ ଜାଗାରେ ଏକ ସାଙ୍ଗରେ ଦାୟିତ୍ୱରେ ରହିଛନ୍ତି। ରେମୁଣା ବ୍ଲକ, ନୀଳଗିରି ବ୍ଲକ ଏବଂ ଆଇଟିଡିଏ ନୀଳଗିରି ଏକ ସାଙ୍ଗରେ କାର୍ଯ୍ୟରତ ଏବଂ ବାଲେଶ୍ୱର ଜଳସେଚନ ବିଭାଗର ଯନ୍ତ୍ରୀ ପଦବୀ ପାଇଁ ଦୁଇ ଅଧିକାରୀ ଏକା ସଙ୍ଗେ ଭିଡା ଓଟରା ହେବା ବାଲେଶ୍ୱର ପାଇଁ ଲଜ୍ୟା ଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପଟେ ବାଲେଶ୍ୱରର ବେକାର ଯୁବକ ଯୁବତୀ ଦାଦନ ଖଟିବା ପାଇଁ ବିଭିନ୍ନ ରାଜ୍ୟକୁ ଯାଉଥିବା ବେଳେ ବାଲେଶ୍ୱରର ବିକାଶ ନାମରେ କୋଟି କୋଟି ଟଙ୍କା ଚଲୁ ହେବାର ଅଭିଯୋଗ ଅତ୍ୟନ୍ତ ନିନ୍ଦନୀୟ। ଏଣୁ ଉପରୋକ୍ତ ବିଭାଗରେ କାର୍ଯ୍ୟ ହେବାକୁ ଥିବା ବହୁ ପ୍ରକଳ୍ପ ଭିଜିଲାନ୍ସ ତଦନ୍ତ ସହ ଏହି ସବୁ ବିଭାଗରେ କାର୍ଯ୍ୟରତ ଯନ୍ତ୍ରୀମାନଙ୍କର ସମ୍ପତି ତାଲିକା ଯାଂଚ କରାଯାଉ। ନହେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ମଣିଷକୁ ଆକ୍ରାନ୍ତ କରୁଥିବା ରୋଗ ଭିତରୁ ଉଦାସୀନତା ସବୁଠାରୁ ଭୟଙ୍କର।
-ବି ଆର ଆମ୍ବେଦକର

## ଦକ୍ଷିଣ-ଏସିଆରେ କମ୍ପନ

ପାକିସ୍ତାନର ତୈଳ ଖଣିଗୁଡ଼ିକର ବିକାଶ ପାଇଁ ଆମେରିକା ସହାୟତା କରିବ ଏବଂ ଏ ସମ୍ପର୍କରେ ଖୁବ୍‌ଶୀଘ୍ର ପାକିସ୍ତାନ ସହିତ ରାଜିନାମା ସ୍ୱାକ୍ଷର ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିବା ପରେ ଦକ୍ଷିଣ-ଏସିଆ ଭୂରାଜନୀତିରେ ନୂଆ ସମୀକରଣର ଆଭାସ ମିଳୁଛି। ବିଶେଷକରି ଟ୍ରମ୍ପଙ୍କ ଉପରୋକ୍ତ ଘୋଷଣା ପରେ ଚୀନ୍ ଅତିମାତ୍ରାରେ ପ୍ରତିକ୍ରିୟାଶୀଳ ହୋଇପଡ଼ିଛି। ଯଦି ଏ ସମ୍ପର୍କିତ ଚୁକ୍ତି ସ୍ୱାକ୍ଷରିତ ହୁଏ ତେବେ ସ୍ୱାଭାବିକ ଭାବେ ଭାରତ-ପାକିସ୍ତାନ-ଚୀନ-ବାଂଲାଦେଶ-ଆଫ୍‌ଗାନିସ୍ତାନର ଭୂରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଘଟିବ ଏବଂ ଅନେକ ଆକଳନକୁ ଓଲଟପାଲଟ କରିଦେବ।

ବିଶେଷଜ୍ଞଙ୍କ ମତାନୁଯାୟୀ ତୈଳ ଖଣିର ବିକାଶ ଏକ ସ୍ୱଳ୍ପମିଆଦୀ କାର୍ଯ୍ୟକ୍ରମ ନୁହେଁ। ଏଥିପାଇଁ ବିପୁଳ ପାଣ୍ଠି ବିନିଯୋଗ ସହିତ ଦୀର୍ଘମିଆଦୀ ଯୋଜନା ଆବଶ୍ୟକ, ଯାହା ଟ୍ରମ୍ପଙ୍କ କାର୍ଯ୍ୟକାଳ ମଧ୍ୟରେ ଆଦୌ ସମ୍ଭବ ନୁହେଁ। ଟ୍ରମ୍ପ ଯେ ଏକଥା ଜାଣି ନଥିବେ ତା' ମଧ୍ୟ ନୁହେଁ। ତେଣୁ କୂଟନୀତିଜ୍ଞଙ୍କ ମତରେ ଟ୍ରମ୍ପଙ୍କ ପାକିସ୍ତାନର ତୈଳ କୂପ ବିକାଶ ଘୋଷଣା କେବଳ ଭାରତକୁ ଛିଗୁଲାଇବା ପାଇଁ ଉଦ୍ଦିଷ୍ଟ ଏବଂ ରୁଷ୍ ସହିତ ବାଣିଜ୍ୟ ସମ୍ପର୍କ ଛିନ୍ନ କରିବାକୁ ଏକ ଚେତାବନୀ। ବାଚାଳାମି ପାଇଁ ଚର୍ଚ୍ଚିତ ଟ୍ରମ୍ପ ହୁଏତ ଆଗାମୀ ଦିନରେ ଏଥିରୁ ଓହରି ଆସିବା ମଧ୍ୟ ବିଚିତ୍ର ନୁହେଁ। ତଥାପି ଚୀନ୍ ଏଥିରେ ଏତେ ପ୍ରତିକ୍ରିୟାଶୀଳ ହେବା ପଛରେ ଅନେକ କାରଣ ରହିଛି।

ସମ୍ପ୍ରତି ବିଶ୍ୱ କୂଟନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ପରିବର୍ତ୍ତିତ ସମୟ ଓ ଆବଶ୍ୟକତା ଅନୁଯାୟୀ ଦ୍ୱିପାକ୍ଷିକ ସମ୍ପର୍କର ପରିଭାଷା ଓ ସ୍ୱଭାବ ବଦଳିବାରେ ଲାଗିଛି। ପୁରୁଣା ମେଣ୍ଟ ଦୁର୍ବଳ ହେଉଛି ଏବଂ ନୂଆ ନୂଆ ମେଣ୍ଟ ଜନ୍ମ ନେଉଛି। ଏପରିକି ସ୍ୱାର୍ଥ ଓ ଆବଶ୍ୟକତା ଆଧାରରେ ମେଣ୍ଟ ଭିତରେ ମଧ୍ୟ ଆଉ ଏକ ଉପମେଣ୍ଟ ଜନ୍ମ ନେଉଛି। ଏହି ପୃଷ୍ଠଭୂମିରେ ସବୁଠାରୁ ସ୍ୱାର୍ଥପର ରାଷ୍ଟ୍ର ଆମେରିକା ଏବେ ଦକ୍ଷିଣ ଏସିଆରେ ନିଜର ପାଦ ଅଧିକ ଦୃଢ଼ କରିବା ଉଦ୍ୟମ ଆରମ୍ଭ କରିସାରିଥିବାରୁ ତୈଳ କୂପ ବିକାଶ ଆଳରେ ପାକିସ୍ତାନକୁ ଦକ୍ଷିଣ ଏସିଆର ପ୍ରବେଶ ଦ୍ୱାର କରିବାରେ କିଛି ଅସ୍ୱାଭାବିକତା ନାହିଁ। ପାକିସ୍ତାନରେ ଆମେରିକା ଆଣବିକ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବା କିଛିଦିନ ତଳେ ଚୀନ୍‌ର ଏକ ଉପଗ୍ରହ ଚିତ୍ରକୁ ଆଧାର କରି ଦାବି କରାଯାଇଥିଲା। ତେଣୁ ସେଠାରେ ତୈଳ କୂପ ବିକାଶ ଆମେରିକା ପାଇଁ ଏକ ଅଲୋଡ଼ା ନିବେଶ କିମ୍ବା ପ୍ରକଳ୍ପ ହେବ ନାହିଁ।

ଗତବର୍ଷକ ଭିତରେ ଦକ୍ଷିଣ ଏସିଆରେ ଆମେରିକାର ଗତିବିଧି ଚଳଚଞ୍ଚଳ ହୋଇଛି। ବାଂଲାଦେଶର ଭାରତ ସପକ୍ଷବାଦୀ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଗାଦିଚ୍ୟୁତ କରିବାରେ ଆମେରିକାର ପରୋକ୍ଷ ଓ ପ୍ରଚ୍ଛନ୍ନ ଭୂମିକା ନେଇ ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା। ପରବର୍ତ୍ତୀ ସମୟରେ ଏହି ଅଭିଯୋଗ କେତେକାଂଶରେ ପ୍ରମାଣିତ ମଧ୍ୟ ହୋଇଥିଲା। ହସିନାଙ୍କୁ ଗାଦିଚ୍ୟୁତ କରି ବାଂଲାଦେଶରେ ଅରାଜକତା ଓ ରାଜନୈତିକ ଅସ୍ଥିରତା ଦ୍ୱାରା ଶାନ୍ତି ବ୍ୟାହତ କରି ଆମେରିକା ପାକିସ୍ତାନକୁ ବନ୍ଧୁତା ଓ ସହଯୋଗର ପରୋକ୍ଷ ବାର୍ତ୍ତା ଦେଇଥିଲା। ବାଂଲାଦେଶ ଅଶାନ୍ତ ହେଲେ ତା'ର ସୁଯୋଗ ନେଇ ଆମେରିକା ସେଠାରେ ସାମରିକ ଘାଟି ପ୍ରତିଷ୍ଠା କରି ଭବିଷ୍ୟତରେ ଚୀନ୍ ବିରୋଧରେ ବ୍ୟବହାର କରିପାରିବ। ଏହାବଦଳରେ ବାଂଲାଦେଶକୁ ଶୁଳ୍କ ରିହାତି, ଆର୍ଥିକ ସହାୟତା ଆଦି ଜରିଆରେ ବଶମ୍ବଦ କରି ରଖିବ ବୋଲି ଆମେରିକା ଯେଉଁ ଯୋଜନା କରିଥିଲା ତାହାକୁ ଚୀନ୍ ଭଣ୍ଡୁର କରିଦେଲା। ବାଂଲାଦେଶର କାମଚଳା ଶାସନ ମୁଖ୍ୟ ମହମ୍ମଦ ୟୁନୁସ୍ ଆମେରିକା ବଦଳରେ ଚୀନ୍ ଆଡ଼କୁ ଅଧିକ ଢଳିବା ପରେ ଏବେ ଆମେରିକା ପାକିସ୍ତାନ ମୁହାଁ ହୋଇଛି।

ଏହାଛଡ଼ା ପାକିସ୍ତାନରେ ତୈଳ କୂପ ବିକାଶ ଯୋଜନା ପଛରେ ଆମେରିକାର ଆଉ ଏକ ଲକ୍ଷ୍ୟ ଅଛି। ପାକିସ୍ତାନର ସବୁଠାରୁ ଅଧିକ ତୈଳ ଓ ଧାତବ ଖଣିଜ ସମ୍ପଦ ରହିଛି ବେଲୁଚିସ୍ତାନରେ। ଏହି ଅଞ୍ଚଳ ପାକିସ୍ତାନ-ଆଫ୍‌ଗାନିସ୍ତାନ-ଇରାନ୍ ସୀମା ନିର୍ଦ୍ଧାରଣ କରୁଛି। ତେଣୁ ଖଣିଜ ସମୃଦ୍ଧ ଅଥଚ ଶିଳ୍ପ ଶୂନ୍ୟ ବାଲୋଚିସ୍ତାନରେ ଆମେରିକା ତୈଳ ପ୍ରକଳ୍ପ ପ୍ରତିଷ୍ଠା କରି ତା'ର ସୁରକ୍ଷା ଆଳରେ ସୈନ୍ୟବାହିନୀ ମୁତୟନ ଏବଂ ପରବର୍ତ୍ତୀ ସମୟରେ ଘାଟି ପ୍ରତିଷ୍ଠା କରିବ, ଯାହାଦ୍ୱାରା ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ଏବଂ ଆଫ୍‌ଗାନିସ୍ତାନର ତାଲିବାନୀ କାର୍ଯ୍ୟକଳାପ ଉପରେ ସତର୍କ ଦୃଷ୍ଟି ରଖିପାରିବ। ସର୍ବୋପରି ଆମେରିକାର ଦକ୍ଷିଣ ଏସିଆ ଆଗ୍ରହ ପଛରେ ମୁଖ୍ୟ ରହିଛି ଚୀନ୍‌ର ଆଧିପତ୍ୟକୁ ପ୍ରତିହତ କରିବା। ଏହି ଲକ୍ଷ୍ୟ ହାସଲରେ ଆମେରିକା ପାଇଁ ଭାରତ ତୁଳନାରେ ପାକିସ୍ତାନ ଅଧିକ ସହାୟକ ହେବ। ଏଥିପାଇଁ ସୁଯୋଗ ଖୋଜୁଥିବା ଆମେରିକାକୁ 'ଅପରେସନ୍ ସିନ୍ଦୂର' ଅଧିକାଂଶରେ ଅନୁକୂଳ ହୋଇଛି, ଯାହାର ଭରପୂର ଫାଇଦା ଉଠାଇବାରେ ଟ୍ରମ୍ପ କୌଣସି ଅବହେଳା କରିନାହାନ୍ତି।

ଅପରପକ୍ଷରେ ପାକିସ୍ତାନରେ ଚୀନ୍ ପାକିସ୍ତାନ ଇକନୋମିକ୍ କରିଡର(ସିପିଇସି) ପ୍ରକଳ୍ପରେ ଚୀନ୍ ବିପୁଳ ପାଣ୍ଠି ବିନିଯୋଗ କରିସାରିଛି। ଚୀନ୍‌ର ବହୁ ଆକାଂକ୍ଷିତ ବେଲ୍ଟ ଆଣ୍ଡ ରୋଡ୍(ବିଆରଆଇ) ପ୍ରକଳ୍ପରେ ପାକିସ୍ତାନ ମୁଖ୍ୟ ଆଧାର। ଯଦି ସେଠାରେ ଆମେରିକା କମ୍ପାନୀ ନିୟୋଜିତ ହୁଅନ୍ତି ତେବେ ଚୀନ୍‌ର ଖଣିଜ ଉତ୍ତୋଳନ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଏହାଛଡ଼ା ବିରୋଧୀ ଓ ଆତଙ୍କୀ ଗୋଷ୍ଠୀ ସୃଷ୍ଟି କରିବାରେ ଆମେରିକା ଅଭ୍ୟସ୍ତ ଥିବାରୁ ଚୀନ୍ ପ୍ରକଳ୍ପକୁ ବିରୋଧ କରୁଥିବା ବାଲୋଚିସ୍ତାନ ସଶସ୍ତ୍ର ବିଦ୍ରୋହୀଙ୍କୁ ଆମେରିକା ଉସୁକାଇ ସିପିଇସି ଓ ବିଆରଆଇକୁ ଭଣ୍ଡୁର କରିବା ଅସମ୍ଭବ ନୁହେଁ। 'ଅପରେସନ୍ ସିନ୍ଦୂର'ରେ ଭାରତର ମୁକାବିଲା ପାଇଁ ଚୀନ୍‌ଠାରୁ ସାମରିକ ସହାୟତା ପାଇଥିବା ପାକିସ୍ତାନ ଚୀନ୍ ପ୍ରତି ବଶମ୍ବଦ ହେବା ବଦଳରେ ଏବେ ଆମେରିକା ମୁହାଁ ହୋଇଥିବାରୁ ସେହି ଇସ୍‌ଲାମ୍ ରାଷ୍ଟ୍ରର ଭୂମିକାକୁ ନେଇ ମଧ୍ୟ କମ୍ୟୁନିଷ୍ଟ ଚୀନ୍ ଏବେ ସନ୍ଦେହରେ ରହିଛି। ତେଣୁ ଟ୍ରମ୍ପଙ୍କ 'ପାକିସ୍ତାନ ତୈଳ କୂପ ବିକାଶ କୂଟନୀତି' ଭାରତ ତୁଳନାରେ ଚୀନ୍ ପାଇଁ ଅଧିକ ଅଡୁଆ ସୃଷ୍ଟି କରିଛି।

ଏହି ପୃଷ୍ଠଭୂମିରେ ଚୀନ୍‌ର ମତିଗତି ଏ ପର୍ଯ୍ୟନ୍ତ ସଷ୍ଟ ହୋଇନଥିଲେ ମଧ୍ୟ ଦକ୍ଷିଣ ଚୀନ୍ ସାଗରରେ ଅଧିକ ଉଗ୍ର ହୋଇପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଆମେରିକା-ଚୀନ୍‌ର ଅହଂ ଯୁଦ୍ଧରେ ଆଗକୁ ହୁଏତ ପାକିସ୍ତାନ ସମେତ ତାଇୱାନ୍, ବାଂଲାଦେଶ, ଭିଏତ୍‌ନାମ, ମାଳଦ୍ୱୀପ ପରି ରାଷ୍ଟ୍ର ମୋହରା ହୋଇପାରନ୍ତି। ତେଣୁ ଖୁବ୍‌ଶୀଘ୍ର ଦକ୍ଷିଣ-ଏସିଆର ଭୂରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ।

## ବାଲୁକା ସମ୍ବଳ: ଆଶା ଓ ନିରାଶା

**ସନ୍ତୋଷ କୁମାର ଶତପଥୀ**

ଜୀବନ ଜିଇଁବାର ଉପାୟ ଖୋଜୁ ଖୋଜୁ ମନୁଷ୍ୟ ଆଜି ଅନେକ ଉପାଦାନକୁ ବ୍ୟବହାର କରିବାର ଜ୍ଞାନ ଶିଖି ଆସିଛି। ଅପରପକ୍ଷେ ଏମିତି ଅନେକ ଉପାଦାନ ରହିଛି, ଯାହାର ବ୍ୟବହାରିକ ଜ୍ଞାନ ଆଜି ପର୍ଯ୍ୟନ୍ତ ମନୁଷ୍ୟ ପାଖରେ ନାହିଁ। ଯେଉଁ ସମ୍ବଳର ବ୍ୟବହାରିକ ଜ୍ଞାନ ମନୁଷ୍ୟ ପାଇଛି, ସେଗୁଡ଼ିକର ବହୁଳ ଓ ବହୁବିଧ ବ୍ୟବହାର କରିବାରେ ସେ ପଛଘୁଞ୍ଚା ଦେଇନାହିଁ। ଯଦ୍ୱାରା ଦିନେ ପ୍ରାଚୁର୍ଯ୍ୟ ରହିଥିବା ସମ୍ବଳ ଆଜି ହ୍ରାସ ହୋଇ ସଙ୍କଟର ଦ୍ୱାରଦେଶରେ ପହଞ୍ଚିଛି। ସୁତରାଂ ସମ୍ବଳ ପାଇବା ପାଇଁ ବର୍ତ୍ତମାନ ମନୁଷ୍ୟ ବା ଦେଶ, 'କର ବା ମର' ପଦ୍ଧତି ଆପଣେଇଛନ୍ତି।

ଆମକୁ ଏହା ଜାଣି ଆଶ୍ଚର୍ଯ୍ୟ ଲାଗିପାରେ ଯେ, ଜଳ ପରେ ବାଲି ହେଉଛି ମନୁଷ୍ୟର ଦ୍ୱିତୀୟ ସର୍ବବୃହତ ବ୍ୟବହାର୍ଯ୍ୟ ସମ୍ବଳ ତଥା ବିଶ୍ୱର ସବୁଠାରୁ ଅଧିକ ଉତ୍ତୋଳନ ହୋଇଥିବା କଠିନ ପଦାର୍ଥ। ବିଶେଷଜ୍ଞଙ୍କ ମତରେ, ବିଶ୍ୱର ସମଗ୍ର ବାଲୁକା ସମ୍ପଦକୁ ଯଦି ଏକାଠି କରାଯାଏ, ତା'ହେଲେ ଆମ ପୃଥିବୀ ଚାରିପଟେ ୮୮ ଫୁଟ ଉଚ୍ଚତା ଏବଂ ଓସାର ବିଶିଷ୍ଟ ଏକ ପ୍ରାଚୀର ନିର୍ମାଣ କରାଯାଇ ପାରିବ। ତଥାପି ଆଜି ଚାହିଦାଠାରୁ ଏହାର ଯୋଗାଣ ପରିମାଣ ଯଥେଷ୍ଟ ପଛରେ। ଚାହିଦା ମେଣ୍ଟାଇବା ପାଇଁ ଯେଉଁ ପରିମାଣରେ ବାଲିଖନନ ଓ ଉତ୍ତୋଳନ ହେଉଛି ପ୍ରାକୃତିକ ଭାବରେ ସେଇ ପରିମାଣରେ ଏହା ତିଆରି ହେବା କଷ୍ଟକର। ଅନେକ ସର୍ବେକ୍ଷଣରେ ଏହା ସ୍ପଷ୍ଟ କରାଯାଇଛି ଯେ ଅଧିକ ବାଲି ପାଇବା ପାଇଁ ଅନେକ ପରିସ୍ଥିତିରେ ହଜାର ହଜାର ହେକ୍ଟର ଚାଷ ଜମି ଓ ଜଙ୍ଗଲକୁ ସଫା କରିଦିଆଯାଇଛି। ବାଲିର ବର୍ଦ୍ଧିତ ଚାହିଦା କେତେକ ନଦୀଶଯ୍ୟାକୁ ଅନୁର୍ବର କରିଦେଇଛି। ଏପରିକି ବାଲିର ଦ୍ରୁତ ଓ ଅତ୍ୟଧିକ ଉତ୍ତୋଳନ ନଦୀର ପରିଚାଳନା ବ୍ୟବସ୍ଥାକୁ ବିପଦ ଆଡ଼କୁ ଠେଲି ଦେଇଥିବା ଚିତ୍ର ସାମ୍ନାକୁ ଆସୁଛି। ଏତଦବ୍ୟତୀତ ଏହାଦ୍ୱାରା ଜଳ ପ୍ରଦୂଷଣ, ଜଳ ସ୍ତର ହ୍ରାସ, ମରୁଡ଼ି ଏବଂ ସଙ୍କୁଚିତ ଜଳଭଣ୍ଡାର, ଦୂଷିତ ବାୟୁମଣ୍ଡଳ, ଅସନ୍ତୁଳିତ ଜୈବ ବିବିଧତା ଇତ୍ୟାଦି ପରିବେଶଜନିତ ସମସ୍ୟା ସୃଷ୍ଟି ହୋଇଥାଏ।

ବାଲୁକା ସମ୍ପଦର ଅପରିହାର୍ଯ୍ୟ ଆବଶ୍ୟକତା ଅନ୍ତର୍ଜାତୀୟ କ୍ଷେତ୍ରରେ ଏବଂ ଅନ୍ତର୍ଦେଶୀୟ ଦ୍ୱନ୍ଦ୍ୱର ଏକ କାରଣ ବୋଲି ଜାଣି ଆଶ୍ଚର୍ଯ୍ୟ ଲାଗେ। କେତେକ



ତଥ୍ୟରୁ ଆକଳନ କରାଯାଇଅଛି ଯେ କେବଳ ଚୀନ ଏକାକୀ ବିଶ୍ୱର ପ୍ରାୟ ଅଧା ବାଲି ବ୍ୟବହାର କରେ। ଏହି କାରଣରୁ ଏହା ଦକ୍ଷିଣ ପୂର୍ବଏସିଆର ଅନେକ ଛୋଟ ଛୋଟ ଦ୍ୱୀପ ଖନନ କରିଚାଲିଥିବାର କେତେକ ପ୍ରମାଣ ମିଳିଛି। ଏହାର ବିସ୍ତାରବାଦୀ ନୀତି ମଧ୍ୟରେ ବାଲୁକା ଭଳି ପ୍ରାକୃତିକ ସମ୍ପଦର ଲୋଭ ବି ରହିଥିବାର ଜଣାଯାଏ। ଦେଶ ପ୍ରଭାବଶାଳୀ ହେଉ ଅବା ନ ହେଉ, ସାଗର ଓ ମହାସାଗର ଭିତରେ ରହିଥିବା ଛୋଟ ଛୋଟ ଦ୍ୱୀପ ବା ଭୂମିରୂପର ସମ୍ପୂର୍ଣ୍ଣ ଖନନ ଅନ୍ତର୍ଜାତୀୟ ସୀମା ପରିବର୍ତ୍ତନ ଏବଂ କିଛି ଭୂରୂପର ନିଶ୍ଚିହ୍ନ ଭଳି ଗୁରୁତର କାରଣ ହେଇପାରେ ବୋଲି କିଛି ବିଶେଷଜ୍ଞ ଆଶଙ୍କା କରୁଛନ୍ତି। ପରିବେଶବିତମାନେ ସମୟର ବହୁ ଆଗରୁ ସତର୍କଘଣ୍ଟି ଦେଇସାରିଲେଣି ଯେ, ଆଜି ବିଶ୍ୱ 'ବାଲିସଙ୍କଟ' ଆଡ଼କୁ ଗତି କରୁଛି। ଏହା ସ୍ପଷ୍ଟ ଯେ, ପ୍ରକୃତିର ଏକ ମାଗଣା ଉପହାର ଭାବେ ସମ୍ବଳ ପ୍ରତି ଆମର ପାରମ୍ପରିକ ଆଭିମୁଖ୍ୟ ଆମକୁ ଆଉ ସାହାଯ୍ୟ କରିବ ନାହିଁ। ତେଣୁ ଉତ୍ତୋଳନ, ଉପଭୋଗ ଓ ସଂରକ୍ଷଣ ପାଇଁ ଏହାର ପରିଚାଳନା ନିତାନ୍ତ ଜରୁରୀ। ବିଶ୍ୱର ଅଧିକାଂଶ ଦେଶରେ ଏକ ସୁଦୃଢ଼ ବାଲି ପରିଚାଳନା ନୀତି ପାଇବା କଷ୍ଟକର।

ବିଳମ୍ବରେ ହେଲେ ମଧ୍ୟ ୨୦୧୬ ମସିହାରେ ଭାରତ ଏହାର 'ସ୍ଥାୟୀ ବାଲି ଖନନ ପରିଚାଳନା ନିର୍ଦ୍ଦେଶାବଳୀ' ଜାରି କରିଥିଲା, ଯେଉଁଥିରେ ବାଲି ସଙ୍କଟର ମୁକାବିଲା ପାଇଁ ଏକ ଅନ୍ତର୍ବିଭାଗୀୟ ତଥା ସମନ୍ୱିତ ବିଭାଗୀୟ ପରିଚାଳନା କମିଟିର ସୁପାରିସ ରହିଛି। ଏହି ଯୋଜନାର ଲକ୍ଷ୍ୟ ଯେ, ଭାରତର ପ୍ରତ୍ୟେକ ଜିଲ୍ଲାକୁ ଏକ ୟୁନିଟ୍ ଭାବରେ ବିବେଚନା କରାଯାଇ ସଠିକ ଓ ବୈଜ୍ଞାନିକ ପଦ୍ଧତିରେ ତଥା ନଦୀପଠାର ଯତ୍ନ ନେଇ ବାଲି ଉତ୍ତୋଳନ କରିବାକୁ ଗୁରୁତ୍ୱ ଦିଆଯିବ। ରିମୋଟ୍ ସେନ୍ସିଂ ଖଣି, ପୂର୍ତ୍ତ, ଭୂତତ୍ତ୍ୱ, ଜଙ୍ଗଲ, ଜଳସେଚନ ବିଭାଗ ଏବଂ ଭୂତଳ ଜଳ ବୋର୍ଡ ସମେତ ଆନୁସଙ୍ଗିକ ବିଭାଗ/ଅନୁଷ୍ଠାନ/ସଂସ୍ଥାଗୁଡ଼ିକର ସହଯୋଗରେ ଗଠିତ କମିଟି ଏହି ଯୋଜନାରେ ପରିକଳ୍ପିତ ଉତ୍ତୋଳନ ସ୍ଥଳଗୁଡ଼ିକୁ ଜିଲ୍ଲା ପରିବେଶ ପ୍ରଭାବ ଆକଳନ ପ୍ରାଧିକରଣ (ଡିଇଆଇଏଏ) କୁ ଚିହ୍ନାଇବା, ମାନଚିତ୍ର ପ୍ରସ୍ତୁତ କରିବା, ସୁରକ୍ଷା ଦେବା ଏବଂ ଏହାର ସ୍ଥିରତା ସୁନିଶ୍ଚିତ କରିବା ଲାଗି ସମ୍ପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ତଦନୁଯାୟୀ ଆମ ରାଜ୍ୟରେ ବି ଏକ ନୂଆ ଏସଓପି ପ୍ରକାଶ ପାଇଥିବା ସ୍ୱାଗତଯୋଗ୍ୟ। ଇସ୍ପାତ ଓ ଖଣି ବିଭାଗର ଲଘୁ ଖଣିଜ ନିର୍ଦ୍ଦେଶାଳୟ ବାଲି ଖନନ କାର୍ଯ୍ୟକଳାପ ଉପରେ ଦୃଷ୍ଟି ରଖିବା ପାଇଁ ଜିଲ୍ଲାପାଳଙ୍କ ନେତୃତ୍ୱରେ ଜିଲ୍ଲାସ୍ତରୀୟ କମିଟି ଏବଂ ସରପଞ୍ଚଙ୍କ ନେତୃତ୍ୱରେ ପଞ୍ଚାୟତସ୍ତରୀୟ କମିଟିଗୁଡ଼ିକୁ ନିର୍ଦ୍ଦେଶ ଦେଇଥିବା ଏକ ସୁଚିନ୍ତନ ଓ ବିକେନ୍ଦ୍ରୀକରଣ ପଦକ୍ଷେପ। ଏହି କମିଟିଗୁଡ଼ିକ ସ୍ୱଚ୍ଛତା ଏବଂ ସୁରକ୍ଷା ବୃଦ୍ଧି ପାଇଁ ସିସିଟିଭି ନିରୀକ୍ଷଣ ଭଳି ଉନ୍ନତ ପ୍ରଯୁକ୍ତିର ଉପଯୋଗ କରିବା, ୨୦୧୬ ଓଏମଏମସି ନିୟମାନୁଯାୟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ) ଏବଂ ଅନ୍ୟ ଅଧିକାରୀଙ୍କ ସହଯୋଗରେ ପାଞ୍ଚ ବର୍ଷ ପାଇଁ ଖଣିଜ କାର୍ଯ୍ୟକଳାପର ତଦାରଖ କରିବା, ଅନ୍-ସାଇଟ୍ ଗାର୍ଡ ଏବଂ ରେକର୍ଡ ରଖିବା ଭଳି ସୁରକ୍ଷା ବ୍ୟବସ୍ଥା ଆଶାନୁରୂପ ଫଳପ୍ରଦ ହୋଇପାରେ ବୋଲି ବିଶ୍ୱାସ କରାଯାଇପାରେ। କିନ୍ତୁ ପ୍ରଶ୍ନ ଉଠେ, ସରକାରଙ୍କ ବ୍ୟବସ୍ଥିତ ନିୟମାବଳୀ ସତ୍ତ୍ୱେ କାହିଁକି ଖବରକାଗଜର ଅପରାଧ ପୃଷ୍ଠାରେ ଦୈନିକ ବାଲୁକା ସମ୍ପଦକୁ ନେଇ ରକ୍ତପାତ, ସଂଘର୍ଷ, ମୃତାହତ ଇତ୍ୟାଦିର ଖବର ପ୍ରାୟତଃ ପ୍ରକାଶ ପାଉଛି?


ଜୀବିକାର ଦ୍ୱାହି ଦେଇ ବାଲି-ସମ୍ବଳ ଅନେକ ବ୍ୟବସାୟୀଙ୍କ ଜୀବନର ମାନ ଉନ୍ନତି କରିଥାଏ ସତ; କିନ୍ତୁ କେତେକ କ୍ଷେତ୍ରରେ ଏହା ବହୁ ଜୀବନକୁ ନଷ୍ଟ ବି କରି ଦେଇଥାଏ। ବାଲି ବ୍ୟବସାୟୀଙ୍କ ଅନ୍ତର୍ଦ୍ୱନ୍ଦ୍ୱ ସାମୟିକ ଭାବେ ହିଂସାତ୍ମକ ରୂପ ନେଇଥାଏ, ଯଦ୍ୱାରା କିଛି ପରିବାର କ୍ଷତିଗ୍ରସ୍ତ ହୋଇଥା'ନ୍ତି। ବାଲି ମାଫିଆଙ୍କ ଆକ୍ରୋଶର ଶିକାରରୁ ଅନେକ ସରକାରୀ କର୍ମଚାରୀ, ସାଧୁବ୍ୟକ୍ତି ଓ ସାମ୍ବାଦିକ ବି ବର୍ତ୍ତିନାହାନ୍ତି। କିଛି ସ୍ଥଳେ ସଚ୍ଚୋଟ ଓ ନିଷ୍ଠାପର କାର୍ଯ୍ୟ ପାଇଁ ଏବଂ ମାଫିଆଙ୍କ କଳାକାରନାମାକୁ ଲୋକଲୋଚନକୁ ଆଣିବା ପ୍ରୟାସ ପାଇଁ ସେମାନଙ୍କ ଜୀବନକୁ ବାଜି ଲଗେଇବାକୁ ପଡ଼ିଥାଏ। ଯଦି ଏପରି ହିଂସାତ୍ମକ ଉପାୟ ଅବଲମ୍ବନକୁ ନ ରୋକାଯାଏ, ତା' ହେଲେ ଆଇନ ଓ ନିୟମ ଉପରେ ଜନମାନସଙ୍କ ଆସ୍ଥା ତୁଟିଯିବ। କିଛି ଦୃଷ୍ଟାନ୍ତମୂଳକ ଘଟଣା ଏମିତି ବି ରହିଛି ଯେ ଆମ ରାଜ୍ୟର ଏହି ସମ୍ପଦକୁ ଆମ ରାଜ୍ୟବାସୀ ପାଇବାରୁ ବଞ୍ଚିତ। ଯେହେତୁ ରାଜ୍ୟଦ୍ରୋହୀ ଅସାଧୁ ଓ ଅହିତ ବ୍ୟବସାୟୀଙ୍କ ସମ୍ପୃକ୍ତି ଏହାକୁ ପଡ଼ୋଶୀ ରାଜ୍ୟମାନଙ୍କୁ ଚୋରାଚାଲାଣ କରି ଆମରାଜ୍ୟର ପ୍ରଭୂତ ରାଜସ୍ୱ ହାନି କରି ନିର୍ଭୟରେ ବିଚରଣ କରିବାରେ ସଫଳ ହେଉଛନ୍ତି।

ଏପରି ଅନୈତିକ ଓ ବେପରୁଆଙ୍କୁ ଠିକଣା ବାଟକୁ ଅଣାଯିବା କଷ୍ଟକର ହୋଇଥିଲେ ବି କଠୋର କାର୍ଯ୍ୟପନ୍ଥା ଜରିଆରେ ନିୟନ୍ତ୍ରଣାଧୀନ କରିବା ଅସମ୍ଭବ ନୁହେଁ। ଏହା ସମସ୍ତେ ଜାଣନ୍ତି ଯେ ଜୀବନ ପାଇଁ ଜୀବିକା ରହିଥାଏ, ଜୀବିକା ପାଇଁ ଜୀବନ ନୁହେଁ। ସମ୍ବଳର ମୂଲ୍ୟ ଯେତେ ଅଧିକ ହେଉ ପଛେ ମାନବ ସମ୍ବଳଠାରୁ ଅଧିକ ନୁହେଁ। ତେଣୁ ନ୍ୟାୟିକ, ପ୍ରଶାସନିକ ଓ ବ୍ୟବସ୍ଥାଭିତ୍ତିକ ପଦକ୍ଷେପମାନ ଗ୍ରହଣ କରି; ଏକ ସୁପରିଚାଳନା ଏବଂ ଆଦର୍ଶଗତନୀତି ଆପଣେଇ ପରିବେଶ ସନ୍ତୁଳନ ପାଇଁ ବାଲୁକା ସମ୍ବଳର ଉଚିତ ବ୍ୟବହାର ଏବଂ ଏହାର ଦୁରୁପଯୋଗ ରୋକିବା ପାଇଁ ଏକ ସଚେତନାତ୍ମକ ଆନ୍ଦୋଳନ ଆବଶ୍ୟକ।

ପାରଳାଖେମୁଣ୍ଡି, ମୋ: ୯୦୯୦୭୭୯୭୮୯

## ପ୍ରତିଯୋଗିତାମୂଳକ ପରୀକ୍ଷାରେ ତ୍ରୁଟି ଓ ଏହାର ପ୍ରଭାବ

**ଶୁଭ୍ରଜିତ୍ ସାହୁ**



ଓଡ଼ିଶାରେ ଯୁବବର୍ଗ ବ୍ୟାପକ ରୂପେ ସରକାରୀ ପରୀକ୍ଷା ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଓଡ଼ିଶାର ବେଶି ଭାଗ ଲୋକ ନିମ୍ନ-ମଧ୍ୟବିତ୍ତ ଓ ଗ୍ରାମୀଣ ପରିବାରରୁ ଆସିଛନ୍ତି। ସମସ୍ତେ ନିଜ ଜୀବନର ସୁରକ୍ଷା ଓ ସ୍ଥିରତା ଏବଂ ଆର୍ଥିକ ସଙ୍କଟକୁ ଦୃଷ୍ଟିରେ ରଖି ସରକାରୀ ଚାକିରିକୁ ସର୍ବୋତ୍ତମ ବିକଳ୍ପ ଭାବେ ଗ୍ରହଣ କରି ନେଉଛନ୍ତି। ସରକାରୀ ଚାକିରିରେ ନିୟମିତ ବେତନ, ପେନସନ, ମହଙ୍ଗା ଭତ୍ତା ଓ ଅନେକ ସୁବିଧା ମିଳେ, ଯାହା ପରିବାର ପାଇଁ ସୁଖ ଓ ଶାନ୍ତି ଜୀବନର କାରକ ହୋଇଯାଏ। ଅନ୍ୟପକ୍ଷରେ କିଛି ଦେଶପ୍ରେମୀ ଓ ସମାଜପ୍ରେମୀ ଯୁବକଯୁବତୀ ସମାଜ ଓ ଦେଶ ସେବା ପାଇଁ ସରକାରୀ ଚାକିରିକୁ ଚୟନ କରନ୍ତି। ମାତ୍ର ଦୁର୍ନୀତି କହିଲେ ସରକାରୀ ଚାକିରିର ଅନ୍ୟନାମ ବୋଲି ଅପବାଦ ଆସେ। ପ୍ରତିଦିନ ଖବରକାଗଜରେ ଦୁର୍ନୀତି ସମ୍ପର୍କିତ ଖବର ସହିତ ସରକାରୀ ଚାକିରିଆଙ୍କ ସମ୍ପର୍କ ଦେଖିବାକୁ ମିଳୁଥିବାରୁ ଏଭଳି ଅପବାଦ ଆସିବା ସ୍ୱାଭାବିକ।

ଶହ ଶହ ଯୁବବର୍ଗ ଆଖିରେ ଆଖିଏ ସ୍ୱପ୍ନ ଏବଂ ଆଶା ନେଇ ଦିନ ଦିନ ମାସ ମାସ ପରିଶ୍ରମ କରି ଚଳନ୍ତି ଏହି ଆଶା ରଖି କି ସଂଶୋଧିତ ହୋଇଯିବ ସରକାରୀ ବ୍ୟବସ୍ଥା, ସରକାରୀ ତ୍ରୁଟି। ମାତ୍ର ସରକାରଙ୍କ ପଦକ୍ଷେପ କେତେଦୂର କାର୍ଯ୍ୟ କରୁଛି ତାହା ପ୍ରଶ୍ନବାଚୀ। ନିଜ ପ୍ରାପ୍ୟ ପାଇବାକୁ ଖରାବର୍ଷାରେ ରାଜଧାନୀରେ ଯୁବ ସମାଜ କେତେ ବା ବିରୋଧ କରିବେ? ଏହି ଦୁର୍ନୀତି କେବଳ ଯୁବ ସମାଜର ସ୍ୱପ୍ନ ଭାଙ୍ଗୁଛି ତାହା ନୁହେଁ; ସମାଜ ଓ ଦେଶ ବିକାଶ ପାଇଁ ବଡ଼ ବାଧା ସୃଷ୍ଟି କରୁଛି।

ସରକାରୀ ଚାକିରି ଚୟନ ପ୍ରକ୍ରିୟା ମେରିଟ୍ ଉପରେ ଆଧାରିତ ହେବା ଦରକାର। ତଥାପି ବର୍ତ୍ତମାନ ସମୟରେ ଅଫଲାଇନ୍ ତଥାକଥିତ ଲିଖିତ ଅବା କାଗଜ କଲମ ବ୍ୟବହୃତ ପରୀକ୍ଷା ଆଉ ସୁରକ୍ଷିତ ନାହିଁ। ଅଫଲାଇନ୍ ପରୀକ୍ଷାରେ ଦୁର୍ନୀତିର ଅନେକ ରୂପ ରହିଛି। ଯେପରି, ଅନେକ ପରୀକ୍ଷାର ପ୍ରଶ୍ନପତ୍ର ପୂର୍ବରୁ ଚୋରି ହୋଇ ସାମାଜିକ ଗଣମାଧ୍ୟମମାନଙ୍କରେ ପ୍ରଘଟ ହୋଇଯାଏ। ପରୀକ୍ଷାରେ ଅସଲ ପରୀକ୍ଷାର୍ଥୀ ନ ଯାଇ ତାଙ୍କ ସ୍ଥାନରେ ଅନ୍ୟମାନେ ପରୀକ୍ଷା ଦେଉଥିବା ଦୃଷ୍ଟିକୁ ଆସେ। କେତେକ କେନ୍ଦ୍ରରେ ଅଧିକାରୀ ଓ ଶିକ୍ଷକମାନେ ନିଜେ ନକଲକୁ ସହଯୋଗ କରୁଥିବାର ଅଭିଯୋଗ ମଧ୍ୟ ଆସେ। ଏହି ବ୍ୟବସ୍ଥାରେ ବଳି ପଡ଼ୁଛନ୍ତି କିଛି ପରିଶ୍ରମୀ ଓ ଯୋଗ୍ୟ ଯୁବବର୍ଗ।

ସରକାର ଏବେ ପରୀକ୍ଷାକୁ ଦୁର୍ନୀତିମୁକ୍ତ କରିବାକୁ କମ୍ପ୍ୟୁଟରୀକରଣ ବା ଅନ୍‌ଲାଇନ୍‌ର ବିକଳ୍ପ ବାଛିଛନ୍ତି। ଅନେକ ସୁବିଧା ଓ ସରଳ ମଧ୍ୟ ହେଲା ଏ ଧରଣର ପରୀକ୍ଷା। ଘରେ ବସି ମୋବାଇଲ୍, କମ୍ପ୍ୟୁଟର କିମ୍ବା ଲାପ୍‌ଟପ୍ ଦ୍ୱାରା ସୁବିଧାରେ ପରୀକ୍ଷା ଦେଇହେଉଛି। ସମୟ ଓ ଖର୍ଚ୍ଚ ବଞ୍ଚି ପାରୁଛି। ପରୀକ୍ଷା ଓ ଫଳ ପ୍ରକାଶନ ପ୍ରକ୍ରିୟା ଦ୍ରୁତ ଓ ସଠିକ୍ ହେଉଛି। ଏପରିକି ଅନଲାଇନ୍ ପ୍ଲାଟଫର୍ମ ଦ୍ୱାରା ଏକାଧିକ ପରୀକ୍ଷା ଏକ ସମୟରେ କରାଯାଇପାରିଥାଏ, ଯାହା ମାନବ ସଂସାଧନ ଓ ସମୟ ବଞ୍ଚାଏ। ଅନଲାଇନ୍ ପରୀକ୍ଷା ହେଉଛି ଏକ ଆଧୁନିକ ଓ ଗତିଶୀଳ ବ୍ୟବସ୍ଥା, ଯାହା ଯୁବମାନଙ୍କୁ ସହଜରେ ଏବଂ ଅନ୍ୟ ସହିତ ପ୍ରତିଯୋଗିତା କରିବାରେ ସକ୍ଷମ କରେ।

ମାତ୍ର ଏବେ ଅନଲାଇନ୍ ପରୀକ୍ଷାରେ ସାଇବର ଅପରାଧର ଆଶଙ୍କା ବଢ଼ିବାରେ ଲାଗିଛି। ହ୍ୟାକିଂ ଓ ଚିଟିଂ ସଫ୍ଟୱେୟାର ପାଇଁ କେତେକ ଅନଲାଇନ୍ ପ୍ଲାଟଫର୍ମ ସୁରକ୍ଷିତ ନ ଥିବା ଫଳରେ ହ୍ୟାକିଂ ଦ୍ୱାରା ପ୍ରଶ୍ନ ଓ ଉତ୍ତର ପରୀକ୍ଷା ପୂର୍ବରୁ ପ୍ରଘଟ ହୋଇଯାଉଛି। ଅନ୍ୟ ବ୍ୟକ୍ତି ଏକ ଅଭ୍ୟାର୍ଥୀଙ୍କଠାରୁ ଲଗ୍ ଇନ୍ ହୋଇ ପରୀକ୍ଷା ଦେଇପାରୁଛନ୍ତି।

ଏହି ସମସ୍ୟାର ନିରାକରଣ ପାଇଁ ଅଫଲାଇନ୍ ମୋଡ୍, କିମ୍ବା ସିସିଟିଭି କିମ୍ବା ବାୟୋମେଟ୍ରିକ୍ ପ୍ରମାଣନ ବାଧ୍ୟତାମୂଳକ ହେବା ଦରକାର। ପ୍ରଶ୍ନପତ୍ର ସ୍ୱଚ୍ଛ ବଣ୍ଟନ, ଗୁପ୍ତ ଭଣ୍ଡାରଣ ଓ ନିୟମିତ ଯାଞ୍ଚ ମଧ୍ୟ ଆବଶ୍ୟକ। ଦୁର୍ନୀତିଖୋରଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ସରକାରୀ ପୋର୍ଟାଲ୍‌ଗୁଡ଼ିକ ଆଧୁନିକରୁ ଆଧୁନିକ ସୁରକ୍ଷା ବଳୟରେ ରହିବା ଦରକାର।

ଦୁର୍ନୀତି ଏବେ ଏକ ଗଭୀର ସମସ୍ୟା ହୋଇ ଦେଖାଦେଇଛି। ଯୁବମାନଙ୍କର ସ୍ୱପ୍ନ ଓ ଦେଶର ଭବିଷ୍ୟତକୁ ନେଇ ଖେଳ ହେଉଛି। ଏହି ସମସ୍ୟାର ସଠିକ୍ ସମାଧାନ ପାଇଁ ସରକାର, ପରୀକ୍ଷା ପରିଷଦ ଓ ସାଧାରଣ ଲୋକଙ୍କ ସଚେତନତା ଜରିଆରେ ଅନୁଶାସନ ଓ କଠୋର ନୀତି ନିର୍ଦ୍ଧାରଣ ଅତ୍ୟାବଶ୍ୟକ। ତେବେ ଅନଲାଇନ ପରୀକ୍ଷଣ ତଥା କମ୍ପ୍ୟୁଟର ଦ୍ୱାରା ପରୀକ୍ଷା ପାଇଁ ଆମ ସରକାର କେତେଦୂର ଦାୟିତ୍ୱବାନ ହେବେ କିମ୍ବା ତାହା ଆଉ ଏକ ପ୍ରଶ୍ନ।

ମୋ: ୯୩୪୮୦୮୪୮୯୮

## ଆମ ବୃକ୍ଷଲତା ଆମ ଜୀବନ

### ବାସଙ୍ଗ

ପ୍ରକୃତି-ପରିବେଶ

**ସୌଭାଗ୍ୟସୁନ୍ଦର**

ବାସଙ୍ଗ ହେଉଛି ଭାରତରେ ଏକ ସାଧାରଣ ଔଷଧୀୟଉଦ୍ଭିଦ। ଏହାର ମୂଳ ପରିସର ଭାରତ, ବାଂଲାଦେଶ, ପାକିସ୍ତାନ, ନେପାଳ ଏବଂ ଶ୍ରୀଲଙ୍କା, ଲାଓସ, ମିଆଁମାର, ଭିଏତନାମ, ଇଣ୍ଡୋନେସିଆ, ମାଲେସିଆ, ଚୀନ ଏବଂ ଆଫଗାନିସ୍ତାନ ପର୍ଯ୍ୟନ୍ତ ବିସ୍ତାରିତ। ସଂସ୍କୃତରେ ଏହାକୁ ଭାସକ କୁହାଯାଏ। ଏହି ଛୋଟ ଚିରହରିତ ବୁଦା ବା ଗୁଳ୍ମଟିର ପତ୍ର ଲେନ୍ସ ଭଳି ବା ଅଣ୍ଡାକୃତି, ୧୦ ରୁ ୧୬ ସେଣ୍ଟିମିଟର ଲମ୍ବ ଏବଂ ୫ ସେଣ୍ଟିମିଟର ଚଉଡ଼ା। ଶୁଖିଗଲେ ପତ୍ରଟି ଏକ ମଳିନ ବାଦାମୀ-ସବୁଜ ରଙ୍ଗର ହୋଇଯାଏ। କାଣ୍ଡର କାଠ ନରମ ଏବଂ ବାରୁଦ ପାଇଁ ଅଙ୍ଗାରର ଏକ ଉତ୍ସ ତିଆରି କରେ। ଫୁଲର ପାଖୁଡ଼ାଗୁଡ଼ିକ ଧଳା ଓ ତଳପାଖ ବାଇଗଣୀ। ଫଳଟି ଚାରୋଟି ବୀଜ ସହିତ ଏକ ଛୋଟ କ୍ଲବ୍ ଆକାରର କ୍ୟାପସୁଲ୍।

ଆୟୁର୍ବେଦରେ ବାସଙ୍ଗ ଅନେକ ରୋଗ ପାଇଁ ବ୍ୟବହୃତ ହୁଏ। ଯଥା; କୁଷ୍ଠ, ରକ୍ତ ବିଭ୍ରାଟ ରୋଗ, ହୃଦରୋଗ, ଜ୍ୱର, କାଶ, ଥଣ୍ଡା, ବାନ୍ତି, ଗଳାଯନ୍ତ୍ରଣା, ସ୍ମୃତି ହ୍ରାସ, ଲ୍ୟୁକୋଡର୍ମା ବା ଧବଳ ଚର୍ମ, ବାତ, କାମଳ, ଟ୍ୟୁମର, ପତଳା ଝାଡ଼ା, ମ୍ୟାଲେରିଆ, ହଇଜା, ପେଟ ଘା', ହେମୋରୋଏଡ୍ସ ମାଢ଼ିରୁ ରକ୍ତସ୍ରାବ, ମୁଖସମସ୍ୟା, ପିତ୍ତ ଓ କଫ ଦୋଷ, ଆଖି ଯନ୍ତ୍ରଣା, ଗନୋରିଆ। ଆଣ୍ଟିସ୍ପାସ୍ମୋଡିକ୍, କଫ ଏବଂ ରକ୍ତ-ଶୁଦ୍ଧକାରୀ ଗୁଣ ପାଇଁ ଏହା ବେଶ୍ ଜଣାଶୁଣା। ହଜାର ହଜାର ବର୍ଷ ଧରି ପାରମ୍ପରିକ ଭାରତୀୟ ଚିକିତ୍ସାଶାସ୍ତ୍ରରେ ବ୍ରୋଙ୍କାଇଟିଜ୍ ଆଜ୍‌ମା, ଯକ୍ଷ୍ମା, ସାଇନୋସାଇଟିସ୍, ଅବସାଦ, ଫୁସ୍‌ଫୁସ୍ ଜନିତ ଶ୍ୱାସକ୍ରିୟା ସମ୍ବନ୍ଧିତ ରୋଗର ଉପଶମ ପାଇଁ ସମଗ୍ର ଉଦ୍ଭିଦର ବ୍ୟାପକ ଓ ଫଳପ୍ରଦ ଔଷଧୀୟ ପ୍ରୟୋଗ ରହିଛି। ପତ୍ରରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଓ ଆଣ୍ଟି-ଇନ୍‌ଫ୍ଲେମାଟ୍ରିକ୍ ଗୁଣ ପାଇଁ କ୍ଷତ ଉପଶମ ଏବଂ ଆଭ୍ୟନ୍ତରୀଣ ଓ ବାହ୍ୟ ରକ୍ତସ୍ରାବ ନିୟନ୍ତ୍ରଣ, ରକ୍ତଶୋଧକ ଓ ହୃତପିଣ୍ଡ ଟନିକ ପାଇଁ ବ୍ୟବହାର କରାଯାଇଛି। ୟୁନାନୀ ଓ ହୋମିଓପାଥିକ ଔଷଧ ପ୍ରଣାଳୀରେ ମଧ୍ୟ ବାସଙ୍ଗର ଉପଯୋଗ କରାଯାଏ। କିନ୍ତୁ ଗର୍ଭାବସ୍ଥାରେ ଏହାର ସେବନ ନିଷେଧ ଅଟେ। ତେଣୁ ଏହାକୁ କେବଳ ଡାକ୍ତରୀ ତଦାରଖରେ ବ୍ୟବହାର କରାଯିବା ଉଚିତ।

ବାସଙ୍ଗର ବିଭିନ୍ନ ଅଂଶରେ ଭାସିସିନ ପରି କ୍ୱିନାଜୋଲିନ୍ ଆଲକାଲଏଡ୍, ଆଣ୍ଟି-ମାଇକ୍ରୋବାଏଲ୍, ଆଣ୍ଟି-ଅଲସର, ହେପାଟୋପ୍ରୋଟେକ୍ଟିଭ୍, ଆଣ୍ଟି-ଅକ୍ସିଡାଣ୍ଟ, ଲୁଟେଓଲିନ୍, ଟ୍ରିଟ୍ରିଆକୋଣ୍ଟେନ, କ୍ୟାରୋଟିନ୍, ଭାସାକିନ୍, ଭାସିସିନୋନ୍, ଭାସିକୋଲୋନ୍, ଭାସିକୋଲିନୋନ୍, ଆଲକାଲଏଡ୍, ଟାନିନ୍, ସାପୋନିନ୍, ଫେନୋଲିକ୍ସ, ଫ୍ଲାଭୋନଏଡ୍ ଭଳି ଫାଇଟୋକେମିକାଲ୍ସ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ଜୈବିକ ସକ୍ରିୟ ଯୌଗିକ ଉପାଦାନ ରହିଛି।

ଭାରତର ଅଧିକାଂଶ ସ୍ଥାନରେ ବାସଙ୍ଗ ଚାଷ କରିବା ସହଜ। ଏଥିପାଇଁ ସର୍ବନିମ୍ନ ଯତ୍ନ ଆବଶ୍ୟକ। ଏହା ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ, ମଧ୍ୟମ ପାଣି ଏବଂ ଭଲ ଜଳ ନିଷ୍କାସନକାରୀ ମାଟି ଆବଶ୍ୟକ କରେ। ଏହାକୁ ପ୍ରାରମ୍ଭିକ ୩-୪ ବର୍ଷ ମଧ୍ୟରେ ଏକ ଶୁଦ୍ଧ ଫସଲ ଭାବରେ କିମ୍ବା ନଡ଼ିଆ ଓ ରବର ବଗିଚାରେ ଏକ ଅନ୍ତଃଫସଲ ଭାବରେ ଚାଷ କରାଯାଇପାରିବ। କୋମଳ କାଣ୍ଡ କଟା ଦ୍ୱାରା ମଧ୍ୟ ବାସଙ୍ଗ ବଂଶ ବିସ୍ତାର କରାଯାଏ। ୧୫-୨୦ ସେମି ଲମ୍ବା ଏବଂ ୩-୪ ଗଣ୍ଠିର କାଣ୍ଡ କଟା ଲଗାଇବା ପାଇଁ ଉପଯୁକ୍ତ। ସବୁଜ ପତ୍ର ହପର, ସବୁଜ ଶିଙ୍ଗଯୁକ୍ତ ପୋକ, ବାଦାମୀ ପତ୍ର ଦାଗ ଓଲ୍ଲାଷ୍ଟ ଭଳି ରୋଗ ସାଧାରଣତଃ ଆକ୍ରମଣ କରନ୍ତି। ପ୍ରଥମ ଲକ୍ଷଣ ଦେଖାଯିବା ପରେ ସାତ ଦିନ ବ୍ୟବଧାନରେ ଦୁଇ ଡୋଜ୍ ୧୦% ଗୋମୂତ୍ର ସାର ସିଞ୍ଚନ କରି ଏହି ଆକ୍ରମଣକୁ ପ୍ରତିରୋଧ କରାଯାଇପାରିବ। ଏହାପରେ ତୁରନ୍ତ କୀଟ ପରିଚାଳନା କୌଶଳ ବ୍ୟବହାର କରାଯିବା ଉଚିତ। ଗଛଗୁଡ଼ିକ ଭଲ ଭାବରେ ପ୍ରତିଷ୍ଠା ହେବା ପରେ ୬-୮ ମାସ ପରେ ପତ୍ର ଅମଳ ଆରମ୍ଭ କରାଯାଇପାରିବ। ସର୍ବୋତ୍ତମ ସମୟ ହେଉଛି ଫୁଲ ଫୁଟିବା ପୂର୍ବରୁ, ଶୀତ ଏବଂ ବସନ୍ତ ଋତୁରେ। ପତ୍ରଗୁଡ଼ିକ ସମ୍ପୂର୍ଣ୍ଣ ବାୟୁରେ ଶୁଖିବାକୁ ୫-୭ ଦିନ ସମୟ ଲାଗେ। ଶୁଖିଲା ପତ୍ରଗୁଡ଼ିକୁ ବାୟୁରୋଧୀ ପାତ୍ରରେ ଏକ ଥଣ୍ଡା ଅନ୍ଧାର ସ୍ଥାନରେ ରଖନ୍ତୁ। ପତ୍ରଗୁଡ଼ିକୁ ତାଜା ବ୍ୟବହାର କରାଯାଇପାରିବ। କିନ୍ତୁ ଶୁଖିଲା ପତ୍ରଗୁଡ଼ିକ ଔଷଧୀୟ ଯୌଗିକଗୁଡ଼ିକୁ ଭଲ ଭାବରେ ଧରି ରଖେ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସମୁଦ୍ରକୁ ମାଛ ମାରିବାକୁ ଯାଇ ମତ୍ସ୍ୟଜୀବୀ ନିଖୋଜ ଘଟଣା

# ଦୀଘାରୁ ଜଣେ ଉଦ୍ଧାର, ୩ ଜଣଙ୍କ ପତ୍ତା ମିଳିନି

ଚନ୍ଦନେଶ୍ୱର, ୩।୮ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଚୌମୁଖ ପଞ୍ଚାୟତ ଅଧୀନ କଙ୍କଡ଼ାପାଳ ଗ୍ରାମର ୪ଜଣ ମତ୍ସଜୀବୀ ଗତକାଲି ସମୁଦ୍ରକୁ ମାଛ



ଧରିବାକୁ ଯାଇ ନିଖୋଜ ଥିଲେ। ସେମାନଙ୍କୁ ଖୋଜା ଚାଲିଥିଲା। ବହୁ ଖୋଜାଖୋଜି ପରେ ଆଜି ଦୀଘା ସମୁଦ୍ର କୂଳଠାରୁ ଅନତିଦୂରରେ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ତିନିଜଣ ଏବେ ବି ନିଖୋଜ ଥିବା ଜଣାପଡ଼ିଛି। ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀଙ୍କୁ ଦୀଘା ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ବାଲିଆପାଳ ବ୍ଲକ୍ କଙ୍କଡ଼ାପାଳ ଗ୍ରାମର ଚାରିଜଣ ମତ୍ସ୍ୟଜୀବୀ ଏକ ଯନ୍ତ୍ରଚାଳିତ ଡ଼ଙ୍ଗାରେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ବେଳେ ଜୁଆର ମାଡ଼ରେ ଡ଼ଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଥିବା ଚାରିଜଣ ମତ୍ସ୍ୟଜୀବୀ ମଧୁସୂଦନ ଗିରି(୩୫), ତାଙ୍କ ବାପା ଗୋପାଳ ଗିରି (୬୦), ବଡ଼ଭାଇ ରବୀନ୍ଦ୍ର ଗିରି (୩୮) ଓ ତାଙ୍କ ଶାଳକ ଚୌମୁଖ ଗ୍ରାମର ଜଗନ୍ନାଥ ପାଳ(୩୨) ନିଖୋଜ ହୋଇଯାଇଥିଲେ। ପରିବାରଲୋକ କୌଣସି ଦୁର୍ଘଟଣାର ଆଶଙ୍କା କରି ବାଲିଆପାଳ ଅଗ୍ନିଶମ ବିଭାଗ ଓ ବାଲିଆପାଳ ଥାନାରେ ଅଭିଯୋଗ କରିଥିଲେ। ପରେ ଭୋଗରାଇର ତାଳସାରୀ ମେରାଇନ ପୁଲିସ ଓ ବାଲିଆପାଳ ପୁଲିସ ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କର ପତ୍ତା ମିଳିନଥିଲା। ତେବେ ଆଜି ଚୌମୁଖ ଗ୍ରାମର ଜଗନ୍ନାଥ ପାଳ (୩୨)ଙ୍କୁ ପଶ୍ଚିମବଙ୍ଗର ଦୀଘା ନିକଟସ୍ଥ ମୋହନା ମୁହାଣରୁ ଜୀବନ୍ତ ଅବସ୍ଥାରେ ପୁଲିସ ଉଦ୍ଧାର କରି ଦୀଘା ଷ୍ଟେଟ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଅନ୍ୟ ୩ଜଣ ନିଖୋଜ ମତ୍ସଜୀବୀଙ୍କୁ ଉଦ୍ଧାର କରିବା ପାଇଁ ପୁଲିସ ତରଫରୁ ଉଦ୍ୟମ ଜାରି ରହିଥିବା ତାଳସାରୀ ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପ୍ରକାଶ କରିଛନ୍ତି।

## ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା

# ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ଗିରଫ ଦାବିରେ ଥାନା ଘେରିଲା କଂଗ୍ରେସ

ଜଗତସିଂହପୁର/ରଘୁନାଥପୁର, ୩।୮ (ସମିସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ଥାନା ଅଧୀନସ୍ଥ ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟର ଜଣେ ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଧ୍ୟାପକ ଓ ଅଧ୍ୟକ୍ଷଙ୍କ ଗିରଫ ଦାବିରେ ତିର୍ତ୍ତୋଲ କଂଗ୍ରେସ ପକ୍ଷରୁ ଆଜି ଥାନା ଘେରଉ କରାଯାଇଥିଲା। ପିସିସି ସଭ୍ୟ ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ ମଦନମୋହନ ମଠ ନିକଟରୁ ଶହ ଶହ କଂଗ୍ରେସ ନେତା ଓ କର୍ମୀ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ପରେ ରଘୁନାଥପୁର ଥାନା ନିକଟରେ ପହଞ୍ଚିଥିଲେ। ସେଠାରେ ପୁଲିସ ପ୍ରଶାସନର ନିଷ୍କ୍ରିୟତା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

କଂଗ୍ରେସର ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ୨୧ ତାରିଖରେ ଅଭିଯୁକ୍ତ ଅଧ୍ୟାପକଙ୍କ ବିରୁଦ୍ଧରେ କଲେଜ ପରିଚାଳନା କମିଟି ସଭାପତି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଜଗତସିଂହପୁର ଥାନାରେ ଏତଲା ଦେବା ପରେ ଏହାକୁ ରଘୁନାଥପୁର ଥାନାକୁ ପ୍ରେରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ପକ୍ସୋ ଧାରା ଅନୁସାରେ ମାମଲା ରୁଜୁ ହୋଇଥିଲା। ମାମଲା ରୁଜୁ ହେବାର ୧୨ଦିନ ବିତିଯାଇଥିବା ବେଳେ ଏପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ଗିରଫ କରାଯାଇନାହିଁ।




ରଘୁନାଥପୁର ପୁଲିସର ଅପାରଗତା ଦର୍ଶାଇ ଥାନା ସମ୍ମୁଖରେ କଂଗ୍ରେସ ନେତା ଓ କର୍ମୀ ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭରେ ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ବଳଙ୍ଗା ପୀଡ଼ିତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ମହିଳା କଂଗ୍ରେସର କର୍ମକର୍ତ୍ତା ରଘୁପତି ରାଘବ ରାଜା ରାମ ସଙ୍ଗୀତ ଗାନ କରି ଅହିଂସାତ୍ମକ ଉପାୟରେ ଧାରଣ ଆରମ୍ଭ କରିଥିଲେ। ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାସ, ଏସ୍‌ଡିପିଓ ଚିନ୍ମୟ ରାଉତ ଓ ରଘୁନାଥପୁର ଥାନା ଅଧିକାରୀ ସୁଶାନ୍ତ ସେଠୀ ଧାରଣରତ କଂଗ୍ରେସ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ତିନିଦିନ ମଧ୍ୟରେ ଯିଏ ବି ଅଭିଯୁକ୍ତ ଅଛନ୍ତି, ସେମାନଙ୍କୁ ଗିରଫ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସାମୟିକ ଭାବେ ପାଇଁ ସ୍ଥଗିତ ରଖାଗଲା ବୋଲି କହିଛନ୍ତି କଂଗ୍ରେସ ଜିଲ୍ଲା ସଭପତି ନଟବର ବାରିକ। ତେବେ ପୀଡିତାଙ୍କୁ ନ୍ୟାୟ ନ ମିଳିବା ଯାଏଁ ଲଢ଼େଇ ଜାରି ରହିବ ବୋଲି ପିସିସି ସଭ୍ୟ ଦେବପ୍ରସାଦ ନାୟକ ସୂଚନା ଦେଇଛନ୍ତି।

ସେହିପରି ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ର ଏଥିରେ ଯୋଗଦେଇ କହିଛନ୍ତି, ଅରୂପାନନ୍ଦ ମହାବିଦ୍ୟାଳୟରେ ଯେଉଁ ନାବାଳିକା ପ୍ରତି ଅସଦାଚରଣ ହୋଇଛି ଏହା ଦୀର୍ଘ ଦିନର ଘଟଣା। କଲେଜ ଆଇସିସି କମିଟି ଏହି ଘଟଣାର ସଠିକ୍ ଭାବେ ତଦନ୍ତ କରି ନଥିଲେ। ପରେ ଯେବେ ଏହି ଘଟଣା ଲୋକଲୋଚନକୁ ଆସିଲା, ସେତେବେଳେ ଉପଜିଲ୍ଲାପାଳ ନିଜ ପକ୍ଷରୁ ଏକ ଏତଲା ଦେଇଥିଲେ। ଏତଲା ଦେବାର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ରଘୁନାଥପୁର ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହେବା ଦୁର୍ଭାଗ୍ୟର ବିଷୟ।

ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଅଭିଜିତ ସାହୁ, ନାରୀନେତ୍ରୀ ପ୍ରତୀମା ମଲ୍ଲିକ, ଦୀପ୍ତିରାଣୀ ପ୍ରଧାନ, ଅନସୂୟା ପ୍ରଧାନ, ପ୍ରିୟବ୍ରତ ମିଶ୍ର, ଆତ୍ରର୍ତ୍ତାଣ ପଣ୍ଡା , ମାନସ ରଥ, ଅଭୟ ମହାନ୍ତି, ପ୍ରଶାନ୍ତ ଦାସ, ସର୍ବେଶ୍ୱର ପଣ୍ଡା, ଜିତେନ୍ଦ୍ର ମହାନ୍ତି, ଅଶ୍ୱିନୀ ସ୍ୱାଇଁ, ଧନଞ୍ଜୟ ସୂତାର, ସୃଜନିକା ରାଉତ, ବସନ୍ତ ନାୟକ, ହେମଲତା ସେଠୀ, ପୁଷ୍ପାଞ୍ଜଳି ଦାସ, ପୁଷ୍ପାଞ୍ଜଳି ମହାପାତ୍ର, ସରପଞ୍ଚ କାଳନ୍ଦୀ ମହାନ୍ତି, ସଫି ଆଜମ, ପ୍ରଦ୍ୟୁମ୍ନ ଚଇନି, ସମିତିସଭ୍ୟ ଜିତେନ୍ଦ୍ର ମଲ୍ଲିକ, ପ୍ରତାପ ସ୍ୱାଇଁ, ଦେବୀପ୍ରସାଦ ପାଳ ପ୍ରମୁଖଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ଅବଶିଷ୍ଟାଂଶ

### କେନାଲକୁ ଖସିଲା...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଓ ଆହତଙ୍କୁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ରାଶି ଦେବାକୁ ସେ ଘୋଷଣା କରିଛନ୍ତି।

ବୋଲେରୋରେ ୧୬ ଜଣ ଲୋକ ପୃଥ୍ୱୀନାଥ ମନ୍ଦିରକୁ ଜଳାଭିଷେକ କରିବାକୁ ଯାତ୍ରା କରୁଥିଲେ। କେନାଲକୁ ଗାଡି ଖସିବା ପରେ କୌଣସି ଲୋକ ବାହାରକୁ ବାହାରି ପାରି ନଥିଲେ। ପ୍ରବଳ ବର୍ଷା କାରଣରୁ କେନାଲ ବହୁ ପରିମାଣରେ ପାଣିଥିଲା। କେନାଲ ପଡିବା ପରେ ହିଁ ଗାଡି ସମ୍ପୂର୍ଣ୍ଣ ଭାବେ ବୁଡି ଯାଇଥିଲା। ଗାଡିର ଗେଟ୍ ଲକ୍ ହୋଇଯାଇଥିଲା। ଭିତରେ ଥିବା ଯାତ୍ରୀ ଛଟପଟ ହୋଇଥିଲେ ଓ ବାହାରକୁ ନ ବାହରିପାରି ମୃତ୍ୟୁବରଣ କରିଥିଲେ। ଗାଡି କେନାଲରେ ପଡିବା ପରେ ଡ୍ରାଇଭର ଡୋର ଖୋଲି ପାଣିକୁ ଡେଇଁ ପଡିଥିଲେ। ସେ ଗାଡି ଡୋର ଖୋଲିବାକୁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଆଗ ସିଟ୍‌ରେ ବସିଥିବା ଦୁଇଜଣ ମଧ୍ୟ ବାହରକୁ ଆସିଥିଲେ। ମଝିରେ ଠିଆ ହୋଇଥିବା ବାଳିକା ପିଙ୍କି ମଧ୍ୟ ଅଚାନକ ବାହାରକୁ ଚାଲିଯାଇଥିଲେ। ସ୍ଥାନୀୟ ଲୋକ ବଲେରୋ ଗେଟ୍ ଖୋଲିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନଥିଲେ। ଦଉଡିରେ ବାନ୍ଧ ଗାଡିକୁ ଟାଣି କୂଳକୁ ଆଣାଯାଇଥିଲା। ଗାଡିର କିଛ ଅଂଶ ପାଣି ଉପରକୁ ଆସିଥିଲା। ଖାଚ ଭାଙ୍ଗି ଜଣକ ପରେ ଜଣକୁ ବାହରକୁ ଆଣାଯାଇଥିଲା। କିନ୍ତୁ ସେତେବେଳକୁ ସମସ୍ତ ଜୀବନ ଯାଇସାରିଥିଲା।

### ଗୋଟିଏ ବୈଠକରେ...

ଗଠନ ହେବାକୁ ପାଖାପାଖି ଗୋଟିଏ ବର୍ଷ ହେବାକୁ ବସିଥିବା ବେଳେ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନେଇଥିବା ଦେଖିବାକୁ ମିଳିନାହିଁ। ଟାସ୍କଫୋର୍ସ ଗଠନର ଗୋଟିଏ ସପ୍ତାହ ମଧ୍ୟରେ ଥରେ ବୈଠକ ବସିଥିଲା, ଏହାପରେ ଆଉ ବୈଠକ ବସିନାହିଁ।

ବିଧାନସଭାରେ ଶ୍ରମ ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁସାରେ ଗତ ୨ ବର୍ଷ ମଧ୍ୟରେ ରାଜ୍ୟ ଏବଂ ଦେଶ ବାହାରକୁ କାମ କରିବାକୁ ଯାଇ ୨୦୭ ଓଡ଼ିଆ ଶ୍ରମିକ ପ୍ରାଣ ହରାଇଛନ୍ତି। ଏଥିରେ ଗଞ୍ଜାମ ଓ ବଲାଙ୍ଗିର ଜିଲ୍ଲାରୁ ମୃତ ଦାଦନଙ୍କ ସଂଖ୍ୟା ସର୍ବାଧିକ। ଦାଦନ ଖଟିବାକୁ ଯାଇ ଗଞ୍ଜାମ ଜିଲ୍ଲାରୁ ୪୯ ଜଣ ପ୍ରାଣ ହରାଇଥିବା ବେଳେ ବଲାଙ୍ଗିରରୁ ୨୩ ଜଣ ଶ୍ରମିକଙ୍କ ପ୍ରାଣ ହରାଇଛନ୍ତି। ସେହିପରି କଳାହାଣ୍ଡି ଓ କନ୍ଧମାଳରେ ୧୬ ଜଣ ଲେଖାଏଁ ଶ୍ରମିକଙ୍କ ଜୀବନ ଯାଇଛି। ନବରଙ୍ଗପୁର ଓ ରାୟଗଡାରେ ୧୩ ଲେଖାଏଁ ଶ୍ରମିକ ଶବ ହୋଇ ରାଜ୍ୟକୁ ଫେରିଛନ୍ତି।

### ବୋର୍ଡ ଉପସଭାପତି...

ଏଥିସହ ୬୦ ଦିନ ମଧ୍ୟରେ ଚାର୍ଜସିଟ ଦାଖଲ କରାଯିବ। ତେବେ ଆଗକୁ ନୀହାରଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଆଇଜି ବି.ଗଙ୍ଗାଧର ସୂଚନା ଦେଇଛନ୍ତି।

କ୍ରାଇମବ୍ରାଞ୍ଚ ଡିଜିଙ୍କ ସୂଚନା ଅନୁଯାୟୀ, ପ୍ରଶ୍ନପତ୍ର ଲିକ୍ ପ୍ରକ୍ରିୟା ପରୀକ୍ଷା ବୋର୍ଡ ସହ କାର୍ଯ୍ୟ କରୁଥିବା ଡାଟା ଏଣ୍ଟ୍ରି ଅପରେଟରଙ୍କ ମାଧ୍ୟମରେ ପୂର୍ବରୁ ଗିରଫ ହୋଇଥିବାର ଅଭିଯୁକ୍ତ ଜିତନ୍ ମହାରଣାଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ, ଡାଟାଏଣ୍ଟ୍ରି ଅପରେଟର ଜିତନ୍ ମହାରଣା ଲିକ୍ ଘଟଣାରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିଥିବା କହିଛନ୍ତି କ୍ରାଇମ୍‌ବ୍ରାଞ୍ଚ ଡିଜି। ମୁଖ୍ୟ ଅଭିଯୁକ୍ତ ଜିତନଙ୍କ ସହ ବୋର୍ଡ ଉପସଭାପତିଙ୍କ ଘନିଷ୍ଠ ସମ୍ପର୍କ ରହିଥିଲା। ପ୍ରାୟ ୨ ମାସ ଭିତରେ ଉଭୟେ ୧୦୦ ଥର ଫୋନ୍‌ରେ କଥା ହୋଇଛନ୍ତି। ହେଲେ ପରୀକ୍ଷା ପରିଚାଳନାରେ ଜିତନଙ୍କର କୌଣସି ଭୂମିକା ନ ଥିଲା। ଏହା ସତ୍ତ୍ୱେ ପରୀକ୍ଷା ପରିଚାଳନାରେ ସମ୍ପୃକ୍ତ ନ ଥିବା ବ୍ୟକ୍ତିଙ୍କ ସହ ଏତେଥର ଉପସଭାପତି କଥା କାହିଁକି ହୋଇଥିଲେ, ତାହା ସନ୍ଦେହ ସୃଷ୍ଟି କରିଥିଲା। ଜିତନଙ୍କ ଭୂମିକା ସନ୍ଦେହଜନକ ଥିଲା ଉପସଭାପତି ସ୍ୱୀକାର କରିଛନ୍ତି। ନୀହାରଙ୍କ ପାଖରେ ଓଟିଇଟି ପ୍ରଶ୍ନପତ୍ର ସମ୍ପର୍କିତ ପାସୱାର୍ଡ ରହିଥିଲା। ପାସୱାର୍ଡ ବ୍ୟବହାର କରି ବୋର୍ଡ ଉପସଭାପତି ଡିଲିଟ୍ କରିବା କଥା, ହେଲେ ସେ ସେପରି କରିନଥିଲେ। ଏଥିସହ ଉପସଭାପତି ଜିତନ ମହାରଣାଙ୍କୁ ଲାପଟପ୍ ବ୍ୟବହାର ପାଇଁ ଅନୁମତି ଦେଇଥିଲେ। ଏତଦ୍ ବ୍ୟତୀତ ମହାରଣାଙ୍କ ଆକାଉଣ୍ଟକୁ ୨.୪ ଲକ୍ଷ ଟଙ୍କା ଟ୍ରାନ୍ସଫର କରାଯାଇଥିଲା, ଯାହା ବେଆଇନ କାର୍ଯ୍ୟକଳାପ ସହିତ ଏକ ସ୍ପଷ୍ଟ ଆର୍ଥିକ ଲିଙ୍କ ସ୍ଥାପନ କରିଥିଲା। ତେବେ ଘଟଣାର ତଦନ୍ତ ଚାଲିଛି। ଅନେକ ଲୋକଙ୍କର ସମ୍ପୃକ୍ତି କୁ ମଧ୍ୟ ଅନୁମାନ କରାଯାଉଛି। ସେହିଭଳି ଅର୍ଥନୈତିକ କାରବାରର ଯାଞ୍ଚ କରାଯାଉଛି ବୋଲି କ୍ରାଇମ୍ ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରଥମତଃ ବୋର୍ଡ ଉପସଭାପତିଙ୍କ ଲାପ୍‌ଟପ୍‌କୁ ପ୍ରଶ୍ନପତ୍ର ଆସିବା କଥା ନୁହେଁ। କିନ୍ତୁ ମୁଦ୍ରଣ ସଂସ୍ଥାରୁ ବୋର୍ଡର ଉପସଭାପତି ନୀହାର ମହାନ୍ତିଙ୍କ ଲାପ୍‌ଟପ୍‌କୁ ଏଫ୍‌ଟିପି (ଫାଇଲ୍ ଟ୍ରାନ୍ସଫର୍ ପ୍ରୋଟକଲ୍) ମାଧ୍ୟମ ବଦଳରେ ଇ-ମେଲ୍‌ରେ ପ୍ରଶ୍ନପତ୍ର ଆସିଥିଲା। ଏଭଳି ସାଂଘାତିକ କାର୍ଯ୍ୟ କ୍ରାଇମ୍‌ବ୍ରାଞ୍ଚ ତଦନ୍ତରୁ ସାମ୍ନାକୁ ଆସିଛି। କିନ୍ତୁ ବୋର୍ଡରେ ବହୁଦିନରୁ ଚାଲି ଆସିଥିବା ଏଭଳି ଅନିୟମିତତାକୁ ଉଚ୍ଚ କର୍ତ୍ତୃପକ୍ଷ ଚୁପଚାପ୍ ସହିବା ଘଟଣା ଏବେ ଆଲୋଚନାର ପ୍ରସଙ୍ଗ ହୋଇଛି। ବୋର୍ଡର ରେଗୁଲେସନ୍ ଚାପ୍ଟର-୧୧ ଉପଧାରା-୧୫ ଅନୁସାରେ ପ୍ରଶ୍ନପତ୍ର ପ୍ରସ୍ତୁତି, ଗୋପନୀୟ ମୁଦ୍ରଣ ଓ ପ୍ରଶ୍ନ ବିତରଣ ବୋର୍ଡ ସଂପାଦକଙ୍କ ଦାୟିତ୍ୱ। କିନ୍ତୁ ଉପସଭାପତି ନୀହାର କିପରି ପ୍ରଶ୍ନପତ୍ର ପ୍ରସ୍ତୁତିରେ ସଂପୃକ୍ତ ହେଲେ ଓ ତାଙ୍କ ବ୍ୟକ୍ତିଗତ ଲାପ୍‌ଟପ୍‌କୁ ପ୍ରଶ୍ନର ସଫ୍ଟ କପି କାହିଁକି ଆସିଲା, ତାହାକୁ ନେଇ ପ୍ରଶ୍ନ ଉଠୁଛି।

### କୋଟିପତି ଏମ୍‌ଭିଆଇଙ୍କ...

ସମେତ ବୌଦ୍ଧରେ ଥିବା ତାଙ୍କ ଭଡ଼ାଘର, ବୌଦ୍ଧ ଆରଟିଓ ଅଫିସ୍‌ରେ ଥିବା ତାଙ୍କ ଚାମ୍ବର, ମୟୂରଭଞ୍ଜର ଖୁଣ୍ଟା ଥାନା ଅନ୍ତର୍ଗତ ଗୁଡ଼ିଡ଼ିହା ସ୍ଥିତ ତାଙ୍କ ପୈତୃକ ଘର, ଭୁବନେଶ୍ୱରର ପାଣ୍ଡରା ସ୍ଥିତ ତାଙ୍କ ଝିଅଙ୍କ ଭଡ଼ା ଘର ଓ ବାରିପଦାସ୍ଥିତ ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କ ଘରେ ଏହି ଚଢଉ କରାଯାଇଥିଲା। ଚଢ଼ଉରେ ୪ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର୍ ଓ ଅନ୍ୟ ସହଯୋଗୀ କର୍ମଚାରୀ ସାମିଲ ହୋଇଥିଲେ। ଚଢ଼ଉ ସମୟରେ ତାଙ୍କ ଘରୁ ଭିଜିଲାନ୍ସ ବିପୁଳ ପରିମାଣର ସଂପତ୍ତି ଠାବ କରିଛି।

ମୟୂରଭଞ୍ଜ ପ୍ରଫୁଲ୍ଲନଗରରେ ଗୋଟିଏ ଦୁଇ ତାଲା କୋଠା ଥିବା ବେଳେ ତାଙ୍କ ନାମରେ ଥିବା ୪୪ଟି ପ୍ଲଟ୍ ଠାବ କରାଯାଇଛି। ସେଥିମଧ୍ୟରୁ ୪୩ଟି ପ୍ଲଟ୍ ବାରିପଦା ଟାଉନରେ ଥିବା ବେଳେ ଗୋଟିଏ ବାଲେଶ୍ୱର ଟାଉନ୍‌ରେ ରହିଛି। ଏହି ସବୁ ପ୍ଲଟ୍‌ର ସଠିକ୍ ମୂଲ୍ୟ ଭିଜିଲାନ୍ସ ଟେକ୍ନିକାଲ ଟିମ୍ କରୁଛନ୍ତି। ଘରୁ ମିଳିଥିବା ଗୋଟିଏ ଡାଏରୀରେ ଏକାଧିକ ବେନାମିକାରବାର ଉଲ୍ଲେଖ ରହିଛି। ସେହିପରି ଗୋଟିଏ ୪ ଚକିଆ ଏବଂ ୩ଟି ଦୁଇ ଚକିଆ ଠାବ ହୋଇଥିବା ବେଳେ ୧୬.୦୬ଲକ୍ଷର ଘରର ଆସବାବପତ୍ର ରହିଛି।

୧୯୬୬ରେ ଜନ୍ମିତ ଗୋଲାପ ଚନ୍ଦ୍ର ହାଁସଦା ୧୯୯୧ ମସିହା ଏପ୍ରିଲ ୧୮ ତାରିଖରେ ଜଣେ ଆଇପିଓ ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ସେ ସମ୍ବଲପୁର ଓ ଦେବଗଡ଼ ଡିଆଇସିରେ କାର୍ଯ୍ୟ କରିଥିଲେ। ୨୦୦୩ରେ ସେ କନିଷ୍ଠ ଏମ୍‌ଭିଆଇ ଭାବେ ପଦୋନ୍ନତି ପାଇଥିଲେ ଓ ସୁନ୍ଦରଗଡ଼ର ତାପରିଆ ଚେକ୍ ଗେଟ୍ ଓ ସମ୍ବଲପୁରର ଲକ୍ଷ୍ମୀଡୁଙ୍ଗୁରି ଚେକ୍ ଗେଟ୍ କାର୍ଯ୍ୟ କରିଥିଲେ। ପରେ ମୟୂରଭଞ୍ଜ ଓ ବରଗଡ଼ ଆରଟିଓ ଅଫିସରେ ସେ କିଛି ବର୍ଷ କାର୍ଯ୍ୟ କରିଥିଲେ। ୨୦୨୦ରେ ତାଙ୍କୁ ଏମ୍‌ଭିଆଇ ଭାବେ ପଦୋନ୍ନତି ଦିଆଯାଇ ବୌଦ୍ଧ ଆରଟିଓରେ ଅବସ୍ଥାପିତ କରାଯାଇଥିଲା। ସେବଠାରୁ ସେ ସେଠାରେ ଅଛନ୍ତି। ସେ ବର୍ତ୍ତମାନ ମାସିକ ୧.୦୮ ଲକ୍ଷ ଟଙ୍କା ଦରମା ପାଉଛନ୍ତି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ କିଛି ଦିନ ତଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡାଙ୍କର ୯ଟି ପ୍ଲଟ୍ ଠାବ କରାଯାଇଥିବା ବେଳେ ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କର ୧୩ଟି ପ୍ଲଟ୍ ଠାବ କରାଯାଇଥିଲା। ସେହିପରି ପ୍ରାୟ ୧୦ଦିନ ତଳେ ଭିଜିଲାନ୍ସ ଜାଲରେ ପଡ଼ିଥିବା କେନ୍ଦୁଝରର ଜିଲ୍ଲା କେନ୍ଦୁପତ୍ର ଡିଭିଜନର ଡିଏଫଓ ନିତ୍ୟାନନ୍ଦ ନାୟକଙ୍କର ୧୨୩ଟି ପ୍ଲଟ୍ ଠାବ କରାଯାଇଥିଲା।

### ଚାପରେ ମୋହନ-ବିଷ୍ଣୁ...

ସରକାର ଦେଇ ନାହାନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାରଙ୍କ ପ୍ରସ୍ତାବ ଉପରେ ବିଚାରାଲୋଚନା ଚାଲିଥିବା ମନ୍ତବ୍ୟ ଦେଇ କଥାକୁ ଅଧାରେ ରୋକି ଦେଇଛନ୍ତି। ମାତ୍ର କେଉଁସ୍ତରରେ ଛତିଶଗଡ଼ ସରକାର କାହା ସହ ବିଚାରାଲୋଚନା କରୁଛନ୍ତି ତାହା ଏବେ ବି ଅସ୍ପଷ୍ଟ। ଓଡ଼ିଶାରେ ମହାନଦୀ ବିବାଦ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯେପରି ବିରୋଧୀଙ୍କ ଚାପରେ ଅଛନ୍ତି, ଅନୁରୂପ ଭାବରେ ବିଷ୍ଣୁଦେବ ସାଏ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ନିଜ ରାଜ୍ୟରେ ଚାପଗ୍ରସ୍ତ। ବିରୋଧୀଦଳଗୁଡ଼ିକ ବିଷ୍ଣୁଦେବଙ୍କ ପଦକ୍ଷେପ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଓ ସାମାନ୍ୟ ତ୍ରୁଟିବିଚ୍ୟୁତି ତାଙ୍କ ସରକାର ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା କରି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରକ୍ଷଣାତ୍ମକ ମନୋଭାବ ପୋଷଣ କରୁଥିବା ରାଜନୈତିକ ପର୍ଯ୍ୟବେକ୍ଷକମାନେ ମନେ କରୁଛନ୍ତି।

ଛତିଶଗଡ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ତଥ୍ୟ ଅନୁସାରେ ପୂର୍ବ ପ୍ରକଳ୍ପଗୁଡ଼ିକୁ ବାଦ ଦେଇ ଏବେ ବି ମହାନଦୀରେ ୬ ଟି ଉଦ୍ୟୋଗିକ ବ୍ୟାରେଜ ନିର୍ମାଣାଧୀନ ରହିଛି। ସମୌଦା, ଶିବନାରାୟଣ, ବସନ୍ତପୁର, ମିରୌନୀ, ସାରାଡିହି ଓ କଲମା ବ୍ୟାରେଜଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଶିଳ୍ପ ସହ ଜଡ଼ିତ ଥିବାରୁ ଏହି ପ୍ରକଳ୍ପଗୁଡ଼ିକୁ ବନ୍ଦ କରିବା ଛତିଶଗଡ଼ ସରକାରଙ୍କ ପାଇଁ ଆଦୌ ସମ୍ଭବ ନୁହେଁ। ଅନ୍ୟପକ୍ଷରେ ପ୍ରତିବର୍ଷ ମହାଦୀରେ ଜଳପ୍ରବାହ କମି ଚାଲିଥିବାବେଳେ ୨୦୧୫-୧୬ରୁ ଏହା ଭୟଙ୍କର ରୂପ ଧାରଣ କରିଛି। ୨୦୦୧-୦୨ ମସିହା ରୁ ୨୦୦୫-୦୬ ପର୍ଯ୍ୟନ୍ତ ବାର୍ଷିକ ହରାହାରି ୬୧୬୦.୮୦ ନିୟୁତ ଘନମିଟର ଜଳ ଓଡ଼ିଶାକୁ ପ୍ରବେଶ କରୁଥିଲା। ମାତ୍ର ୨୦୦୬-୦୭ ରୁ ୨୦୧୦-୧୧ ମଧ୍ୟରେ ବାର୍ଷିକ ଜଳ ପ୍ରବାହ ପାଖାପାଖି ୩୦% ହ୍ରାସ ପାଇଥିଲା। ମାତ୍ର ୨୦୧୬ରୁ ୨୦୨୫ ମଧ୍ୟରେ ଏହା ଆହୁରି ଭୟଙ୍କର ରୂପ ଧାରଣ କରିଛି। ଅଣ ମୌସୁମୀ ସମୟରେ ମହାନଦୀ ଏକ ମୃତ ନଦୀରେ ପରିଣତ ହୋଇଛି। ପୂର୍ବରୁ ତତ୍‌କାଳୀନ ବିଜେଡି ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଏହି ପ୍ରସଙ୍ଗରେ ବାରମ୍ବାର ଆପତ୍ତି ଉଠାଇଥିଲେ ମଧ୍ୟ ଏହାର ସମାଧାନ ହୋଇ ପାରିଲା ନାହିଁ। କେନ୍ଦ୍ରୀୟ ଜଳ ଆୟୋଗ ଏହି ପ୍ରସଙ୍ଗରେ ନିରବ ରହିଲେ। ପରିଣତିସ୍ୱରୂପ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ବିବାଦ ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ ହେଲା। ମାତ୍ର ଟ୍ରିବ୍ୟୁନାଲ ମଧ୍ୟ ଏହାର ସମାଧାନ ପାଇଁ ବିଶେଷ ଗୁରୁତ୍ୱ ଦେଇ ନାହିଁ। ମାତ୍ର ୨୦୨୪ରେ କେନ୍ଦ୍ର ସହ ଛତିଶଗଡ଼ ଓ ଓଡ଼ିଶାରେ ବିଜେପି ସରକାର ଗଠନ ପରେ ଏହି ବିବାଦର ସମାଧାନ ହେବ ବୋଲି ଆଶା କରାଯାଉଥିଲେ ହେଁ ତାହା ସମ୍ଭବ ହୋଇ ନାହିଁ। ଗତ ୧୪ ମାସ ମଧ୍ୟରେ ମହାନଦୀ ବିବାଦର ସମାଧାନ ହେବ ବୋଲି ରାଜ୍ୟ ସରକାର କହୁଛନ୍ତି, ଛତିଶଗଡ଼ ସରକାର ସହଯୋଗ କରିବ ବୋଲି ଆଶ୍ୱାସନା ଦେଉଛି। ମାତ୍ର କୌଣସି ସୁଫଳ ମିଳିନାହିଁ। ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ଛତିଶଗଡ଼ କୌଣସି ଆଲୋଚନା କରିବାକୁ ବାସ୍ତବିକ ପ୍ରସ୍ତୁତ ନୁହେଁ। ବର୍ତ୍ତମାନ ଆଲୋଚନା କରାଗଲେ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ହୁଏତ ବନ୍ଦ କରିବାକୁ ପଡ଼ିପାରେ ଓ ପ୍ରକଳ୍ପ ବନ୍ଦ ହେଲେ ରାଜ୍ୟରେ ଶିଳ୍ପାୟନ ବାଧାପ୍ରାପ୍ତ ହୋଇପାରେ, ଏହି ଆଶଙ୍କାରେ ଛତିଶଗଡ଼ ସରକାର ସମୟ ଗଡ଼ାଇ ଚାଲିଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି। ମହାନଦୀ ପ୍ରସଙ୍ଗରେ ଓଡ଼ିଶା ସରକାର ରାଜ୍ୟବାସୀଙ୍କ ଚାପରେ ଚାପଗ୍ରସ୍ତ ହୋଇଥିବାପରି ଛତିଶଗଡ଼ ସରକାର ଶିଳ୍ପପତିଙ୍କ ଚାପରେ ଚାପଗ୍ରସ୍ତ ଥିବା କୁହାଯାଉଛି।

### ସନ୍ଦେହ ବଢ଼ାଉଛି...

ଦେବାକୁ ଯାଉଥିଲେ। ବଳଙ୍ଗା-ହରିପୁର କେନାଲ ବନ୍ଧ ରାସ୍ତାରେ ନାବାଳିକା ଏକୁଟିଆ ଯାଉଥିବାବେଳେ ୩ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ବାଇକ୍‌ରେ ପହଞ୍ଚିଥିଲେ। ରାସ୍ତାରୁ ତାଙ୍କୁ ଜବରଦସ୍ତ ଟେକି ନେଇ ତେରହଳ ନିକଟସ୍ଥ ଭାର୍ଗବୀ ନଦୀ ବନ୍ଧ ତଳକୁ ନେଇଥିଲେ। ତାଙ୍କ ଦେହରେ ନିଆଁ ଲଗାଇ ପୋଡ଼ି ମାରିଦେବାକୁ ଉଦ୍ୟମ କରିଥିଲେ। ହେଲେ ନାବାଳିକା ଜଣକ ଗୁରୁତର ଅବସ୍ଥାରେ ତେରହଳ ଗାଁ ମୁଣ୍ଡରେ ଥିବା ଦୁଃଖିଶ୍ୟାମ ସେନାପତିଙ୍କ ଘର ପାଖରେ ପହଞ୍ଚି ଆକୁଳ ବିକଳ ହୋଇ ମତେ ରକ୍ଷା କର ବୋଲି ଚିତ୍କାର କରିଥିଲେ। ଦୁଃଖିଶ୍ୟାମ ନାବାଳିକା ଦେହରେ ନିଆଁ ଲାଗିଥିବା ଦେଖି ତତ୍‌କ୍ଷଣାତ୍ ତାଙ୍କୁ ସହଯୋଗ କରିଥିଲେ। ୩ ଜଣ ଦୁର୍ବୃତ୍ତ ଏପରି କରିଥିବା ନାବଳିକା ତାଙ୍କୁ କହିଥିବା ଦୁଃଖିଶ୍ୟାମ ମଧ୍ୟ ଗଣମାଧ୍ୟମ, ପୁଲିସ ଆଗରେ କହିଥିଲେ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ଦୁଇଟି ବୋତଲରେ ଥିବା କିରାସିନି, ଦିଆସିଲି, ଚପଲ, ଚୁଡ଼ି, ରୁପା ମୁଦି, ଅଧାପୋଡ଼ା ଡ୍ରେସ ଆଦି ଜବତ କରିଥିଲା।

ପରବର୍ତ୍ତୀ ସମୟରେ ଜବତ ରୁପା ମୁଦିକୁ ନେଇ ଉଠିଥିଲା ପ୍ରଶ୍ନ। ପୀଡ଼ିତାଙ୍କ ପରିବାର ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଜବତ ରୁପା ମୁଦି ତାଙ୍କ ଝିଅର ନୁହେଁ। ତେଣୁ ସେ ମୁଦି ସେଠାକୁ ନେଇଥିଲା କିଏ? ଖୋଳତାଡ଼ ପରେ ପୁଲିସ ବଳଙ୍ଗାର ଏକ ଗହଣା ଦୋକାନକୁ ଯାଇ ଯାଞ୍ଚ କରିଥିଲା। ସେହି ମୁଦି ଅଢ଼େଇ ମାସ ପୂର୍ବରୁ ପୀଡ଼ିତାଙ୍କର ଜଣେ ସାଙ୍ଗ କିଣି ନେଇଥିବା ସମ୍ପୃକ୍ତ ଗହଣା ଦୋକାନ ମାଲିକ କହିଥିଲେ। ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ମଧ୍ୟ ତଦନ୍ତରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିଲା। ନିଜେ ଡିଜି ଘଟଣାସ୍ଥଳ ପରିଦର୍ଶନ ପରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ଆମେ କିଛି ତଥ୍ୟ ପାଇଛୁ ବୋଲି କହିଥିଲେ। ସମସ୍ତଙ୍କ ଭରସା ଥିଲା ନିଶ୍ଚିତ ପୁଲିସ ଘଟଣା ଉପରୁ ପରଦା ହଟାଇବ। ହେଲେ ପୀଡ଼ିତାଙ୍କ ଦେହାନ୍ତ ପରେ ପୂର୍ବର ମତ ଏବଂ ତଦନ୍ତର ଦିଗ କିପରି ବଦଳିଗଲା ବୋଲି ସମସ୍ତଙ୍କ ମନରେ ଉଠିଛି ପ୍ରଶ୍ନ।

ପୀଡ଼ିତାଙ୍କ ବାପା ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି କହିଛନ୍ତି, 'ମୋ ପାଖରେ ଝିଅ ନାହିଁ। ତା' ମୃତ୍ୟୁକୁ ନେଇ ରାଜନୀତି ନ କରନ୍ତୁ। ମୋ ଝିଅ ପାଇଁ ସରକାର ଯାହା କରିବା କଥା କରିଛନ୍ତି। ଏହା ସାତ୍ତ୍ୱେ ଝିଅ ବଞ୍ଚିଲା ନାହିଁ। ଏହାକୁ ନେଇ କେହି ରାଜନୀତି ନ କରନ୍ତୁ। ମୋ ଝିଅର ଆତ୍ମା କେମିତି ଶାନ୍ତି ପାଇବ ସେ ନେଇ ପ୍ରାର୍ଥନା କରନ୍ତୁ'। ଅନ୍ୟପକ୍ଷରେ ପୁଲିସ ବି ଏଥିରେ କାହାରି ସମ୍ପୃକ୍ତି ନାହିଁ ବୋଲି କହିଛି। ଏବେ ପ୍ରଶ୍ନଉଠୁଛି ହଠାତ୍ କାହିଁକି ପରିବାର ଏବଂ ପୁଲିସର ସ୍ୱର ବଦଳିଗଲା। କାହା ଚାପରେ ସେମାନେ ଏଭଳି ମତ ମନ୍ତବ୍ୟ ଦେଉନାହାନ୍ତି ତ? ଯଦି କାହାର ହାତ ନାହିଁ ତା' ହେଲେ ନାବାଳିକାଙ୍କ କିଏ ଜିଅନ୍ତା ପୋଡ଼ି ମାରିଦେବାକୁ କରିଥିଲା ଉଦ୍ୟମ। ସେ ନିଜେ ନା କେହି ନିକଟ ସମ୍ପର୍କୀୟ ରଚିଥିଲେ ଷଡ଼ଯନ୍ତ୍ର?

ଯଦି ନାବାଳିକା ନିଜେ ଏପରି କାଣ୍ଡ ଭିଆଇଲେ ତେବେ କେଉଁ ପରିସ୍ଥିତି ତାଙ୍କୁ ଏପରି କରିବାକୁ ବାଧ କଲା? ପୁଲିସ ଏ ଦିଗରେ ତଦନ୍ତ କରିଛି ତ? ପାରିପାର୍ଶ୍ୱିକ ସ୍ଥିତି ଦେଖିଲେ ଘଟଣାସ୍ଥଳରୁ ଜବତ ସାମଗ୍ରୀ ନାବାଳିକା ନିଜେ ସାଥିରେ ନେଇ ଯାଇଥିବା ସନ୍ଦେହ ସୃଷ୍ଟି ହେଉଛି। ଜବତ ରୁପା ମୁଦି ତାଙ୍କର ନୁହେଁ ବୋଲି ପରିବାର ପକ୍ଷରୁ ସ୍ପଷ୍ଟ କରାଯିବା ଘଟଣାକୁ ଆହୁରି ରହସ୍ୟମୟ କରିଛି। ଅନ୍ୟ ଏକ ଦିଗକୁ ଦେଖିଲେ ଯଦି କେହି ନିକଟ ସମ୍ପର୍କୀୟ ଏପରି କରିଥା'ନ୍ତି, ତେବେ କାହିଁକି? ଏହା ପଛର ଉଦ୍ଦେଶ୍ୟ କ'ଣ? ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ପ୍ରଥମେ ଠାବ କରିଥିବା ବ୍ୟକ୍ତି ଦୁଃଖିଶ୍ୟାମ କ'ଣ ମିଛ କହିଥିଲେ? ଯଦି ସେ ମିଛ କହିଛନ୍ତି, ତେବେ ସେଥିରେ ତାଙ୍କର ସ୍ୱାର୍ଥ କ'ଣ ଥିଲା? ସବୁଠୁ ବଡ଼ କଥା ହେଉଛି, ପୀଡ଼ିତାଙ୍କ ମୃତ୍ୟୁର ଦିନକ ପୂର୍ବରୁ ତାଙ୍କ ଘରେ ତାଲା ଝୁଲୁଥିଲା। ରବିବାର ଅପରାହ୍ଣ ପର୍ଯ୍ୟନ୍ତ ସେମାନେ କେଉଁଠି ଥିଲେ, ତାହାର ସଠିକ୍ ସୂଚନା କାହା ପାଖରେ ନ ଥିଲା। ସେମାନଙ୍କୁ କେହି ଅନ୍ୟତ୍ର ନେଇ ରଖି ନ ଥିଲେ ତ? ଏମିତି ଅନେକ ପ୍ରଶ୍ନ ଏବେ ରହସ୍ୟ ଘେରରେ ରହିଯାଇଛି।

### ଗୁପ୍ତାଙ୍ଗ କାଟି...

ଦାବି କରିଥିଲେ। କିନ୍ତୁ ଗୋପାଳ ମନା କରିବାରୁ ଗାଁ ଲୋକଙ୍କ ସହ ତାଙ୍କର ଶତ୍ରୁତା ବଢ଼ିଥିଲା। ଅପରପକ୍ଷେ, ୧୫ଦିନ ତଳେ ରାଚାଗୁଡ଼ା ଗ୍ରାମର ସୁବାସ ମଳିକଙ୍କ ସ୍ତ୍ରୀ ଝୁନୁ ମଳିକଙ୍କ କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ଗୋପାଳ ଗୁଣି କରି ଝୁନୁକୁ ମାରିଦେଇଥିବା ଗ୍ରାମବାସୀ ସନ୍ଦେହ କରୁଥିଲେ। ପରେ ଗୋପାଳକୁ ଜୀବନରେ ମାରିଦେବାକୁ ଯୋଜନା କରିଥିଲେ। ଏହା ଜାଣିପାରି ଗୋପାଳ ଭୟରେ ଗାଁ ଛାଡ଼ି ଶଶୁର ଘର ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ଅନ୍ତର୍ଗତ ଗଣ୍ଡିଗାଁରେ ରହୁଥିଲେ। ହେଲେ ଗୋପାଳ ନିଜ ଗାଁରେ ଥିବା ଗୋରୁ, ଗାଈ, ଛେଳି ନେଇ ଶଶୁର ଘରକୁ ଫେରୁଥିବା ବେଳେ ଖବର ପାଇ ଗୁଞ୍ଜିମା ଓ ରାଚାଗୁଡ଼ାର ପ୍ରାୟ ୧୪ ଜଣ ବ୍ୟକ୍ତି ୩ଟି ଅଟୋ ଯୋଗେ ଯାଇ ଗଞ୍ଜାମ ଜିଲ୍ଲା ବଡଗଡ଼ ଥାନା ଅନ୍ତର୍ଗତ ବୁର୍ଦା ଗାଁ ନିକଟରେ ତାଙ୍କୁ ଅଟକାଇ ପୁଣି ରଚାଗୁଡ଼ା ଗାଁକୁ ଆଣିଥିଲେ। ଗାଁରେ ବୈଠକ କରିବା ପରେ ଅଡ଼ବା ଥାନା ଅନ୍ତର୍ଗତ ହରଭଙ୍ଗୀ ଡ୍ୟାମ୍ ନିକଟକୁ ନେଇ ଯାଇଥିଲେ। ସେଠାରେ ଗୋପାଳଙ୍କ ହାତଗୋଡ଼ ବାନ୍ଧି ଗୁପ୍ତାଙ୍ଗକୁ ଏକ ଧାରୁଆ ଛୁରା ସାହାଯ୍ୟରେ କାଟିବା ସହିତ ତଣ୍ଟିକୁ ଚାଦରରେ ଭିଡ଼ି ହତ୍ୟା କରିଥିଲେ। ପରେ ତାଙ୍କ ଶବକୁ ଡ୍ୟାମ୍‌ରେ ଫିଙ୍ଗି ଦେଇଥିଲେ।

ଖବର ପାଇ ମୋହନା ଓ ଅଡ଼ବା ପୁଲିସ ଅଭିଯୁକ୍ତଙ୍କୁ ରାତିସାରା ଗୋଡ଼ାଇ ଗୋଡ଼ାଇ ଧରିଥିଲା। ୩ଟି ଅଟୋରେ ସମସ୍ତେ କର୍ଚବାଡ଼ି ପଞ୍ଚାୟତ ଶୁଖିଲା ଆମ୍ବ ଛକ ଦେଇ କୌଣସି ଏକ ଅଜ୍ଞାତ ସ୍ଥାନକୁ ଯାଉଥିବା ବେଳେ ପୁଲିସ୍ ଖବର ପାଇ ପିଛା କରିଥିଲା। ଚନ୍ଦ୍ରଗିରି ନିକଟରେ ପୁଲିସ ସମସ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲା। ଥାନାରେ ଗୋପାଳଙ୍କ ଭାଉଜ ସୀତା ମଳିକ ଲିଖିତ ଅଭିଯୋଗ କରିଛନ୍ତି। ଆଜି ସକାଳୁ ମୋହନା ଓ ଅଡ଼ବା ପୁଲିସ ଏବଂ ଅଗ୍ନିଶମ ବାହିନୀଙ୍କ ସହାୟତାରେ ପୁଲିସ ଡ୍ୟାମ ଭିତରୁ ଗୋପାଳଙ୍କ ଶବ ଉଦ୍ଧାର କରିଥିଲା। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଥିବା ବେଳେ ଘଟଣାର ଆଉ କେଉଁମାନେ ସଂପୃକ୍ତ ଅଛନ୍ତି, ସେମାନଙ୍କୁ ଅତିଶୀଘ୍ର ଧରାଯିବ ବୋଲି ରା.ଉଦୟଗିରି ଏସଡ଼ିପିଓ ସୁରେଶ କୁମାର ତ୍ରିପାଠୀ କହିଛନ୍ତି। ଗିରଫ ଅଭିଯୁକ୍ତ ହେଲେ, ସୁବାସ ମଲ୍ଲିକ, ଅଜୟ ମଲ୍ଲିକ, ସୀମାଞ୍ଚଳ ମଲ୍ଲିକ, କୁମାର ମଲ୍ଲିକ, ଗୌରା ମଲ୍ଲିକ, ପ୍ରଫୁଲ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ଶିବାନନ୍ଦ ମଲ୍ଲିକ, ଘାସିରାମ ମଲ୍ଲିକ, ସୁଦୟ ମଲ୍ଲିକ, ଶିବ ମଲ୍ଲିକ, ରମାକାନ୍ତ ମଲ୍ଲିକ, ମାରା ମଲ୍ଲିକ ଓ ଚନ୍ଦ୍ର ମଲ୍ଲିକ। ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ଓ ଅଡ଼ବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡାଙ୍କ ରାତିସାରା ଅକ୍ଳାନ୍ତ ପରିଶ୍ରମ ଫଳରେ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଛନ୍ତି।

### ଜଙ୍ଗଲରେ ବ୍ୟବସାୟୀଙ୍କ...

ଖୋଜାଖୋଜି ଜାରି ରଖିଥିଲେ। ରବିବାର ସକାଳେ ଗୋଦରିବିଲି ଗ୍ରାମ କାଜୁ ଜଙ୍ଗଲରେ ତାଙ୍କ ମୃତଦେହ ସହ ବାଇକ୍ ଓ ଚପଲ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ପରିବାରଲୋକେ ଘଟଣାସ୍ଥଳରେ ପହଞ୍ଚି ରଞ୍ଜନ ମୃତଦେହ ଚିହ୍ନଟ କରିଥିଲେ। ରଞ୍ଜନଙ୍କୁ ହତ୍ୟା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ତୁମୁସିଙ୍ଗା ଥାନା ଅଧିକାରିଣୀ, ପଣ୍ଡୁଆ ଫାଣ୍ଡି ଅଧିକାରୀ ଓ ଢେଙ୍କାନାଳ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଏସଡିପିଓ କହିଛନ୍ତି।


**AFFIDAVIT**

I Pankajini Mahananda, W/o- Tapeswar Mahananda, D/o- Sahani Chand, resident of At- Bhadrapali, Po- Pithinda, Ps- Rengali, Dist- Jharsuguda, declare by this affidavit No. 27, Dated. 15-05-2025, before Notary Public, Jharsuguda that I have changed my name from Kanti Chand to Panjakini Mahananda. Now onwards I shall be known as **Pankajini Mahananda** for all future purposes.

**Notice**
(above 18 years of age)

By virtue of an affidavit sworn before Executive Magistrate, Kaptipada, Udala , dated 31-07-2025 I, CHINMAYEE JENA ( new name), Address at-Raidandia P.O.-Udala, Dist-Mayurbhanj, Odisha (Complete Odisha address) declare that I have changed my name from CHINMAYEE MUKHI (old name) to CHINMAYEE JENA (new name) Henceforth, I shall be known as **CHINMAYEE JENA** (new name) for all purposes.

**AFFIDAVIT**

By virtue of an affidavit No. 7379, Dated 31.07.2025, before the Notary Public, Jeypore, Dist- Koraput, I, Subhrata Pattnayak declare that my actual name is Subhrata Pattnayak as per my C.H.S.E certificate, but my name is reflected as Subhadra Patnayak on my Aadhaar Card No. 3828 9918 9730. Hence, the Aadhaar card be corrected as **Subhrata Pattnayak.**

Sd/- Deponent

**AFFIDAVIT**

By virtue of an affidavit No.2885, Dtd.30.07.2025 sworn before the Executive Magistrate, Bhogarai I, Suniti Maity, W/o. Jitendra Nath Maity, At. Haripur, Po. Deulahat, Ps. Bhogarai, Dist. Balasore, Pin- 756036, Odisha renounce, relinquish and abandon the use of my daughter former name Prajnaya Pujita Maity (old name) instead of Pragya Pujita Maity (New name). Henceforth, she will be known as **Pragya Pujita Maity** for all purposes.

**AFFIDAVIT**

By virtue of an affidavit No.2878, Dtd.30.07.2025 sworn before the Executive Magistrate, Bhogarai I, Suryakanta Patra, S/o. Ananta Kumar Patra , At. Haripur , Po. Deulahat, Ps. Bhogarai, Dist. Balasore, Pin- 756036, Odisha declare that unfortunately my son name spelling as Manaj Kumar Patra instead of correct spelling Manoj Kumar Patra in his Adhar card no. 596195410470 . Henceforth, he will be known as **Manoj Kumar Patra** for all purposes.

**AFFIDAVIT**

Smt. Liril Maharana, W/O- Biranchi Kumar Maharana, Permanent residence of Village - Amalapada, Phulbani. Po- Phulbani, Ps-Phulbani Town, Dist-Kandhamal, Pin-762001, do hereby solemnly affirm & state that my actual name is Liril Maharana which are reflected in the birth certificate & other documents like Residence Certificate etc.But in my Aadhar Card no-3010 7988 3889 & Bank Pass Book my name has been wrongly mentioned as Lila Maharana instead of Liril Maharana. I declare by this affidavit that Liril Maharana & Lila Maharana is one & same person i.e. myself.

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

ରାଜକନିକା,୩।୮ (ସମିସ): ରାଜକନିକା ଥାନା ଅନ୍ତର୍ଗତ କାଳିସିପଡ଼ା ଗ୍ରାମର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ କେନ୍ଦୁସାହି (ନୂଆଗାଁ) ଗ୍ରାମର ଜଣେ ଯୁବକ ଅସଦାଚରଣ କରିଥିବା ଅଭିଯୋଗରେ ରାଜକନିକା ପୁଲିସ ଗିରଫ କରିଛି। ସୂଚନା ମୁତାବକ, ନହୁଣୀ ପଞ୍ଚାୟତ କେନ୍ଦୁସାହି ଗ୍ରାମର ସ୍ୱର୍ଗତ ହରିଶ୍ଚନ୍ଦ୍ର ନାୟକଙ୍କ ପୁଅ ହିମାଂଶୁ ନାୟକ ଓରଫ୍ ବାପି (୨୮) ଛାତ୍ରୀଙ୍କୁ କିଛିଦିନ ଧରି ସ୍କୁଲକୁ ଯିବାଆସିବା ବାଟରେ ହଇରାଣ କରିଆସୁଥିଲା। ଗତ ଜୁଲାଇ ୩୧ ତାରିଖ ଦିନ ଛାତ୍ରୀ ସ୍କୁଲ ଛୁଟି ପରେ ଘରକୁ ଫେରୁଥିବା ସମୟରେ କୋଠସାହି-ନହୁଲିଆ ରାସ୍ତାରେ ଏକୁଟିଆର ସୁଯୋଗ ନେଇ ବାପି ଛାତ୍ରୀଙ୍କ ସାଇକଲ ଆଗରେ ବାଇକ୍ ରଖି ଅଟକାଇ ପ୍ରେମ ନିବେଦନ କରିଥିଲା। ଏଥିରେ ବାଧା ଦେବାରୁ ବାପି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଟଣାଓଟରା କରିଥିବା ନେଇ ପୀଡ଼ିତା ରାଜକନିକା ଥାନରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଥାନାରେ ୪୦୧/୨୫ରେ ଏକ ମାମଲା ରୁଜୁ କରାଯାଇ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।



## ପ୍ରଶାସନ ଓ ଠିକାଦାରଙ୍କ ଖାମଖିଆଲ ନୀତି

# ମାଇନର୍ କେନାଲ ସଫା କାମ ଅଧା; ଚାଷୀ ହନ୍ତସନ୍ତ

ପଞ୍ଚୁପାଣ୍ଡବ,୩।୮ (ସମିସ):



ଡେରାବିଶ ତହସିଲ ଅଧୀନ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ବଜାର ମାଇନର କେନାଲ ସଫା କାମ ଅଧାପନ୍ତରିଆ ହୋଇଥିବା ଅଭିଯୋଗ ହୋଇଛି। ସପ୍ତାହେ ଧରି କେନାଲକୁ ପାଣି ଆସିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କେତେକ କେନାଲ ସଫା ହୋଇ ନ ଥିବା ଦେଖିବାକୁ ମିଳୁଛି। ପାଣି ଆସିବା ପୂର୍ବରୁ କେନାଲ ସଫା ନ କରି କେତେକ ଜାଗାରେ ପା ଣି ଆସିବା ପରେ ତରବରିଆ ଭାବେ ର ଠ କାମ କରି ସରକାରୀ ଅର୍ଥ ପ୍ରଶାସନିକ ଅଧିକାରୀ ଓ ଠିକାଦାର ହାରିଲୁଟ କରୁଥିବା ଅଭିଯୋଗ ହେଉଛି। ପଟ୍ଟାମୁଣ୍ଡାଇ କେନାଲର ୮ ନମ୍ବର୍ ବଜାର ମାଇନର କେନାଲ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି।

ଉକ୍ତ ବଜାର ମାଇନର କେନାଲ ପ୍ରତିବର୍ଷ ଏମିତି ପାଣି ଆସିଲା ପରେ କିଛି ଶ୍ରମିକଙ୍କୁ ଲଗାଇ ନିମ୍ନମାନର ଓ ଅଧାପନ୍ତରିଆ ସଫା କରି ଟଙ୍କାକୁ ହରିଲୁଟ୍ କରୁଥିବାବେଳେ ଚଳିତବର୍ଷ ବି ସମାନ ଅବସ୍ଥା ଦେଖିବାକୁ ମିଳୁଛି। ଏହି କେନାଲକୁ ସମ୍ପୂର୍ଣ୍ଣ ସଫା ନ କରି ଅଧା ସଫା କରିଥିବା ଅଭିଯୋଗ ହେଉଛି। ସମ୍ପୂର୍ଣ୍ଣ ସଫା ନ କରିବାରୁ ଶେଷ ମୁଣ୍ଡରେ ପାଣି ପହଞ୍ଚି ପାରୁ ନ ଥିବାବେଳେ ଚାଷ କରିବାରେ ଶହ ଶହ ଚାଷୀ ହଇରାଣ ହେଉଥିବା ଚାଷୀ ଅନାଦୀ ଚରଣ ବେହୁରା କହିଛନ୍ତି। କେନାଲର ଦୁଇ ପାଶ୍ୱର୍ରେ ଜଙ୍ଗଲ ହୋଇଥିବାବେଳେ ସେହି ଜାଗାରେ ସରୀସୃପ ରହୁଥିବା ଅଭିଯୋଗ ହେଉଛି। ଏହି କେନାଲକୁ ଜେସିବି ମେସିନ ସାହାଯ୍ୟରେ କେନାଲ ବନ୍ଧଠାରୁ ଶେଷ ମୁଣ୍ଡ ପର୍ଯ୍ୟନ୍ତ ସଫା କରିବା ପାଇଁ ଗ୍ରାମର କାଙ୍ଗାଳୀ ସେଠୀ, ବିଜୟ ଦାସ, ନିତ୍ୟାନନ୍ଦ ମଲିକ, ଶରତ ବେହେରା, ଶତ୍ରୁଘ୍ନ ସାହୁ, ରବୀନ୍ଦ୍ର ପରିଡ଼ା, ନିରଞ୍ଜନ ନାଥଶର୍ମା ଓ କିଶୋର କୁମାର ପରିଡ଼ା ଦାବି କରିଛନ୍ତି।

# ଗହୀରମଥାରୁ ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଗିରଫ



ରାଜନଗର,୩।୮ (ସମିସ): ଗହୀରମଥା ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବାବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୮ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ମହନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗ ପାଟ୍ରୋଲିଂ ଟିମ ଗହୀରମଥାର ବରୁଣେଇ ନିକଟରେ ନୁରାଣୀ-୧ ନାମକ ଟ୍ରଲରକୁ ଜବତ କରିଥିଲା। ଜବତ ଟ୍ରଲରରୁ ୩ କ୍ୱିଣ୍ଟାଲ ମାଛ, ଗୋଟିଏ ଜିପିଏସ, ଗୋଟିଏ ଭିଏଚଏଫ, ୮ ଟି ଜାଲ ଓ ଗୋଟିଏ ମୋବାଇଲ ଜବତ କରାଯାଇଛି। ଟ୍ରଲରରେ ଥିବା ମତ୍ସ୍ୟଜୀବୀ ରେହେମାନ ଅଲ୍ଲୀ ଖାନ, ଏସକେ ସୁଲତାନ, ସେକ ବାହିଦ, ସରୋଜ ହେମରମ, ଏସକେ ସୁଦାମ ହୁସେନ, ରବୀନ୍ଦ୍ର ଖିଲାର, ଦେବ ଖିଲାର, ବୁଧନ ମାରାଣ୍ଡି ପ୍ରମୁଖ ୮ ଜଣଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନ୍ ୧୯୭୨ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ମତ୍ସ୍ୟଜୀବୀ ବାଲେଶ୍ୱର ଜିଲ୍ଲାର ବୋଲି ଜଣାପଡ଼ିଛି।

# ଗଛ ଲଗାଇ ବନ୍ଧୁତା ଦିବସ ପାଳିତ




ଗରଦପୁର,୩।୮ (ସମିସ): ଆଜି ବିଶ୍ୱ ବନ୍ଧୁତା ଦିବସ। ପ୍ରତିବର୍ଷ ଅଗଷ୍ଟ ମାସ ପ୍ରଥମ ରବିବାର 'ବନ୍ଧୁତା ଦିବସ' ଭାବେ ପାଳନ କରାଯାଉଛି। ବନ୍ଧୁତା କେବଳ ମଣିଷମାନଙ୍କ ସହ ନୁହେଁ, ଗଛ ସହିତ ମଧ୍ୟ ହୋଇପାରେ। ଏହି ଉଦ୍ଦେଶ୍ୟରେ ବନ୍ଧୁତ୍ୱ ପାଇଁ ଗଛଟିଏ ନାରା ଦେଇ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ୍ ତଳକୁସୁମା ପଞ୍ଚାୟତର ତେନ୍ତୁଳ ମଣ୍ଡପଠାରେ ସଂକଳ୍ପ ସେବା ଫାଉଣ୍ଡେସନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପ୍ରଥମେ ତେନ୍ତୁଳ ମଣ୍ଡପ ପରିସରରୁ ଆରମ୍ଭ ହୋଇ ତେନ୍ତୁଳ କାଳୀ ମନ୍ଦିର, ସ୍କୁଲ, କୋରୁଆ ଅଗ୍ନିଶମ ବାହିନୀ କେନ୍ଦ୍ର, କୋରୁଆ ପୁଲିସ ଷ୍ଟେସନ, କୋରୁଆ ପଲ୍ଲିଶ୍ରୀ ମହିଳା ସମିତି ପରିସରରେ ଭିନ୍ନ ଭିନ୍ନ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନ କର୍ମକର୍ତ୍ତା ଶାଶ୍ୱତ ବିଶ୍ୱାଳ, ଆନନ୍ଦ ମହାପାତ୍ର, ବିଶାଳ ସ୍ୱାଇଁ, ବିଶ୍ୱଜିତ ସେଠୀ ପ୍ରମୁଖ ଉପସ୍ଥିତ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବନ୍ତଲା, ତଳକୁସୁମା ସରପଞ୍ଚ, ସମିତିସଭ୍ୟ ଯୋଗ ଦେଇଥିଲେ।

# ବିଇଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମାର୍ଶାଘାଇ,୩।୮ (ସମିସ): ମାର୍ଶାଘାଇ ନୋଡାଲ ହାଇସ୍କୁଲରେ ଶିକ୍ଷକ ସଙ୍ଘ ପକ୍ଷରୁ ଅବସରପ୍ରାପ୍ତ ବିଇଓ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ସଙ୍ଘ ବ୍ଲକ ଶାଖା ସଭାପତି ବିଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓସେପା ସହକାରୀ ନିର୍ଦ୍ଦେଶକ ତନ୍ମୟ କୁମାର ବେହେରା, କେନ୍ଦ୍ରାପଡ଼ା ବିଇଓ ନାରାୟଣ ପ୍ରସାଦ ମନ୍ତ୍ରୀ, ଓଷ୍ଟା ଜିଲ୍ଲା ସଭାପତି ଭଗବାନ ସାହୁ, ମାର୍ଶାଘାଇ ଏବିଇଓ ତଥା ବିଆରସିସି ସୁଶାନ୍ତ କୁମାର ବେଉରା, ଏବିଇଓ ହିରଣ୍ୟ କୁମାର ବାରିକ ପ୍ରମୁଖ ଯୋଗଦେଇ ସେବା ନିବୃତ୍ତ ବିଇଓ ଶ୍ରୀ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ମାର୍ଶାଘାଇ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅମରେଶ ମହାରାଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଲ୍ ଓଷ୍ଟା ଶିକ୍ଷକ ସଙ୍ଘ ସମ୍ପାଦକ ପ୍ରଦୀପ କୁମାର ଲେଙ୍କା, ଓପିଟିଏ ଲକ୍ଷ୍ମୀଧର ଲେଙ୍କା, ମାର୍ଶାଘାଇ ବ୍ଲକ୍ ନୋଡାଲ ପ୍ରଧାନଶିକ୍ଷକ ଗୋପୀନାଥ ବେହେରା, ମହାକାଳପଡ଼ା ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ରଘୁନାଥ ଦାସ, ଶିଳିପୁର ମଣିନାଗେଶ୍ୱର ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ, ଓଷ୍ଟା ସଙ୍ଘ ମାର୍ଶାଘାଇ ବ୍ଲକ ସମ୍ପାଦକ ପ୍ରସନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଜିଲ୍ଲା ଶାଖା ବୈଠକ

ଡେରାବିଶ,୩।୮ (ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ଚାନ୍ଦୋଳସ୍ଥ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ମୁଖ୍ୟ କାର୍ଯ୍ୟାଳୟରେ ସଂଘର କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର ଏକ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି କାମିନୀ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରମିକ ନେତା ଅଶୋକ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କ ଥିବା ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ବିଷୟରେ ଆଲୋକପାତ କରିଥିଲେ। ୪ ବର୍ଷ ଧରି କେତେକ ଶ୍ରମିକ ସେମାନଙ୍କ ପରିଚୟ ପତ୍ର ପାଇବା ନିମନ୍ତେ କାର୍ଯ୍ୟାଳୟରେ ଆବେଦନ କରିଥିଲେ ମଧ୍ୟ ଅଦ୍ୟାବଧି ଦିଆଯାଉ ନ ଥିବାରୁ ଶ୍ରୀ ତ୍ରିପାଠୀ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହିତ କୋଭିଡ୍ ସମୟରୁ ଶ୍ରମିକଙ୍କ ପିଲାଙ୍କ ପାଠପଢ଼ା ସହାୟତା ଦରଖାସ୍ତ, ଶହ ଶହ ଝିଅ ବିବାହ ସହାୟତା ଦରଖାସ୍ତ, ଶ୍ରମିକଙ୍କୁ ମୃତ୍ୟୁକାଳୀନ ସହାୟତା ଇତ୍ୟାଦି ଆବେଦନ ଶ୍ରମ କାର୍ଯ୍ୟାଳୟରେ ପଡ଼ିରହିଥିବା ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ଶ୍ରମିକଙ୍କ ଏସବୁ ସମସ୍ୟାର ସମାଧାନ କରିବା ପାଇଁ ଆଉଥରେ ସଂଘ ପକ୍ଷରୁ ଶ୍ରମ କାର୍ଯ୍ୟାଳୟର ଅଧିକାରୀଙ୍କୁ ଭେଟି ତାଙ୍କ ସହିତ ସମାଧାନ ପାଇଁ ଆଲୋଚନା କରାଯିବ। ଏହା ଫଳବତୀ ନହେଲେ ନିର୍ମାଣ ଶ୍ରମିକ ଧର୍ମଘଟ କରିବାକୁ ବାଧ୍ୟ ହେବେ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାହାଲି ଟୁଡୁ, ସେକ ରିଆଜୁଦ୍ଦିନ, ନିତ୍ୟାନନ୍ଦ ସାମଲ, ପ୍ରଦୀପ୍ତ ସାମଲ, ହରେକୃଷ୍ଣ ମାହାଳି, ଧିରେନ ସାହୁ, ଖଗେଶ୍ୱର ପ୍ରଧାନ, ମହେଶ୍ୱର ପ୍ରଧାନ ଓ କାର୍ତ୍ତିକ ବେହେରା ପ୍ରମୁଖ ଶ୍ରୀ ତ୍ରିପାଠୀଙ୍କ ବକ୍ତବ୍ୟକୁ ସମର୍ଥନ କରିଥିଲେ। ଶରତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।



# ବନ୍ଧୁତ୍ୱ ଦିବସରେ ଚାରାରୋପଣ

ପଟ୍ଟାମୁଣ୍ଡାଇ,୩।୮ (ସମିସ): ଆନ୍ତର୍ଜାତିକ ବନ୍ଧୁତ୍ୱ ଦିବସ ଅବସରରେ ପଟ୍ଟାମୁଣ୍ଡାଇ ଏମ୍ଏନ ହାଇସ୍କୁଲ ୧୯୮୬ ବ୍ୟାଚ୍ ଛାତ୍ର ପରିବେଶ ସୁରକ୍ଷା ପାଇଁ ଚାରାରୋପଣ କରିଥିଲେ। ସଞ୍ଜୀବ କର, ଗୋପୀନାଥ ତ୍ରିପାଠୀ, ମନୋରଞ୍ଜନ ଦାଶ, ଡମ୍ବରୁ ରାଉତ, ସୁଶାନ୍ତ ନାୟକ, ତ୍ରିଲୋଚନ ନାୟକ, ରମେଶ ଚନ୍ଦ୍ର ଦାସ, ଶତ୍ରୁଘ୍ନ ସାହୁ ପ୍ରମୁଖ ଯୋଗଦେଇ ଏମ୍ଏନ ହାଇସ୍କୁଲ ପରିସରରେ ବୃକ୍ଷରୋପଣ କରିଥିଲେ।



# ଯୁବକଙ୍କ ଚିକିତ୍ସା ପାଇଁ ଅର୍ଥ ଅଭାବ



କୁଜଙ୍ଗ,୩।୮ (ସମିସ): କୁଜଙ୍ଗ ବ୍ଲକ୍ ସାଇଲୋ ପଞ୍ଚାୟତ ଛୋଟିବର ଗ୍ରାମର ସୁଧୀର କୁମାର ସାହୁ (୪୫) ଏବେ ଜଟିଳ ଡିଭିଟି ରୋଗରେ ଜୀବନ ସହ ଜୁଝି ହେଉଛନ୍ତି। ସେ ୭ ବର୍ଷ ଧରି ଏହି ରୋଗରେ ପୀଡ଼ିତ ହୋଇ ଚିକିତ୍ସା ପାଇଁ ବହୁ ଅର୍ଥ ଖର୍ଚ୍ଚ କରି ନିସ୍ୱ ହୋଇଯାଇଛନ୍ତି। ଏବେ ଚିକିତ୍ସା ପାଇଁ ଅର୍ଥ ନାହିଁ। ସୁଧୀର କୁଜଙ୍ଗ ଓ ରାହାମାରେ ବେସରକାରୀ ଭାବେ ମେଡିସିନ ଷ୍ଟୋରରେ କର୍ମଚାରୀ ଭାବେ କାମ କରୁଥିଲେ। ସାତବର୍ଷ ପୂର୍ବେ ଡିଭିଟି ରୋଗରେ ପୀଡ଼ିତ ହୋଇଥିଲେ। ଗୋଡ ଶିରା ଖରାପ ହେବା ସହ ଘା' ହେଉଥିବା ଯୋଗୁଁ କାମ କରିପାରୁନାହାନ୍ତି। ପରିବାର କହିଲେ ମାଟ୍ରିକ ପଢୁଥିବା ପୁଅ ଶୁଭମ ସୌମ୍ୟରଞ୍ଜନ ଓ ପତ୍ନୀ ପ୍ରତୀମା ସାହୁ। ହସଖୁସିରେ ଚଳୁଥିବା ଏହି ପରିବାର ଏବେ ରୋଗର ଚିକିତ୍ସାରେ ସର୍ବସ୍ୱ ହରାଇ ନିସ୍ୱ ହୋଇଯାଇଛନ୍ତି। ଏଏମ୍ସ ଓ ଅନ୍ୟାନ୍ୟ ବେସରକାରୀ ଡାକ୍ତରଖାନାରେ ୨୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରିସାରିଲେଣି। ଆୟୁଷ୍ମାନ ଯୋଜନାରେ କାର୍ଡ ଟଙ୍କା ସରିଯାଇଥିବାବେଳେ ଏବେ ପୁଣି ଚିକିତ୍ସା ପାଇଁ ଚିନ୍ତାରେ ଭାଙ୍ଗିପଡିଛନ୍ତି ସୁଧୀର। ତାଙ୍କୁ ସରକାରୀ ଓ ବେସରକାରୀ ସଂଗଠନ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ସାଇଲୋ ସରପଞ୍ଚ ସରୋଜ କୁମାର ସେଠୀ ଓ ପୋତାନଇ ସରପଞ୍ଚ ବଜ୍ରକିଶୋର ମହାରାଜ ପ୍ରମୁଖ ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ନୀଳକଣ୍ଠେଶ୍ୱର ଉଚ୍ଚବିଦ୍ୟାଳୟରେ ପଢ଼ାଇଲେ ବିଡିଓ

ରାଜନଗର,୩।୮ (ସମିସ): ରାଜନଗର ବ୍ଲକର ଆଦର୍ଶ ବିଦ୍ୟାଳୟ ମହୁଲିଆ ପଞ୍ଚାୟତର ବାଘତୈଳାଠାରେ ନିର୍ମାଣାଧୀନ ରହିଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକ ଆଦର୍ଶ ବିଦ୍ୟାଳୟର ଶିକ୍ଷାଦାନ ହେଉଥିବା ରାଜନଗର ହାଇସ୍କୁଲରେ କିଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତାହା ପ୍ରକାଶ କରିବା ସହ ନିର୍ମାଣହୋଇଥିବା ଆଦର୍ଶ ବିଦ୍ୟାଳୟ ଗୃହ କାର୍ଯ୍ୟ ଶେଷ କରି ତୁରନ୍ତ ସେଠାରେ ପାଠପଢା ବ୍ୟବସ୍ଥା ପାଇଁ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଛାତ୍ରଛାତ୍ରୀଙ୍କ ଦାବି ପ୍ରତି ସହାନୁଭୂତିଶୀଳ ହୋଇ ଜିଲ୍ଲାପାଳ ରଘୁରାମ ଆର ଆୟାର ରାଜନଗର ବ୍ଲକ ଭାରପ୍ରାପ୍ତ ବିଡିଓ ଅନିରୁଦ୍ଧ ବେହେରାଙ୍କୁ ବିଦ୍ୟାଳୟରେ ନିର୍ମାଣ ହୋଇଥିବା ଭିତ୍ତିଭୂମି, ସେଠାରେ ନିର୍ମାଣ ସରିଥିବା ଶ୍ରେଣୀଗୃହ ସଂଖ୍ୟା ଆଦି ତନଖି କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ବିଡିଓ ଶ୍ରୀ ବେହେରା ଆଦର୍ଶ ବିଦ୍ୟାଳୟର ନିର୍ମାଣସ୍ଥଳ ପରିଦର୍ଶନ କରିଥିଲେ। ଏହି ଅବସରରେ ନିକଟରେ ଥିବା ନୀଳକଣ୍ଠେଶ୍ୱର ଉଚ୍ଚବିଦ୍ୟାଳୟ, ରାଜଗଡ-ବାଘତୈଳା ପରିସରକୁ ପ୍ରବେଶ କରିଥିଲେ। ବିଡିଓ ଶ୍ରୀ ବେହେରାଙ୍କ ଅକସ୍ମାତ ପ୍ରବେଶ ଯୋଗୁଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ବିଡିଓ ଶ୍ରୀ ବେହେରା ପିଲାଙ୍କ ଆଗ୍ରହକୁ ଦେଖି ନବମ ଶ୍ରେଣୀ କକ୍ଷରେ ପ୍ରବେଶ କରି ସେମାନଙ୍କୁ ଇଂରାଜୀ ବ୍ୟାକରଣ ପଚାରିବା ସହ ସେମାନଙ୍କୁ ପଢାଇଥିଲେ। ପରେ ଦଶମ ଶ୍ରେଣୀ ଗୃହକୁ ଯାଇ ଛାତ୍ରଛାତ୍ରୀଙ୍କୁ ଓଡ଼ିଆରୁ ଇଂରାଜୀ ଅନୁବାଦ ପଚାରିଥିଲେ। ସେମାନଙ୍କୁ ଅନୁବାଦ ସମ୍ପର୍କରେ ଧାରଣା ଦେବା ସହ କିଛି ସମୟ ପଢାଇଥିଲେ। ବିଡିଓ ଶ୍ରୀ ବେହେରା ପଢାଉଥିବା ସମୟରେ ଛାତ୍ରଛାତ୍ରୀ ଏକାଗ୍ରତାର ସହ ବିଦ୍ୟାଧ୍ୟୟନ କରୁଥିଲେ। ଶ୍ରୀ ବେହେରାଙ୍କ ଶିକ୍ଷାଦାନକୁ ସାଧାରଣରେ ପ୍ରଶଂସା କରାଯାଉଥିବା ପରିଲକ୍ଷିତ ହୋଇଥିଲା।



# ଜନଶକ୍ତି ପାର୍ଟି ପକ୍ଷରୁ ରିଲିଫ୍ ବଣ୍ଟନ

ପଟ୍ଟାମୁଣ୍ଡାଇ,୩।୮ (ସମିସ): ଜନଶକ୍ତି ପାର୍ଟି ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ତରଡ଼ିପାଳ ପଞ୍ଚାୟତର ତରଡ଼ିପାଳ ମହାଦେବ ମଲିକସାହିଠାରେ ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ କରାଯାଇଛି। ଜନଶକ୍ତି ପାର୍ଟି ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ ଦାଶଙ୍କ ନେତୃତ୍ୱରେ ଶରତ ସାହୁ, ଧନେଶ୍ୱର ଦାସ, ଗୌତମ ବେହେରା, ବସନ୍ତ ଦାସ, ଶରତ ଖୁଣ୍ଟିଆ, ମନ୍ମଥ ସାହୁ, ଦୟାନିଧି ବେହେରା ପ୍ରମୁଖ ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏଥିସହିତ ଜନଶକ୍ତି ପାର୍ଟି ନେତା ଧୋୟାଞ୍ଚଳର ବିଭିନ୍ନ ବନ୍ୟା ବିପନ୍ନ ପଞ୍ଚାୟତ ପରିଦର୍ଶନ କରିଥିଲେ। ବିପନ୍ନଙ୍କୁ ସମସ୍ତ ସହାୟତା ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ଋଣ ଛାଡ଼ କରିବାକୁ ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି।

# କୁଜଙ୍ଗ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

କୁଜଙ୍ଗ,୩।୮ (ସମିସ): କୁଜଙ୍ଗ ମହାବିଦ୍ୟାଳୟରେ ଆଜି ବଡ଼ବାବୁ ରୂପେ ଯୋଗଦେଇଥିବା କୈଳସ ଚନ୍ଦ୍ର ପାଣିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ପାଣି ଜଗତସିଂହପୁରର ସ୍ୱୟଂଶାସିତ ମହାବିଦ୍ୟାଳୟରେ ବରିଷ୍ଠ କିରାଣି ରୂପେ ସଫଳତାର ସହ କାମ କରି ପଦୋନ୍ନତି ପାଇ କୁଜଙ୍ଗରେ ଯୋଗ ଦେଇଛନ୍ତି। ଏ ଅବସରରେ ମହାବିଦ୍ୟାଳୟର ଅଧକ୍ଷ ଶିଶିର ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ପ୍ରଶାସନିକ ଅଧିକାରୀ ତଥା ବରିଷ୍ଠ ଇଂରାଜୀ ଅଧ୍ୟାପକ ଚିତ୍ତରଞ୍ଜନ ସାହୁ, ଡଃ ସସ୍ମିତା ସାହୁ, ଡଃ ଶୁଭଲକ୍ଷ୍ମୀ ମହାନ୍ତି, ଇତିଶ୍ରୀ ଦାସ, ସଲୋମନ ସାହୁ, ଅଜୟ କୁମାର ରାଉତ, ଡଃ ଅନୁପମା ସୂତାର ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ରମାକାନ୍ତ ଖଟୁଆ, ଅଜୟ କୁମାର ମହାନ୍ତି, ହରେକୃଷ୍ଣ ରାଉତ ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।


# ପାରାଦୀପଗଡ଼ ପଞ୍ଚାୟତରେ ଡେଙ୍ଗୁ ଓ ମେଲେରିଆ ସଚେତନତା ଶିବିର



ପାରାଦୀପ,୩।୮ (ସମିସ): ଆର୍ସେଲର ମିତ୍ତଲ ଓ ନିପ୍ପନ ଷ୍ଟିଲ ସହାୟତାରେ ପାରାଦୀପଗଡ ପଞ୍ଚାୟତରେ ଡେଙ୍ଗୁ ଓ ମେଲେରିଆ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଉକ୍ତ ଶିବିରରେ ଆର୍ସେଲର ମିତ୍ତଲ୍ ଓ ନିପ୍ପନ ଷ୍ଟିଲର ଡାକ୍ତର ନିରଞ୍ଜନ ଦ୍ୱିବେଦୀ ଯୋଗଦେଇ ଡେଙ୍ଗୁ ଓ ମେଲେରିଆ ରୋଗର ଉତ୍ପତ୍ତି ଓ ଏହାର ନିରାକରଣ ସମ୍ପର୍କରେ ସଚେତନତା କରାଇଥିଲେ। ମୁଖ୍ୟଅତିଥି ଭାବେ ଆଇନଜୀବୀ ସଞ୍ଜୟ ବେହେରା ଯୋଗଦେଇ ନିଜ ପରିବେଶ ନିଜେ ପରିଷ୍କାର ରଖିବା, ବାଡ଼ି ବଗିଚାରେ ପାଣି ଜମିବାକୁ ଦେବାନି, ନାଳ ନର୍ଦ୍ଦମା ସଫା ରଖିବା, ଦିନ ହେଉ କି ରାତି ସବୁବେଳେ ମଶାରୀ ବ୍ୟବହାର କରିବା ଓ ପୂର୍ଣ୍ଣ ପୋଷାକ ପରିଧାନ କରିବା ସମ୍ପର୍କରେ ସଚେତନତା କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ସିଏସ୍ଆର୍ କ୍ୟାମ୍ପ କୋଅଡିନେଟର ପ୍ରସନ୍ନ ଦାସ, ସଂଯୁକ୍ତା ନାୟକ, କାମିନୀ ସ୍ୱାଇଁ, ଅର୍ଚ୍ଚନା ସ୍ୱାଇଁ ଉପସ୍ଥିତ ଥିଲେ। ପଞ୍ଚାୟତ ପକ୍ଷରୁ ଅଲେଖ ମହାରଥା, ରମେଶ ବେହେରା, ପ୍ରଭାତ ସାହୁ, ରାକେଶ ମଙ୍ଗରାଜ, ମିନାକ୍ଷୀ ସ୍ୱାଇଁ, କଳ୍ପନା ପରିଡ଼ା ପ୍ରମୁଖ ଯୋଗଦେଇ ଦେଇଥିଲେ।

# ପଟ୍ଟାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ ଚାରାରୋପଣ

ପଟ୍ଟାମୁଣ୍ଡାଇ,୩।୮ (ସମିସ): ପଟ୍ଟାମୁଣ୍ଡାଇ କୋର୍ଟ ଓକିଲ ସଂଘ ପକ୍ଷରୁ ବନ ମହୋତ୍ସବ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌରାଞ୍ଚଳର ୧୯ ନଂ ୱାର୍ଡ ବେଲେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ଆଇନଜୀବୀ ସୂର୍ଯ୍ୟରଞ୍ଜନ ରାଉଳ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଦୌରାଜଜ ବିଦ୍ୟାଧର ପୃଷ୍ଟି, ସବଜଜ ଅପୂର୍ବା ମହାନ୍ତି, ଜେଏମଏଫସି ବିଦ୍ୟୁତଲତା ପ୍ରଧାନ ଓ ଡି.କେ ବାଲକୃଷ୍ଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର ଦାଶ, ଉପସଭାପତି ସୁରେଶ ନରେନ୍ଦ୍ର, ଯୁଗ୍ମସମ୍ପାଦକ ମନୋଜ ନାୟକ, ପ୍ରକାଶ ପାତ୍ର, ପ୍ରମୋଦ ବିଶ୍ୱାଳ, ବରିଷ୍ଠ ଆଇନଜୀବୀ ବିଜୟ ରାଉତ, ଗୋପୀନାଥ ତ୍ରିପାଠୀ, ଅଶ୍ୱିନୀ ବେହେରା, ଧୀରେନ୍ଦ୍ର ସାହୁ, ପ୍ରମୋଦ ସାହୁ, ଭବାନୀ ପଣ୍ଡା, ଜିତେନ୍ଦ୍ର ନନ୍ଦୀ, ସତ୍ୟପ୍ରକାଶ ନାୟକ, ଗୟାଚନ୍ଦ ପରିଡା, କାଉନସିଲର ଗୋପୀବଲ୍ଲଭ ନାୟକ, ବେଲତଳ ଗ୍ରାମ ମୁରବୀ ଉମାବଲ୍ଲଭ ନାୟକ ଓ କବି ଗୌରାଙ୍ଗ ମହାନ୍ତି ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ସମ୍ପ୍ରତି ବିଶ୍ୱ ମାନବ ସମାଜ ଜଳବାୟୁ ପରିବର୍ତ୍ତନ ହେତୁ ସଙ୍କଟ ପରିସ୍ଥିତି ଦେଇ ଗତି କରୁଛି। ଏହି ସଙ୍କଟକୁ ଦୂର କରିବା ପାଇଁ ଗଛ ଲଗାଇବା ଅତ୍ୟନ୍ତ ଜରୁରୀ ହୋଇପଡିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ମନ୍ଦିର ପ୍ରାଙ୍ଗଣରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ।



# ମରଣଯନ୍ତା ପାଲଟିଛି କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତା

ଡେରାବିଶ, ୩।୮ (ସମିସ):



ଡେରାବିଶ ବ୍ଲକ୍ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା କଲେଜ ଛକଠାରୁ ଗୋଲରାହାଟ ପଞ୍ଚାୟତର ଗୋଲରାହାଟ ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାଟି ବ୍ଲକ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଡେରାବିଶ ବ୍ଲକ୍, ଡେରାବିଶ ଶିକ୍ଷା ବିଭାଗ କାର୍ଯ୍ୟାଳୟ, ଜିଲ୍ଲା ଉଦ୍ୟାନ କୃଷି କାର୍ଯ୍ୟାଳୟ, ବ୍ଲକ୍ କୃଷି କାର୍ଯ୍ୟାଳୟ, ତହସିଲ, ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥା'ନ୍ତି। ଏଥିସହ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ହଜାର ହଜାର ଛାତ୍ରଛାତ୍ରୀ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାତାୟାତ କରନ୍ତି। ଏହି ରାସ୍ତାଟି ଗୁଆଳସିଂ, କୁଶିଆପାଳ, କାଉପଡ଼ା, ଚାଟରାଚକଡ଼ା ଓ ଗୋଲରାହାଟ ପ୍ରମୁଖ ୫ଟି ପଞ୍ଚାୟତକୁ ସଂଯୋଗ କରିଥିବାରୁ ଏହି ପଞ୍ଚାୟତର ଜନସାଧାରଣ ଜିଲ୍ଲା ମୁଖ୍ୟାଳୟକୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ତେବେ ଏହି ରାସ୍ତାଟି ଦୀର୍ଘଦିନ ଧରି ମରାମତି ଅଭାବରୁ ଏବେ ମରଣଯନ୍ତା ପାଲଟିଛି। ବିଶେଷକରି କେନ୍ଦ୍ରାପଡ଼ା କଲେଜ ଛକରୁ ଜାତୀୟ ରାଜପଥର ଅଁଳାବାଙ୍କ ପର୍ଯ୍ୟନ୍ତ ପାଖାପାଖି ୪ କିଲୋମିଟର ରାସ୍ତାରେ ୪୦୦୦ରୁ ଅଧିକ ଗାଡ଼ ସୃଷ୍ଟି ହୋଇଛି। ଦୈନିକ ଏହି ଖାଲଖମା ଯୋଗୁଁ ନାନାଦି ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ତୁରନ୍ତ ଏହି ରାସ୍ତାକୁ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


## ପରକୀୟା ପ୍ରୀତି ଧରାପଡ଼ିବା ପରେ...

# ସ୍ୱାମୀଙ୍କୁ ଛାଡ଼ି ପ୍ରେମିକକୁ ବିବାହ କଲେ

ଭୁବନ,୩।୮ (ସମିସ): ଚୋରା ପୀରତି କାହା ପାଇଁ ମଜା ତ କାହା ପାଇଁ ସଜା। ଜଣେ ବିବାହିତା ମହିଳା ଓ ଯୁବକ ଚୋରା ପୀରତିରେ ଲିପ୍ତ ଥିବାବେଳେ ଧରିଦେଲେ ଗ୍ରାମବାସୀ। ଅନ୍ୟ ଉପାୟ ନ ପାଇ ବାଧହୋଇ ଦୁଇ ଛୁଆର ମା' ହାତରୁ ଶଙ୍ଖା କାଢ଼ିଲେ, ମଥାରୁ ସିନ୍ଦୂର ପୋଛିଲେ। ବାହୁରୁ ବ୍ରତ କାଢ଼ି ସ୍ୱାମୀ ହାତକୁ ଦେଲେ। ପରେ ପ୍ରେମିକ ହାତରୁ ଶଙ୍ଖା, ସିନ୍ଦୂର ନେଇ ତାଙ୍କୁ ବିବାହ କଲେ। ଢେଙ୍କାନାଳ ଓ ଯାଜପୁର ଜିଲ୍ଲା ସୀମାନ୍ତ ଓଡ଼ିଶ ପଞ୍ଚାୟତ ବଡ଼କାଠିଆ ଗ୍ରାମରେ ଏହି ଘଟଣା ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ବଡ଼କାଠିଆ ଗ୍ରାମର ଏହି ବିବାହିତା ମହିଳାଙ୍କ ଘରକୁ ରାତିଅଧରେ ଆସିଥିଲେ କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳର ଜଣେ ବିବାହିତ ଯୁବକ। ଗ୍ରାମବାସୀ ଦୁହିଁଙ୍କୁ ଧରିଦେଇଥିଲେ। ମହିଳାଙ୍କ ସ୍ୱାମୀ ଯେଉଁ କମ୍ପାନୀରେ ଡ୍ରାଇଭର୍ କାମ କରନ୍ତି ଯୁବକ ଜଣକ ସେହି କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଅଛନ୍ତି। ଏହି ସୁଯୋଗରେ ଯୁବକ ଜଣକ ମହିଳାଙ୍କ ଘରକୁ ରାତିରେ ଆସୁଥିଲେ। ତେବେ ଶନିବାର ରାତିରେ ଉଭୟଙ୍କୁ ଗ୍ରାମବାସୀ ଧରିଦେଇଥିଲେ।

# ନିଖୋଜ ଯୁବକଙ୍କ କଙ୍କାଳ ଉଦ୍ଧାର

ପରଜଙ୍ଗ,୩।୮ (ସମିସ)



ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଆଖୁଆପାଳ ପଞ୍ଚାୟତ ବିଶାନାଳି ଗ୍ରାମ ଖଳିନାଳ ଜଙ୍ଗଲରୁ ପୁଲିସ ଜଣେ ବ୍ୟକ୍ତିଙ୍କ କଙ୍କାଳ ଉଦ୍ଧାର କରିଛି। ଏହି କଙ୍କାଳ ପ୍ରାୟ ୧ ମାସ ତଳେ ନିଖୋଜ ଥିବା ଅନୁଗୋଳ ଜିଲ୍ଲା ତାଳଚେର ଗୋଡ଼ିବନ୍ଧ ଗୁରୁଜାଙ୍ଗ ଗ୍ରାମର ଭ୍ରମର ଦେହୁରୀଙ୍କ ପୁଅ ରୁଦ୍ର ଦେହୁରୀ (୨୫)ଙ୍କର ବୋଲି କୁହାଯାଉଛି। ଜଙ୍ଗଲରେ କଙ୍କାଳ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ କଙ୍କାଳ ଉଦ୍ଧାରକରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବିଶାନାଳି ଗ୍ରାମରେ ରୁଦ୍ରଙ୍କ ଭଉଣୀ ଘର। ସେହି ଗାଁରେ ଜଣେ ବ୍ୟକ୍ତିଙ୍କ କୁକୁଡ଼ା ଫାର୍ମରେ ରହି ରୁଦ୍ର କାମ କରୁଥିଲେ। ହେଲେ ଗତ ୧ ମାସ ହେଲା ସେ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କ ସନ୍ଧାନ ନ ପାଇବାରୁ ଦଦରାଘାଟି ଫାଣ୍ଡିରେ ଅଭିଯୋଗ କରିଥିଲେ। ରବିବାର କଙ୍କାଳ ମିଳିବା ପରେ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଏକ ଗଛରେ ବନ୍ଧା ଯାଇଥିବା ଗାମୁଛା ଓ ପିନ୍ଧିଥିବା ବସ୍ତ୍ରରୁ କଙ୍କାଳଟି ରୁଦ୍ରଙ୍କର ବୋଲି ଚିହ୍ନଟ କରିଛନ୍ତି। ତେବେ ରୁଦ୍ରଙ୍କ ମୃତ୍ୟୁ କିପରି ହେଲା ତାହା ସ୍ପଷ୍ଟ ହୋଇନାହିଁ। ଫୋରେନସିକ ଲ୍ୟାବ୍‌ରେ କଙ୍କାଳର ପରୀକ୍ଷାନିରୀକ୍ଷା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କୁହାଯାଉଛି।

# ମହିଳାଙ୍କ ମୃତଦେହ ଉଦ୍ଧାର

## ହତ୍ୟା ଅଭିଯୋଗ

ଭୁବନ,୩।୮ (ସମିସ): ଆଜକୁ ସାତ ବର୍ଷ ପୂର୍ବେ ପ୍ରେମକରି ବିବାହ କରିଥିଲେ। କିନ୍ତୁ ରବିବାର ଘରୁ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଭୁବନ ଥାନା ଆଦିପୁରା ଗ୍ରାମରେ ଏହି ଘଟଣା ଘଟିଛି।



ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ସ୍ୱର୍ଗତ ରାମଚନ୍ଦ୍ର ସାହୁଙ୍କ ପୁଅ ସତ୍ୟରଞ୍ଜନ ସାହୁ ୭ ବର୍ଷ ପୂର୍ବେ ବନିତା ବେହେରାଙ୍କୁ ପ୍ରେମବିବାହ କରିଥିଲେ। ଏବେ ତାଙ୍କର ଏକ ୫ ବର୍ଷର ଝିଅ ଅଛି। ସତ୍ୟରଞ୍ଜନ ବାହାରେ ରହି କାମ କରୁଥିଲେ। ବନିତା ଅନ୍ୟ ଜାତିର ହୋଇଥିବାରୁ ଶାଶୂ, ଦିଅର ଓ ନଣନ୍ଦ ତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ତେବେ ବନିତା ବେକରେ ରଶି ଲଗାଇ ଆମ୍ହତ୍ୟା କରିଥିବା ଶନିବାର ରାତି ପ୍ରାୟ ୧ଟାରେ ସତ୍ୟରଞ୍ଜନ ଝିଅ ଘରକୁ ଖବର ଦେଇଥିଲେ। ସକାଳେ ବନିତାଙ୍କ ବାପଘର ଲୋକେ ପହଞ୍ଚି ମୃତଦେହକୁ ତଳେ ଶୁଆଇ ଦିଆଯାଇଥିବା ଦେଖିଥିଲେ। ତେବେ ଏହା ଆମ୍ହତ୍ୟା ନୁହେଁ ବରଂ ଶାଶୂ, ଦିଅର ଓ ନଣନ୍ଦ ବନିତାଙ୍କୁ ହତ୍ୟାକରି ଟାଙ୍ଗି ଦେଇଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି। ଖବର ପାଇ ଭୁବନ ଥାନା ପୁଲିସ ମୃତଦେହ ଜବତ କରି ଛାନଭିନ ଚଳାଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକେଙ୍କୁ ହସ୍ତାନ୍ତର କରାଯାଇଛି।

# ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ପ୍ରାକ୍ତନ ସାଂସଦ



ଖଜୁରିଆକଟା,୩।୮ (ସମିସ): ଶୁକ୍ରବାର ସନ୍ଧ୍ୟାରେ ନିଜ ଚାଷଜମିକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ ହିନ୍ଦୋଳ ବ୍ଲକ ଟାଙ୍ଗିଶାଳ ଗ୍ରାମର ସୁଧାକର ସାମଲ। ହାତୀ ଅତି ବୀଭତ୍ସ ଭାବେ ସୁଧାକରଙ୍କ ମୁଣ୍ଡଗଣ୍ଠି ଅଲଗା କରିଦେଇଥିଲା। ଖବର ପାଇ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ରବିବାର ଟାଙ୍ଗିଶାଳ ଗ୍ରାମକୁ ଯାଇ ସୁଧାକରଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ତାଙ୍କ ସହ ରାଜ୍ୟ ଯୁବ ବିଜେଡି ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ପ୍ରଶାନ୍ତ ଦାସ, ମାହାଲୁଣ୍ଡାର ଯୁବନେତା ବାପି ଆଚାର୍ଯ୍ୟ, ପପୁ ସାହୁ ପ୍ରମୁଖ ମୃତକଙ୍କ ପରିବାରକୁ ଭେଟିଥିଲେ। ହିନ୍ଦୋଳରେ ବାରମ୍ବାର ହାତୀ ଉତ୍ପାତରେ ଧନଜୀବନ ନଷ୍ଟ ହେଉଥିବାରୁ ପୂର୍ବତନ ସାଂସଦ ସାହୁ ସରକାର ଓ ସ୍ଥାନୀୟ ପ୍ରଶାସନ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

# ହାତୀ ଗାଁମୁହାଁ ନ ହେବା ପାଇଁ ସୃଷ୍ଟି କରାଯିବ ତାଳବଣ

## ଯୁବ ସମାଜସେବୀ ଓ ଯାଦୁକରଙ୍କ ନିଆରା ପ୍ରୟାସ

ଖଜୁରିଆକଟା,୩।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳରେ ଦିନକୁ ଦିନ ହାତୀ ଆକ୍ରମଣଜନିତ ମୃତ୍ୟୁସଂଖ୍ୟା ବଢ଼ି ଚାଲିଛି। ଫଳରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ ଗତ ତିନି ବର୍ଷରେ ଢେଙ୍କାନାଳ ଜିଲ୍ଲାରେ ହାତୀ ଆକ୍ରମଣରେ ୧୦୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଏହାର ୫୦ ପ୍ରତିଶତ ଲୋକ ହିନ୍ଦୋଳ ଅଞ୍ଚଳର। ପରିସ୍ଥିତି ଏମିତି ହେଇଛି ଯେ ଘରୁ ଗୋଡ଼ କାଢ଼ିବା ମାତ୍ରେ ହିଁ ବିପଦ। ହିନ୍ଦୋଳ ବାନାଞ୍ଚଳରେ ୨୦୦ରୁ ଅଧିକ ହାତୀ ଚଳପ୍ରଚଳ କରୁଥିବା ବେଳେ ସନ୍ଧ୍ୟା ହେଲେ ଗାଁମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି କରିବା ସହ ଲୋକଙ୍କୁ ମାରୁଛନ୍ତି। ଜଙ୍ଗଲରେ ଖାଦ୍ୟାଭାବ ଯୋଗୁଁ ହାତୀମାନେ ଗ୍ରାମାଭିମୁଖୀ ହେଉଛନ୍ତି। ତେବେ ହାତୀମାନଙ୍କ ଖାଦ୍ୟାଭାବକୁ ଦୂର କରିବା ପାଇଁ ତାଳ ଜଙ୍ଗଲ ସୃଷ୍ଟି କରିବା ଲକ୍ଷ୍ୟରେ ହିନ୍ଦୋଳ ଉପଖଣ୍ଡ ଗୁଳେହି ପଞ୍ଚାୟତ ବଙ୍ଗୁ ଗ୍ରାମର ଯାଦୁକର ବିମଳ ବିଶ୍ୱାଳ ଓ ଯୁବ ସମାଜସେବୀ ତଥା ସାମ୍ବାଦିକ ପ୍ରଶାନ୍ତ ଜେନାମଣି ନିଜସ୍ୱ ଉଦ୍ୟମରେ ରବିବାର ବଙ୍ଗୁ ଗ୍ରାମ୍ୟ ଜଙ୍ଗଲରେ ତାଳ ଟାଙ୍କୁଆ ପୋତିବା କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଅବସରରେ ପ୍ରାୟ ୭୦୦ ତାଳ ଟାଙ୍କୁଆ ପୋତାଯାଇଛି। ଏଥିସହ ଜନସାଧାରଣ ମଧ୍ୟ ଏହି କାର୍ଯ୍ୟ ଜାରି ରଖିବା ପାଇଁ ଉଭୟ ଅନୁରୋଧ କରିଛନ୍ତି। ଜଙ୍ଗଲରେ ଅଧିକରୁ ଅଧିକ ତାଳଗଛ ରହିଲେ ହାତୀଙ୍କ ଖାଦ୍ୟାଭାବ କେତେକାଂଶରେ ଦୂର ହୋଇପାରିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ତାଳଗଛ ଦ୍ୱାରା ବଜ୍ରପାତରୁ ରକ୍ଷା ମିଳିପାରିବା ସହ ତାଳରୁ ଗୁଡ଼ ପ୍ରସ୍ତୁତ କରାଯାଇ ଖାଦ୍ୟ ରୂପେ ବ୍ୟବହାର କରାଯାଇ ପାରିବ। ତାଳ ପତ୍ରକୁ ଘର ଛପର ପାଇଁ ବ୍ୟବହାର କରାଯାଇ ପାରିବ ଓ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରାଯାଇ ଗରିବ ଲୋକଙ୍କୁ ଅର୍ଥ ରୋଜଗାର କରିବାର ଏହା ଏକ ମାଧ୍ୟମ ହୋଇପାରିବ ବୋଲି ବିଶ୍ୱାଳ ଓ ଜେନାମଣି ପ୍ରକାଶ କରିଛନ୍ତି।



# ଅବସରପ୍ରାପ୍ତ ପୁଲିସ୍ ଅଧିକାରୀଙ୍କ ବୈଠକ

ଢେଙ୍କାନାଳ,୩।୮ (ସମିସ): ବନ୍ଧୁତ୍ୱ ଦିବସ ଅବସରରେ ଢେଙ୍କାନାଳ ଜିଲ୍ଲା ଅବସରପ୍ରାପ୍ତ ପୁଲିସ ଅଫିସର ସଂଘର ଏକ ଆଲୋଚନା ବୈଠକ ଶ୍ୟାମାଚରଣପୁର ସେୟାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅତିଥି ଭବନରେ ଅକ୍ଷୟ କୁମାର ସାହୁଙ୍କ ସଭାପିତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ସାହୁ ସଂଘର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ଉପରେ ଆଲୋଚନା କରିଥିଲେ। ଏଥିରେ ପ୍ରାୟ ୫୦ ଜଣ ସଭ୍ୟସଭ୍ୟା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସଂଘର ପରବର୍ତ୍ତୀ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇ ପରସ୍ପର ମଧ୍ୟରେ କିପରି ପାରିବାରିକ ସମ୍ପର୍କ ବଢ଼ିବ ଏବଂ ସମସ୍ତେ ସମସ୍ତଙ୍କ ସୁଖଦୁଃଖରେ ଭାଗିଦାରୀ ହୋଇପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା।



ଆସନ୍ତା ନଭେମ୍ବରରେ ଏକ ପାରିବାରିକ ବନ୍ଧୁମିଳନ ହେବା ନିମନ୍ତେ ସ୍ଥିର କରାଗଲା। ସମସ୍ତ ସଭ୍ୟ ନିଜର ପରିଚୟପତ୍ର ପାଇବା ପାଇଁ ଦରଖାସ୍ତ ଦେଇଥିଲେ। ଏହାକୁ ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପଠାଇବାକୁ ଅଧକ୍ଷଙ୍କୁ ଅନୁରୋଧ କରାଯାଇଛି। ସଭାରେ ପ୍ରଦୀପ କୁମାର ମିଶ୍ର, ଗୋବର୍ଦ୍ଧନ ସାହୁ, କୁଞ୍ଜବିହାରୀ ପାଣି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ରୁଙ୍ଗଟା କାରଖାନା ଦଖଲରେ ଗ୍ରାମ୍ୟ ଉନ୍ନୟନ ରାସ୍ତା

ହିନ୍ଦୋଳ,୩।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଝାଡ଼ବନ୍ଧଠାରେ ଅବସ୍ଥିତ ରୁଙ୍ଗଟା ଇସ୍ପାତ କାରଖାନା ୨୦୦୭ରୁ ଜମି ଅଧିଗ୍ରହଣ କରି ବର୍ତ୍ତମାନ ଉତ୍ପାଦନକ୍ଷମ ହୋଇଛି। କାରଖାନାକୁ କଞ୍ଚାମାଲ ଭାବେ ଆସୁଥିବା ଲୁହାପଥର ଓ କୋଇଲା ବୋଝେଇ ଟ୍ରକ୍, ଟ୍ରେଲର ଆଦି ଝାଡ଼ବନ୍ଧ ଗ୍ରାମ ପୂର୍ବ ଦିଗ ଶେଷ ସୀମାରୁ ପାହାଡ଼ ତଳ ଦୁଇ ନମ୍ବର ଗେଟ ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ଝାଡ଼ବନ୍ଧ ବୈଷ୍ଣବବନ୍ଧ ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ବେଆଇନ ଭାବେ ବ୍ୟବହାର କରୁଛି। ଫଳରେ ରାସ୍ତା ଜାମ ହେବା ସହ କୋଇଲା, ଲୁହାପଥର ଗୁଣ୍ଡ ଉଡ଼ି ଲୋକଙ୍କ ଆଖିରେ ପଡୁଛି। ଆମ୍ବୁଲାନ୍ସ ଭଳି ଜରୁରୀ କାଳୀନ ସେବା ପ୍ରଭାବିତ ହେଉଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ମୁତାବକ ଏହି ରାସ୍ତା ବ୍ୟବହାର ପାଇଁ ପ୍ରଶାସନ ପକ୍ଷରୁ କାରଖାନାକୁ କୌଣସି ଅନୁମତି ଦିଆଯାଇ ନ ଥିଲେ ମଧ୍ୟ ଏହି ଘରୋଇ କମ୍ପାନୀ ସର୍ବସାଧାରଣ ରାସ୍ତାକୁ କାହା ବଳରେ ବ୍ୟବହାର କରି ନଷ୍ଟ କରୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏହାର ନିରପେକ୍ଷ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

- ଦୈନିକ ଚାଲୁଛି ଶହ ଶହ ଗାଡ଼ି
- ଲୋକେ ହନ୍ତସନ୍ତ; ପ୍ରଶାସନ ନିରବ




## ଶ୍ରାବଣ ମାସର ଶେଷ ସୋମବାର ଆଜି

# କପିଳାସରେ ଲକ୍ଷାଧିକ କାଉଡ଼ିଆଙ୍କ ସମାଗମ ସମ୍ଭାବନା





ଗଁଦିଆ,୩।୮ (ସମିସ): ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦ୍ରଶେଖରଙ୍କ ବିଜେ କପିଳାସରେ ଶ୍ରାବଣ ମାସ ଶେଷ ସୋମବାର କାଉଡ଼ିଆଙ୍କ ପ୍ରବଳ ଭିଡ଼ ହେବା ସମ୍ଭାବନା ରହିଛି। ତୃତୀୟ ପାଳିରେ ପ୍ରଶାସନର ଆକଳନ ଭୁଲ ପ୍ରମାଣିତ ହୋଇଥିଲା। ରବିବାର ସକାଳୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼ ଲାଗିଯାଇଥିଲା। ସେଥି ନିମନ୍ତେ ଆଜି ଜିଲ୍ଲା ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ସହ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ହୋଇଛି।

ରବିବାର ମାନସିକଧାରୀ କାଉଡ଼ିଆମାନେ ଖାଲି ପାଦରେ ଦୀର୍ଘପଥ ଅତିକ୍ରମ କରି ନଦୀଗୁଡ଼ିକରୁ ପବିତ୍ର ଜଳଭାର କାନ୍ଧରେ ଧରି ପୀଠକୁ ଆସିବାରେ ଲାଗିଛନ୍ତି। ବାବା ଚନ୍ଦ୍ରଶେଖରଙ୍କ ଠାରେ ଜଳାଭିଷେକ ପାଇଁ ପୁରୁଷଙ୍କଠାରୁ ଆରମ୍ଭ କରି ମହିଳା ଓ ଛୋଟ ପିଲାମାନେ ଆସୁଥିବା ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖି ଦେବୋତ୍ତର ବିଭାଗ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବାରବାଙ୍କ ଓ ପାହାଚ ପଥରେ ଆଲୋକ ବ୍ୟବସ୍ଥା କରାଯାଇଛି। ଗଁଦିଆ ଅତିରିକ୍ତ ତହସିଲଦାର ସୌଭାଗ୍ୟ କୁମାର ମହାନ୍ତି, ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ମୁତୟନ କରାଯାଇଛି।

# ଶ୍ରୀବଳରାମଙ୍କ ପାତାଳୀ ଶ୍ରୀକ୍ଷେତ୍ର କାଣ୍ଡବିନ୍ଧା ଶୀର୍ଷକ ଆଲୋଚନା

ଢେଙ୍କାନାଳ,୩।୮ (ସମିସ)



ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ କାଣ୍ଡବିନ୍ଧା ଢେଙ୍କାନାଳର ଆରାଧ୍ୟ ଶ୍ରୀଶ୍ରୀ ସିଦ୍ଧ ବଳରାମଙ୍କ ପାତାଳୀ ଶ୍ରୀକ୍ଷେତ୍ର। କାଣ୍ଡବିନ୍ଧା ପରିକ୍ରମା ସହିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ସନ୍ଥ ସଦାନନ୍ଦ ଦାସ ମହାରାଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବାଗ୍ମୀ ଆର୍ଯ୍ୟରତ୍ନ ଚକ୍ରଧର ଯୋଗଦେଇ ଶ୍ରୀ ଶ୍ରୀ ବଳରାମଙ୍କ କାଣ୍ଡବିନ୍ଧାରେ ପାତାଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଇତିହାସରୁ ଜଣାଯାଏ ଗଙ୍ଗବଂଶର ରାଜାମାନେ ହିନ୍ଦୋଳ ଜୟକରି ଶ୍ରୀ ବଳରାମଙ୍କୁ ପୂଜା କରୁଥିଲେ। ପରେ ପ୍ରବଳ ପରାକ୍ରମୀ ଅନଙ୍ଗଭୀମ ଦେବ ସିଦ୍ଧ ବଳରାମଙ୍କୁ ଉପାସନା କରି ନିଜ ରାଜ୍ୟକୁ ହାତୀ ପୃଷ୍ଠରେ ସମ୍ମାନର ସହ ନେଉଥିବା ବେଳେ ଢେଙ୍କାନାଳ ଡେଙ୍ଗବୋରେଇ ଗ୍ରାମରେ ରାତ୍ରିଯାପନ କରିଥିଲେ। ସେଠାରେ ପ୍ରଭୁଙ୍କୁ ଏକ ପିଣ୍ଡିରେ ସ୍ଥାପନ କରାଯାଇ ପ୍ରସାଦ ସେବନ ପରେ ପହୁଡ଼ ହୋଇଥିଲା। ରାତିରେ ଶ୍ରୀ ଶ୍ରୀ ବଳରାମଙ୍କ ସ୍ୱପ୍ନାଦେଶ ଅନୁସାରେ ସେହିଠାରେ ପିଣ୍ଡି କରାଇ ଠାକୁରଙ୍କୁ ସ୍ଥାପନ କରି ଚାଲିଯାଇଥିଲେ। ତେଣୁ ବିଷର ନାମ ବଳରାମ ବିଷୟ ରଖାଯାଇଥିଲା। ସମୟକ୍ରମେ ଶବର ରାଜା ଢେଙ୍କାକୁ ବେଶାଳିଆ ରାଜା ଶ୍ରୀଧର ଭଞ୍ଜ ହତ୍ୟାକରି ବେଶାଳିଆ ରାଜ୍ୟ ଜୟ କରିଥିଲେ। ଢେଙ୍କାନାଳର ନାମ ଉପରେ ଗଡ଼ ବା ବେଶାଳିଆର ନାମ ତଳଗଡ଼ ରଖାଯାଇଥିଲା। ସେହି ସମୟରେ ଉତ୍କଳ ଭୂଖଣ୍ଡରେ ହିନ୍ଦୁ ଦେବଦେବୀଙ୍କ ମଠ, ମନ୍ଦିର ଉପରେ କଳାପାହାଡ଼ ଆକ୍ରମଣ ଆରମ୍ଭ ହେବାରୁ ପୂଜକମାନେ ସ୍ୱପ୍ନାଦେଶ ଅନୁସାରେ ସିଦ୍ଧ ବଳରାମଙ୍କୁ କାଣ୍ଡବିନ୍ଧା ଗ୍ରାମର ଠାକୁରା ପୋଖରୀ ହୁଡ଼ା ଉତ୍ତର ପାର୍ଶ୍ୱରେ ଏକ ଗର୍ତ୍ତ ଖୋଳାଯାଇ କାଠ ପଟାଦେଇ ପୋତି ଲୁଚାଇ ରଖିଥିଲେ। ବହୁକାଳ ପରେ ଜେନ÷କ ଶବର ରାଜା ପୋଖରୀ ଟୁଙ୍ଗାଗଛ ଖୋଳୁ ଖୋଳୁ ତାର ଗଇଁତି ଶ୍ରୀ ବଳରାମଙ୍କ ମସ୍ତକରେ ବାଜିଥିଲା। ଆଘାତ ବାଜି ଦୁଗ୍ଧସମ ସୁଗନ୍ଧିତ ଚନ୍ଦନ ଝରିବାରୁ ଭୟରେ ଗ୍ରାମବାସୀଙ୍କୁ ଡାକି ଅଧିକ ଖୋଳାଯାଇ ଶ୍ରୀ ବଳରାମଙ୍କୁ ଉଦ୍ଧାର କରାଗଲା। ଏହି ଖବର ରାଜାଙ୍କ ନିକଟରେ ପହଞ୍ଚିବା ପରେ ରାଜା ଶ୍ରୀଧର ଭଞ୍ଜ ଶ୍ରୀ ବଳରାମଙ୍କୁ ହାତୀ ପିଠିରେ ବସାଇ ବଡ଼ଗଡ଼ ଢେଙ୍କାନାଳକୁ ଆଣି ପାଣିଓହଳା ପାଦଦେଶରେ ଆସ୍ଥାନ କରାଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ହରିସିଂହ ବିଦ୍ୟାଧର ବେଶାଳିଆ ରାଜା ଶ୍ରୀଧର ଭଞ୍ଜଙ୍କୁ ପରାସ୍ତ କରି ରାଜ୍ୟା ଗଠନ କରିବା ସହ ଶ୍ରୀବଳରାମଙ୍କ ମନ୍ଦିର ନିର୍ମାଣ କରାଇଥିବା ଜଣାଯାଏ। ଶ୍ରୀ ବଳରାମଙ୍କ ପାତାଳୀ ଶ୍ରୀକ୍ଷେତ୍ର କାଣ୍ଡବିନ୍ଧା ଠାକୁରା ପୋଖରୀକୁ ଅଧିକ ସ୍ମରଣୀୟ ଏକ ତୀର୍ଥ କ୍ଷେତ୍ର କରାଯିବା ପାଇଁ ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପରିବାର ସଂଯୋଜକ ଅବନୀ ମିଶ୍ରଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟମାନେ ଦାବି କରିଛନ୍ତି। ବରିଷ୍ଠ ସଦସ୍ୟା ନିର୍ମଳା ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶତ୍ରୁଘ୍ନ ମାଟି, କମଳ କୁମାର ନନ୍ଦ, ପୁରୁଷୋତ୍ତମ ନନ୍ଦ, ଶରତ କୁମାର ବେହେରା, ମାମିନା ଦୀକ୍ଷିତ, ଶୈଳବାଳା ମିଶ୍ର, ସ୍ୱର୍ଣ୍ଣଲତା ମାଟି, ବସନ୍ତ କୁମାର ସାହୁ, ଅରୁଣୋଦୟ ରାଉଳ, ଭୋଳେଶ୍ୱର ଦେହୁରୀ, ପୂର୍ବତନ ସରପଞ୍ଚ ଟିକିନି ଦେହୁରୀ, ବିଚିତ୍ର ବେହେରା, ଶେଷଦେବ ବେହେରା, ଶ୍ରୀକାନ୍ତ ପାତ୍ର, ଜାନକୀଦତ୍ତ ଦଳବେହେରା, ସାରଙ୍ଗଧର ସାହୁ, ଦୀପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୧୫ ● ପାଉଣ୍ଡ ୧୧୫.୭୬
- ୟୁରୋ ୧୦୦.୮ ● ୟେନ୍ ୦.୫୮



**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୯୦୦ (ନୂଆଦିଲ୍ଲୀ)
- ରୁପା : ୧,୧୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୫୯୯.୦୦
- ନିଫ୍ଟି ୨୪,୫୬୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ବ୍ୟକ୍ତିଗତ ଅଣ-ବାଣିଜ୍ୟିକ ଯାନ ପାଇଁ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍

ନୂଆଦିଲ୍ଲୀ,୩।୮ (ଏଜେନ୍ସି):କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ନୂତନ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍ ବ୍ୟବସ୍ଥା ଆରମ୍ଭ କରିଛି। ଏହା ଅଗଷ୍ଟ ୧୫ରୁ ଉପଲବ୍ଧ ହେବ। ଏହାଛଡା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବସ୍ଥା ପୂର୍ବ ପରି ଜାରି

- ଫାସ୍‌ଟ୍ୟାଗ୍‌ରେ କେବଳ ଚେସିସ୍ ନମ୍ବର ଥିଲେ ମିଳିବନି ପାସ୍
- ଅଗଷ୍ଟ ୧୫ରୁ ହେବ ଉପଲବ୍ଧ

ରହିବ। ଯେଉଁମାନେ ବାର୍ଷିକ ପାସ୍ ନେବାକୁ ଚାହୁଁନାହାଁନ୍ତି, ସେମାନେ ପୂର୍ବପରି ସେମାନଙ୍କର ଫାସ୍‌ଟ୍ୟାଗ୍ ସହ ସାଧାରଣ ଟୋଲ୍ ପେମେଣ୍ଟ ଜାରି ରଖିପାରିବେ। ଜଣେ ଏହି ପାସ୍ ପାଇଁ ନୂତନ ଆବେଦନ କରିପାରିବେ କିମ୍ବା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବହାର କରିପାରିବେ। ଏଥିପାଇଁ ଗାଡ଼ି ବାହାନ ଡାଟାବେସ୍‌ରେ ବୈଧ ଥିବା ଉଚିତ, ଗାଡ଼ିର ୱିଣ୍ଡସିଲ୍ଡରେ ଫାସ୍‌ଟ୍ୟାଗ୍ ଲାଗିବା ଜରୁରୀ। ଏହାବାଦ୍ ଗାଡ଼ିର ପଞ୍ଜିକରଣ ନମ୍ବର କଳା ତାଲିକାରେ ନ ରହିଥିବା ଉଚିତ୍। ଯଦି କେବଳ ଚେସିସ୍ ନମ୍ବର ଫାସ୍‌ଟ୍ୟାଗ୍‌ରେ ପଞ୍ଜିକୃତ ହୋଇଥାଏ, ତେବେ ଏଥିରେ ବାର୍ଷିକ ପାସ୍ ଜାରି କରାଯିବନାହିଁ। ଏଥିପାଇଁ ଗାଡ଼ିର ପଞ୍ଜିକରଣ ନମ୍ବର ଅପଡେଟ୍ କରିବା



ଆବଶ୍ୟକ। ଏହି ପାସ୍ କେବଳ କାର୍, ଜିପ୍ ଏବଂ ଭ୍ୟାନ ଭଳି ବ୍ୟକ୍ତିଗତ ଅଣ-ବାଣିଜ୍ୟିକ ଯାନ ପାଇଁ ବୈଧ ହେବ। ଫାସ୍‌ଟ୍ୟାଗ୍ ସକ୍ରିୟ କରିବା ପୂର୍ବରୁ ଫାସ୍‌ଟ୍ୟାଗ୍ ଡାଟାବେସ୍‌ରୁ ଯାଞ୍ଚ କରାଯିବ। ଯଦି କୌଣସି ବାଣିଜ୍ୟିକ ଯାନ ଏହାକୁ ବ୍ୟବହାର କରେ, ତେବେ ମନ୍ତ୍ରଣାଳୟ ଅନୁଯାୟୀ ସେହି ପାସ୍ କୌଣସି ସୂଚନା ବିନା ତୁରନ୍ତ ବାତିଲ ହୋଇଯିବ। ଏହି ପାସ୍ କେବଳ ଜାତୀୟ ରାଜପଥ (ଏନ୍‌ଏଚ୍) ଏବଂ ଜାତୀୟ ଏକ୍ସପ୍ରେସୱେ (ଏନ୍‌ଇ) ର ଟୋଲ୍ ପ୍ଲାଜାରେ ବୈଧ ହେବ। ଯଦି ଆପଣ ଏହାକୁ ରାଜ୍ୟ ସରକାର କିମ୍ବା ସ୍ଥାନୀୟ ସଂସ୍ଥା ଦ୍ୱାରା ପରିଚାଳିତ ରାଜ୍ୟ ରାଜପଥ (ଏସ୍‌ଏଚ୍) କିମ୍ବା ଏକ୍ସପ୍ରେସୱେ ଟୋଲ୍‌ରେ ବ୍ୟବହାର କରନ୍ତି, ତେବେ ଏଥିପାଇଁ ଏକ ପୃଥକ ଉପଭୋକ୍ତା ଶୁଳ୍କ ଦେବାକୁ ପଡିପାରେ। ବାର୍ଷିକ ପାସ୍ ଥିବା ଫାସ୍‌ଟ୍ୟାଗ୍ କେବଳ ସେହି ଯାନ ପାଇଁ ବୈଧ ହେବ ଯେଉଁଥିରେ ଫାସ୍‌ଟ୍ୟାଗ୍ ଲାଗିଛି ଏବଂ ପଞ୍ଜିକୃତ ହୋଇଛି। ଯଦି ଅନ୍ୟ କୌଣସି ଯାନରେ ବ୍ୟବହାର କରାଯାଏ, ତେବେ ପାସ୍ ତୁରନ୍ତ ବାତିଲ ହୋଇଯିବ। ଦେୟ ନିଶ୍ଚିତ ହେବା ପରେ ୨୦୨୫-୨୬ ବର୍ଷ ପାଇଁ ପାସ୍ ୩,୦୦୦ ଟଙ୍କା ପଡ଼ିବ। ଏହି ପାସ୍ ସାଧାରଣତଃ ୨ ଘଣ୍ଟା ମଧ୍ୟରେ ସକ୍ରିୟ ହୋଇଯିବ। ଏହି ପାସ୍ ନିର୍ଦ୍ଦିଷ୍ଟ ଜାତୀୟ ରାଜପଥ ଏବଂ ଜାତୀୟ ଏକ୍ସପ୍ରେସୱେ ଟୋଲ୍ ପ୍ଲାଜାରେ ଏକ ବର୍ଷ କିମ୍ବା ୨୦୦ ଯାତ୍ରା (ଯେଉଁଟି ପୂର୍ବରୁ ହେବ) ପାଇଁ ବ୍ୟକ୍ତିଗତ କାର, ଜିପ୍ ଏବଂ ଭ୍ୟାନ ନିମନ୍ତେ ମାଗଣା ଯାତ୍ରା ଅନୁମତି ଦେବ। ଥରେ ଏହାର ସୀମା ବା ଲିମିଟ୍‌ରେ ପହଞ୍ଚିବା ପରେ ପାସ୍ ସ୍ୱୟଂଚାଳିତ ଭାବରେ ଏକ ସାଧାରଣ ଫାସ୍‌ଟ୍ୟାଗ୍‌ରେ ପରିବର୍ତ୍ତିତ ହେବ।

## ନିଜ ଜାଲରେ ଫସିବେ ଟ୍ରମ୍ପ

# ଗେମ୍ ବଦଳାଇବ ଭାରତ; ଇୟୁ, ମଧ୍ୟପ୍ରାଚ୍ୟମୁହାଁ ବ୍ୟବସାୟୀ

ନୂଆଦିଲ୍ଲୀ,୩।୮ (ଏଜେନ୍ସି)

ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିକୁ ନେଇ ଆଲୋଚନା ଅଧା ବାଟରେ ଥିବାବେଳେ ଅଚାନକ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଲଦିଛନ୍ତି ୨୫% ଶୁଳ୍କ। ଚୁକ୍ତି ଚୂଡାନ୍ତ ହୋଇନି, ହେଲେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଫାଟ। ନୂଆ ଶୁଳ୍କ ଅଗଷ୍ଟ ୭ରୁ ଲାଗୁ ହେବ। ପୂର୍ବ ଅପେକ୍ଷା ୧୦ ଗୁଣା ଶୁଳ୍କ ବୃଦ୍ଧି କରିଛନ୍ତି ଟ୍ରମ୍ପ। କେବଳ ଟାରିଫ ନୁହେଁ, ଭାରତ ଋଷ ସହ ବ୍ୟବସାୟ କରୁଥିବାରୁ ଜରିମାନା ବି ଆଦାୟ କରିବାକୁ ଧମକ ଦେଇଛନ୍ତି। ଟ୍ରମ୍ପଙ୍କର ଏହି ଅଚାନକ ପଦକ୍ଷେପ ପରେ ଭାରତର ପ୍ରାୟ ୮୭ ବିଲିୟନ ଡଲାର ରପ୍ତାନି ଏବେ ବିପଦରେ।

ଋଷ ସହିତ ବ୍ୟବସାୟିକ ସମ୍ପର୍କ ଯୋଗୁ ଆମେରିକାର ଆକ୍ରୋଶର ଶିକାର ହୋଇଛି ଭାରତ। ଟ୍ରମ୍ପଙ୍କ ଟାରିଫ୍‌କୁ ବିଭିନ୍ନ ଦୃଷ୍ଟିକୋଣରେ ଦେଖାଯାଉଛି। ଏହା ତାଙ୍କର ବ୍ୟବସାୟିକ ନୀତି ନୁହେଁ, ବଂର ଚାପ ପକାଇବାର ଏକ ଉଦ୍ୟମ ବୋଲି ଅର୍ଥନୀତିଜ୍ଞମାନେ କହିବା ଆରମ୍ଭ କଲେଣି। ବାଣିଜ୍ୟ ଚୁକ୍ତି ଚୂଡାନ୍ତ କରିବା



**ଆମେରିକାର ମୁଦ୍ରାସ୍ଫୀତି ବଢ଼ିବ; ପ୍ରଭାବିତ ହେବେ ଉପଭୋକ୍ତା**

ପାଇଁ ଅଗଷ୍ଟ ୨୫ରେ ଭାରତ ଆସୁଛନ୍ତି ଆମେରିକା ପ୍ରତିନିଧି ଦଳ। ତା' ପୂର୍ବରୁ ଏଭଳି ଆକ୍ରମଣାତ୍ମକ ମନୋଭାବ ପ୍ରୟୋଗ କରି ଟ୍ରମ୍ପ ଭାରତକୁ ଭୟଭୀତ କରାଇବାକୁ ଚାହୁଁଛନ୍ତି। ସେହିପରି ଋଷ ସହ ସମ୍ପର୍କ ବିଗାଡ଼ି ନିଜେ ଫାଇଦା ନେବାକୁ ଚାହୁଁଛି। ରୁଷଠାରୁ ଭାରତର ତୈଳ ଏବଂ ଅସ୍ତ୍ରଶସ୍ତ୍ର କ୍ରୟକୁ ବିରୋଧ କରିଆସୁଛନ୍ତି ଟ୍ରମ୍ପ। ୟୁକ୍ରେନ୍ ଯୁଦ୍ଧ ରୋକିବା ଆଳରେ ଯେମିତି ଭାରତ ଋଷ ଠାରୁ ସାମଗ୍ରୀ ନ କିଣି ଆମେରିକାଠାରୁ ଅଧିକ ସାମଗ୍ରୀ କିଣିବ ତାହା ହିଁ ଟ୍ରମ୍ପଙ୍କର ଟାର୍ଗେଟ୍। କାରଣ ୟୁରୋପୀୟ ସଂଘ ଏବଂ ବ୍ରିଟେନ୍, ଇଣ୍ଡୋନେସିଆ, ଫିଲିପାଇନ୍ସ ଏବଂ ଭିଏତ୍ନାମ ଭଳି ରାଷ୍ଟ୍ରଗୁଡ଼ିକ ଅପେକ୍ଷା ଭାରତ ଉପରେ ଟ୍ରମ୍ପ ଅଧିକ ଶୁଳ୍କ ଲଗାଇଛନ୍ତି। ତେବେ ଚୀନ୍ ଉପରେ ଲାଗିଥିବା ୩୦% ଶୁଳ୍କ ତୁଳନାରେ ଏହା କମ୍ ରହିଛି। ପରୋକ୍ଷରେ କହିବାକୁ ଗଲେ ଆମେରିକାର ଶତ୍ରୁ ଟାର୍ଗେଟ୍‌ରେ ଚୀନ ପରେ ଏବେ ଦ୍ୱିତୀୟରେ ରହିଛି ଭାରତ।

ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟରେ ଟ୍ରମ୍ପଙ୍କ ଶୁଳ୍କ ଆମେରିକା ପାଇଁ ବୁମେରାଂ ହେବ ବୋଲି କୁହାଯାଇଛି। ଏସ୍‌ବିଆଇ କହିଛି ଏହା ଆମେରିକାର ସବୁଠାରୁ 'ଖରାପ ବାଣିଜ୍ୟ ନୀତି'। କାରଣ ଏହା ଦ୍ୱାରା ଆମେରିକାର ଘରୋଇ ମୁଦ୍ରାସ୍ଫୀତି ବଢ଼ିବ। ଏଥିରେ ଆମେରିକାର ଉପଭୋକ୍ତା ପ୍ରଭାବିତ ହେବେ। ଟ୍ରମ୍ପଙ୍କ ଶୁଳ୍କ ମାଡ଼ ପରେ ଭାରତ ସରକାର ହଠାତ୍ ପ୍ରତିକ୍ରିୟାଶୀଳ ନ ହୋଇ ନିରବରେ ରାସ୍ତା ଖୋଜୁଛନ୍ତି। ଅନ୍ୟପଟେ ଭାରତର ବ୍ୟବସାୟୀମାନେ ଏବେ ଆମେରିକା ପରିବର୍ତ୍ତେ ବିକଳ୍ପ ବଜାର ସନ୍ଧାନରେ ମୁହାଁଇଛନ୍ତି। ଭାରତୀୟ ରପ୍ତାନିକାରୀମାନେ ୟୁରୋପୀୟ ସଂଘ(ଇୟୁ),ଅନ୍ୟ ଏସୀୟ ଦେଶ ଏବଂ ମଧ୍ୟପ୍ରାଚ୍ୟ ବଜାର ଆଡ଼କୁ ମୁହାଇଁଲେଣି। ବିଶେଷ କରି ଇଞ୍ଜିନିୟରିଂ ସାମଗ୍ରୀ ଏବଂ ଜଳବାୟୁ-ସମୃଦ୍ଧ ଉତ୍ପାଦନ ଭଳି କ୍ଷେତ୍ରଗୁଡ଼ିକ ଟ୍ରାକ୍ ଚେଞ୍ଜ ପାଇଁ ଉଦ୍ୟମ ଆରମ୍ଭ କରିଦେଲେଣି।

# କେ ଜେ ପଟେଲ ଇଫ୍‌କୋର ନୂଆ ଏମ୍‌ଡି

ଭୁବନେଶ୍ୱର,୩।୮ (ସମିସ): କେ ଜେ ପଟେଲ ହୋଇଛନ୍ତି ଇଫ୍‌କୋର ନୂତନ ମ୍ୟାନେଜିଂ ଡାଇରେକ୍ଟର (ଏମ୍‌ଡି)। ଏହି ନୂଆ ପଦ ପାଇଁ ଇଫ୍‌କୋ ଅଧ୍ୟକ୍ଷ ଦିଲୀପ ସଂଘାନି ଶ୍ରୀ ପଟେଲଙ୍କ ନାମ ଘୋଷଣା କରିଛନ୍ତି। ପୂର୍ବରୁ ଶ୍ରୀ ପଟେଲ ଡାଇରେକ୍ଟର (ଟେକ୍ନିକାଲ, ଇଫ୍‌କୋ) ଭାବରେ କାର୍ଯ୍ୟ କରୁଥିଲେ। ସାର ଶିଳ୍ପରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି। ଶ୍ରୀ ପଟେଲ ସୌରାଷ୍ଟ୍ର ୟୁନିଭରସିଟିର ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି ଏବଂ ନାଇଟ୍ରୋଜେନସ୍ ଓ ଫସଫେଟିକ ଫର୍ଟିଲାଇଜର ପ୍ଲାଣ୍ଟଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣରେ ତାଙ୍କର ୩୨ ବର୍ଷରୁ ଅଧିକ କାଳ ଅଭିଜ୍ଞତା ରହିଛି। ପରିଚାଳନାଗତ ଉତ୍କର୍ଷତା ଏବଂ ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ଆଗେଇନେବାରେ ତାଙ୍କର ମଜଭୁତ ପିଛିଲା ରେକର୍ଡ ନିମନ୍ତେ ସେ ସୁପରିଚିତ। ସେ ଭାରତରେ ସର୍ବବୃହତ କମ୍ପ୍ଲେକ୍ସ ସାର କାରଖାନା



ପାରାଦୀପ ପ୍ଲାଣ୍ଟର ନେତୃତ୍ୱ ନେଉଥିଲେ। ଏହି ନିଯୁକ୍ତି ଉପରେ ଶ୍ରୀ ସଂଘାନି କହିଛନ୍ତି ଯେ, ଶ୍ରୀ ପଟେଲଙ୍କର ଶିଳ୍ପ ସମ୍ପର୍କିତ ଗଭୀର ଜ୍ଞାନ, ପ୍ରମାଣିତ ରଣକୌଶଳାତ୍ମକ ଚିନ୍ତନ ଆଭିମୁଖ୍ୟ ରହିଛି, ଯାହା ଇଫ୍‌କୋର ଲକ୍ଷ୍ୟ ସମୂହ ସହିତ ମେଳ ଖାଉଛି। ଏଥିସହ ସେ କହିଥିଲେ ଯେ, ବୋର୍ଡ ଦୃଢ ନିଶ୍ଚିତ ଯେ ଶ୍ରୀ ପଟେଲ ଇଫ୍‌କୋକୁ ନବସୃଜନ ଏବଂ ମୂଲ୍ୟ ସୃଷ୍ଟି କ୍ଷେତ୍ରରେ ଏକ ନୂତନ ଯୁଗକୁ ଆଗେଇନେବେ ଏବଂ ଇଫ୍‌କୋ ତାହାର ମଜଭୁତ ମୂଳଦୁଆ ଉପରେ ଆଗକୁ ବଢିବା ଜାରି ରଖିବା ସହିତ କୃଷକ ଓ ସମବାୟ ସଂସ୍ଥାଗୁଡିକର କଲ୍ୟାଣ ଦିଗରେ ନିରନ୍ତର କାର୍ଯ୍ୟ କରିବ। ଶ୍ରୀ ସଂଘାନି ମଧ୍ୟ ବିଦାୟୀ ଏମ୍‌ଡି ଡଃ.ୟୁ ଏସ ଅୱସ୍ଥିଙ୍କୁ ଇଫ୍‌କୋ ଓ ସମଗ୍ର ଦେଶରେ କୃଷକ ସମୁଦାୟଙ୍କ ପ୍ରତି ବହୁମୂଲ୍ୟ ଅବଦାନ ଓ ଉତ୍ସର୍ଗୀକୃତ କାର୍ଯ୍ୟ ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି।

# ଟାରିଫ୍‌ରୁ ଆୟ ଅର୍ଥକୁ ଆମେରିକା ଲୋକଙ୍କ ମଧ୍ୟରେ ବାଣ୍ଟିବେ ଟ୍ରମ୍ପ

ୱାଶିଂଟନ୍,୩।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଯୋଜନାରେ କାମ କରୁଛନ୍ତି ଯାହା ଶୁଣିବାକୁ ଅଜବ ଲାଗୁଥାଇପାରେ, କିନ୍ତୁ ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ ଏହା ସାଧାରଣ ଆମେରିକୀୟ ନାଗରିକଙ୍କ ପାଇଁ ଏକ ବଡ଼ ଖବର ପ୍ରମାଣିତ ହୋଇପାରେ। ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ କହିଛନ୍ତି ଯେ ସେ ଅନ୍ୟ ଦେଶରୁ ଶୁଳ୍କ ମାଧ୍ୟମରେ ସଂଗ୍ରହ କରୁଥିବା ଟଙ୍କାର ଏକ ଅଂଶକୁ ଲାଭାଂଶ ଭାବରେ ତାଙ୍କ ଦେଶର ଲୋକଙ୍କ ମଧ୍ୟରେ ବଣ୍ଟନ କରିବାକୁ ବିଚାର କରୁଛନ୍ତି। ଅର୍ଥାତ୍, ଭାରତ ସମେତ ଅନେକ ଦେଶରୁ ଆମଦାନୀ ଉପରେ ଲାଗୁ ହୋଇଥିବା ଭାରୀ ଟିକସରୁ ସୃଷ୍ଟି ହେଉଥିବା ଆୟ ସିଧାସଳଖ ଆମେରିକୀୟ ନାଗରିକଙ୍କୁ ଲାଭ ଦେଇପାରିବ।

ଗତ ସପ୍ତାହରେ, ଟ୍ରମ୍ପ ଭାରତରୁ ଆସୁଥିବା ସାମଗ୍ରୀ ଉପରେ ୨୫% ଶୁଳ୍କ ଘୋଷଣା କରିଥିଲେ। ଏହି ଟିକସ ଅଗଷ୍ଟ ୭ରୁ ଲାଗୁ କରାଯିବ। ସେହିଦିନ, ଟ୍ରମ୍ପ ଏହା ମଧ୍ୟ ସୂଚାଇ ଦେଇଥିଲେ ଯେ ଶୁଳ୍କରୁ ଉପାର୍ଜନ ହୋଇଥିବା ଟଙ୍କାର ଏକ ଅଂଶ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇପାରିବ। ଏହି ଯୋଜନା ପଛରେ ଟ୍ରମ୍ପଙ୍କ ଯୁକ୍ତି ହେଉଛି ଯେ ଯେତେବେଳେ ବିଦେଶୀ କମ୍ପାନୀଗୁଡ଼ିକ ଆମେରିକୀୟ ବଜାରରେ ସାମଗ୍ରୀ ବିକ୍ରି କରିବା ପାଇଁ ଭାରୀ ଟିକସ ଦେବେ, ସେତେବେଳେ ସରକାର ଏଥିରୁ ଏକ ବିପୁଳ ପରିମାଣର ରାଜସ୍ୱ ପାଇବେ। ସରକାର ସେହି ଟଙ୍କା ସିଧାସଳଖ ତାଙ୍କ ନାଗରିକଙ୍କୁ ଦେଇପାରିବେ। ଏହା ଏପରି ହେବ, ଯେପରି କମ୍ପାନୀଗୁଡ଼ିକ ସେମାନଙ୍କର ଲାଭରୁ ସେମାନଙ୍କର ଅଂଶୀଦାରମାନଙ୍କୁ ଲାଭାଂଶ ଦେଇଥାନ୍ତି। ଯଦିଓ ଏହି ଯୋଜନାର କୌଣସି ସରକାରୀ ଘୋଷଣା ଏ ପର୍ଯ୍ୟନ୍ତ କରାଯାଇନାହିଁ, କିନ୍ତୁ ଟ୍ରମ୍ପଙ୍କ ଏହି ବକ୍ତବ୍ୟକୁ ନିଜ ଭିତରେ ଏକ ବଡ଼ ରାଜନୈତିକ ସଙ୍କେତ ବୋଲି ବିବେଚନା କରାଯାଉଛି।

# ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରେ ଆମେରିକାରୁ ଦୁଇ ଗୁଣ ତେଲ ଆମଦାନୀ

ନୂଆଦିଲ୍ଲୀ,୮।୩(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା ପରେ ଭାରତ ତା'ର ତୈଳ ଆମଦାନୀ ବୃଦ୍ଧି କରିଛି। ଜାନୁଆରୀ ୨୦୨୫ ପରଠାରୁ ଭାରତ ଆମେରିକାରୁ ଅଧିକ ତେଲ କିଣିବା ଆରମ୍ଭ କରିଛି। ଟ୍ରମ୍ପ ଦ୍ୱିତୀୟ ଥର ପାଇଁ

**ଜାନୁଆରୀଠାରୁ କାରବାର ୫୧% ବଢ଼ିଛି**



ରାଷ୍ଟ୍ରପତି ହେବା ପରେ ଆମେରିକାରୁ ଭାରତର ଅଶୋଧିତ ତୈଳ ଆମଦାନୀ ୫୧ ପ୍ରତିଶତ ବୃଦ୍ଧି ପାଇଛି। କାରଣ ଗତ ବର୍ଷ ତୁଳନାରେ ଆମଦାନୀ ଅଧାରୁ ଅଧିକ ବୃଦ୍ଧି ପାଇଛି।

ରିପୋର୍ଟ ଅନୁଯାୟୀ, ଜାନୁଆରୀ ୨୦୨୫ ପରଠାରୁ ଭାରତ ଆମେରିକାରୁ ତେଲ କିଣିବାର ଗତି ବୃଦ୍ଧି କରିଛି। ଗତ ବର୍ଷ ଏହି ସମୟ ମଧ୍ୟରେ, ଭାରତ ପ୍ରତିଦିନ ୦.୧୮ ନିୟୁତ ବ୍ୟାରେଲ ତେଲ ଆମଦାନୀ କରିଥିଲା। ଯାହା ଚଳିତବର୍ଷ ପ୍ରତିଦିନ ୦.୨୭୧ ନିୟୁତ ବ୍ୟାରେଲକୁ ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ଏପ୍ରିଲ-ଜୁନ୍ ୨୦୨୫ରେ ଆହୁରି ଦ୍ରୁତ ଗତିରେ ବୃଦ୍ଧି ପାଇଛି, ଯାହା ୨୦୨୪ ତୁଳନାରେ ୧୧୪% ଅଧିକ। ୨୦୨୪-୨୫ର ପ୍ରଥମ ତ୍ରୈମାସିକରେ ଭାରତ ୧.୭୩ ବିଲିୟନ ଡଲାର ମୂଲ୍ୟର ତେଲ ଆମଦାନୀ କରିଥିଲା। ସେହି ସମୟରେ, ୨୦୨୫-୨୬ର ପ୍ରଥମ ତ୍ରୈମାସିକରେ ଏହି ପରିମାଣ ୩.୭ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଜୁଲାଇରେ ଭାରତ ଜୁନ୍ ତୁଳନାରେ ଆମେରିକାରୁ ୨୩% ଅଧିକ ଅଶୋଧିତ ତେଲ ଆମଦାନୀ କରିଥିଲା। ଭାରତର ମୋଟ ଅଶୋଧିତ ଆମଦାନୀରେ ଆମେରିକାର ଅଂଶ ପୂର୍ବରୁ ୩% ଥିଲା, ଯାହା ଜୁଲାଇରେ ୮%କୁ ବୃଦ୍ଧି ପାଇଛି। ଭାରତୀୟ କମ୍ପାନୀଗୁଡ଼ିକ ୨୦୨୫-୨୬ ଆର୍ଥିକ ବର୍ଷରେ ଆମେରିକାରୁ ଅଶୋଧିତ ତୈଳ ଆମଦାନୀ ୧୫୦% ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ। ତେଲ ବ୍ୟତୀତ, ଭାରତ ଆମେରିକାରୁ ପେଟ୍ରୋଲିୟମ ଗ୍ୟାସ (ଏଲପିଜି) ଏବଂ ପ୍ରାକୃତିକ ଗ୍ୟାସ (ଏଲଏନଜି) ଆମଦାନୀ ମଧ୍ୟ ବୃଦ୍ଧି କରିଛି।

## ରାଜ୍ୟ ଖବର

### ପୁଣି ଉଠିଲା ହାଇକୋର୍ଟ ବେଞ୍ଚ ଦାବି

# ବିଜେପି ସରକାର ପ୍ରତିଶ୍ରୁତି ରକ୍ଷା କରୁ: କୋଶଳ ରାଜ୍ୟ ସମନ୍ୱୟ ସମିତି



ବଲାଙ୍ଗିର,୩।୮ (ସମିସ): ପୁଣି ଉଠିଲା ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ବେଞ୍ଚ ସ୍ଥାପନ କରିବା ପାଇଁ ଦାବି ଉପସ୍ଥାପନ କରିଛି କୋଶଳ ରାଜ୍ୟ ସମନ୍ୱୟ ସମିତି। ବଲାଙ୍ଗିର ସାମ୍ବାଦିକ ଭବନଠାରେ ସମିତି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆବାହକ ପ୍ରମୋଦ ମିଶ୍ର କହିଛନ୍ତି ଯେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ସହ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯାଉ। ଇତିମଧ୍ୟରେ, ବମ୍ବେ ହାଇକୋର୍ଟର ଚତୁର୍ଥ ବେଞ୍ଚ କୋହ୍ଲାପୁରଠାରେ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ନାଗପୁର, ଔରଙ୍ଗାବାଦ ଓ ଗୋଆ ନିକଟବର୍ତ୍ତୀ ଅଞ୍ଚଳରେ ତିନୋଟି ବେଞ୍ଚ ଥିବା ବେଳେ ଏବେ ଚତୁର୍ଥ ବେଞ୍ଚକୁ ଅନୁମୋଦନ ମିଳିଛି। ଏହାବ୍ୟତୀତ କର୍ଣ୍ଣାଟକ ହାଇକୋର୍ଟ, ମାଡ୍ରାସ ହାଇକୋର୍ଟ, ଆଲ୍ଲାବାଦ ହାଇକୋର୍ଟ, ଗୌହାଟୀ ହାଇକୋର୍ଟ, ମଧ୍ୟପ୍ରଦେଶ ହାଇକୋର୍ଟ, କେରଳ ହାଇକୋର୍ଟ ଓ ଅନ୍ୟ କିଛି ହାଇକୋର୍ଟର ମଧ୍ୟ ସ୍ଥାୟୀ ହାଇକୋର୍ଟ ବେଞ୍ଚ ରହିଛି। କିନ୍ତୁ ଓଡ଼ିଶାରେ ନାହିଁ। ଓଡ଼ିଶା ହାଇକୋର୍ଟଠାରୁ କୋଶଳାଞ୍ଚଳର ବିଭିନ୍ନ ଜିଲ୍ଲାର ଦୂରତ୍ୱ, ମକଦ୍ଦମା ସଂଖ୍ୟା, ଲୋକଙ୍କ ଅର୍ଥନୈତିକ ଅବସ୍ଥା ଓ ଅନ୍ୟାନ୍ୟ ବିଷୟବସ୍ତୁକୁ ଦୃଷ୍ଟିରେ ରଖି ଯଶୋବନ୍ତ ସିଂ କମିଶନର ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଦୀର୍ଘ ଚାରିଦଶକ ହେଲା ଦାବି ହୋଇଆସୁଛି। ଗତ ୧୫ବର୍ଷ ଧରି ଆଇନଜୀବୀ ଓ ଜନସାଧାରଣଙ୍କ ତରଫରୁ ସାରା କୋଶଳାଞ୍ଚଳରେ ଲମ୍ବା ଲଢ଼େଇ ମଧ୍ୟ ହୋଇଥିଲା। ବର୍ତ୍ତମାନର ବିଜେପି ସରକାର ବିରୋଧୀ ଦଳରେ ଥିବା ବେଳେ ପ୍ରତିଶ୍ରୁତି ଦେଇଥିଲେ। କ୍ଷମତାକୁ ଆସିଲେ କୋଶଳାଞ୍ଚଳରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରିବେ ବୋଲି କହିଥିଲେ। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ତେଣୁ ସମୟ ଆସିଛି, ବିଜେପି ସରକାର ତାଙ୍କର ପ୍ରତୁଶ୍ରୁତି ପୂରଣ କରୁ। କୋଶଳାଞ୍ଚଳରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିକୁ ନେଇ ଅଞ୍ଚଳର ନିର୍ବାଚିତ ପ୍ରତିନିଧିମାନେ ତୁରନ୍ତ ସରକାରଙ୍କୁ ପ୍ରଭାବିତ କରନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି।

କୋଶଳାଞ୍ଚଳର ଦୁଇଟି ମୁଖ୍ୟ ଦାବି ହେଲା ସମ୍ବିଧାନର ଧାରା ୩ ଅନୁଯାୟୀ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଓ କୋଶଳାଞ୍ଚଳରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ। ଏହି ଉଭୟ ଦାବି ହାସଲ କରିବା ପାଇଁ ଲମ୍ବା ଲଢେଇ କରିବାକୁ ପଡ଼ିବ। ଏଥିପାଇଁ କୋଶଳାଞ୍ଚଳର ଜନସାଧାରଣ ଛୋଟଛୋଟ ଗୋଷ୍ଠୀରେ ବିଭକ୍ତ ନ ହୋଇ ଦଳୀୟ ବିଚାରଧାରା ଓ ଅଞ୍ଚଳଗତ ବିଚାରଧାରାରୁ ଉଚ୍ଚକୁ ଆସି ଏକତ୍ରିତ ଭାବରେ ଲଢ଼ିବାକୁ ସମର୍ପିତ ହୁଅନ୍ତୁ ବୋଲି ଶ୍ରୀ ମିଶ୍ର ଆହ୍ୱାନ ଦେଇଛନ୍ତି। ଏହି ଦାବି ନେଇ ଖୁବ୍‌ଶୀଘ୍ର କୋଶଳ ଆନ୍ଦୋଳନ ତରଫରୁ ଏକ ପ୍ରତିନିଧି ଦଳ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖକୁ ଯିବ ବୋଲି ମିଶ୍ର ସୂଚନା ଦେଇଛନ୍ତି।

**ଅନ୍ତ୍ୟୋଦୟ ହିତାଧିକାରୀ ହନ୍ତସନ୍ତ**

# ମିଳୁନି ଦ୍ୱିତୀୟ କିସ୍ତି; ଆଗଉନି କାମ

ଭୁବନେଶ୍ୱର, ୩।୮ (ସମିସ): ଗତ ମାର୍ଚ୍ଚ ୩୦ରେ ରାଜ୍ୟ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନା ଲାଗୁ କଲେ। ପ୍ରାଥମିକ ପର୍ଯ୍ୟାୟରେ ପୂର୍ବ ଓ ଚଳିତ ଆର୍ଥିକ ବର୍ଷକୁ ମିଶାଇ ୫୦ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦେଲେ। ମାତ୍ର ୫ ମାସ ବିତି ଯାଇଥିଲେ ବି ଲୋକଙ୍କୁ ଦ୍ୱିତୀୟ କିସ୍ତି ଟଙ୍କା ମିଳୁନି। ହିତାଧିକାରୀମାନେ ପ୍ରଥମ କିସ୍ତି ଟଙ୍କା ପାଇବାରେ ପରେ ଧାର୍‌ଉଧାର୍ କରି ଘରର ଅଧାଅଧି କାମ ସାରି ଦେଇଛନ୍ତି। ଏବେ ଦ୍ୱିତୀୟ କିସ୍ତି ଟଙ୍କା ନ ମିଳିବାରୁ କେମିତି ଘର କାମ କରିବେ ଓ ଉଧାର ଶୁଝିବେ ସେହି ଚିନ୍ତା ସମସ୍ତଙ୍କୁ ଘାରୁଛି। ହେଲେ ଅନ୍ତ୍ୟୋଦୟ ଅନ୍‌ଲାଇନ୍ ପୋର୍ଟାଲ୍ ଖୋଲୁ ନ ଥିବାରୁ ତୃଣମୂଳସ୍ତରରେ ପ୍ରଶାସନ ବି କିଛି କରିପାରୁନି। ତେଣୁ ସରକାର ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

ସୂଚନାନୁସାରେ, ପ୍ରଥମ ପର୍ଯ୍ୟାୟରେ ଯେଉଁ ହିତାଧିକାରୀମାନଙ୍କୁ ଚୟନ କରାଯାଇଥିଲା, ସେମାନଙ୍କ ମଧ୍ୟରୁ ଅଧିକାଂଶ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପାଇବାର ମାସକ ପରେ ପ୍ରଥମ କିସ୍ତି ଟଙ୍କା ଦିଆଯାଇଥିଲା। ଏବେ ବି ଅଧିକାଂଶ ଲୋକଙ୍କୁ ପ୍ରଥମ କିସ୍ତି ଟଙ୍କା ମିଳିନି। ଯେଉଁମାନେ ପ୍ରଥମ କିସ୍ତ ପାଇଥିଲେ, ସେମାନଙ୍କୁ ଦ୍ୱିତୀୟ କିସ୍ତି ଟଙ୍କା ଏଯାଏଁ ମିଳିନି। ପ୍ରାୟ ୩ ମାସ ହେବ ସରକାରଙ୍କ ଅନ୍ତ୍ୟୋଦୟ ପୋର୍ଟାଲ ଖୋଲୁନଥିବାରୁ ଏହି ସମସ୍ୟା ହୋଇଥିବା ଜଣାପଡ଼ିଛି। ସାରା ରାଜ୍ୟରେ ଏଭଳି ସମସ୍ୟା ଦେଖାଦେଇଛି। ଖୁବ୍‌ଶୀଘ୍ର ରାଜ୍ୟ ସରକାର ପୋର୍ଟାଲ୍ ଠିକ୍‌କରି ଲୋକଙ୍କୁ ଠିକଣା ସମୟରେ ଟଙ୍କା ଦେବା ବ୍ୟବସ୍ଥା କରିବା ଜରୁରୀ ବୋଲି ଦାବି କରାଯାଉଛି। ପୋର୍ଟାଲ ଖୋଲୁ ନ ଥିବାରୁ ଦ୍ୱିତୀୟ କିସ୍ତି ଟଙ୍କା ହିତାଧିକାରଙ୍କ ପାଖକୁ ଆସିପାରୁ

- ପୂରଣ ହୋଇପାରୁନି କୋଠା ଘର ସ୍ୱପ୍ନ
- ୩ ମାସ ହେଲା ପୋର୍ଟାଲ୍ ଅଚଳ

ନାହିଁ। ଫଳରେ ସରକାରୀ ନିୟମ ଅନୁସାରେ କାର୍ଯ୍ୟାଦେଶ ମିଳିବାର ୪ମାସ ଭିତରେ ଘର ସମ୍ପୂର୍ଣ୍ଣ କଲେ, ମିଳିବାକୁ ଥିବା ପ୍ରୋତ୍ସାହନ ରାଶି ପାଇବାରୁ ହିତାଧିକାରୀ ବଞ୍ଚିତ ହେବା ଆଶଙ୍କା ଦେଖାଦେଇଛି। ପ୍ରଶାସନ ପକ୍ଷରୁ କୁହାଯାଇଛି, ପୂର୍ବରୁ ହିତାଧିକାରୀ ନାମାନୁସାରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦିଆଯାଉଥିଲା। ହିତାଧିକାରୀ ଅବା ସେମାନଙ୍କ ବାପାଙ୍କର ସମାନ ନାଁ ଥିବା କ୍ଷେତ୍ରରେ ଟଙ୍କା ଅନ୍ୟ ଆକାଉଣ୍ଟକୁ ଚାଲିଗଲା। ତେଣୁ ଏବେ ଡିବିଟି ବ୍ୟବସ୍ଥା ଅନୁସାରେ ଟଙ୍କା ଦିଆଯାଉଛି। ଯେଉଁ ବ୍ୟାଙ୍କ୍ ଆକାଉଣ୍ଟ ଆଧାର କାର୍ଡ ସହ ଲିଙ୍କ୍ ଥିବା ସେହି ଆକାଉଣ୍ଟକୁ ଟଙ୍କା ସିଧାସଳଖ ଯିବ। ତେଣୁ ଏହି ବ୍ୟବସ୍ଥା ସଜାଡ଼ିବାରେ ସମୟ ଲାଗୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କାର୍ଯ୍ୟାଦେଶ ପାଇ ମଧ୍ୟ ବିଳମ୍ବରେ ଟଙ୍କା ମିଳିବା, ପୋର୍ଟାଲ୍ କାମ ନ କରିବା ଏବଂ ବର୍ଷାଦିନ ଯୋଗୁଁ ଘର ତିଆରି ପାଇଁ ଆବଶ୍ୟକ ଉପକରଣ ସହଜରେ ମିଳୁ ନ ଥିବାରୁ ହିତାଧିକାରୀ ଚିନ୍ତାରେ ପଡ଼ିଛନ୍ତି।

ଉଲ୍ଲେଖଥାଉ କି, ରାଜ୍ୟ ସରକାରଙ୍କ ଏହା ନିଜସ୍ୱ ଯୋଜନା। କ୍ୟାନ୍ସର ରୋଗୀ, ଦିବ୍ୟାଙ୍ଗ, ବିଧବା, ସହିଦ ପରିବାର, ହାତୀ ଉପଦ୍ରବ ଏବଂ ଘରପୋଡ଼ିରେ କ୍ଷତିଗ୍ରସ୍ତ ଆଦି ୧୧ଟି ବର୍ଗର ଲୋକଙ୍କୁ ଅଗ୍ରାଧିକାର ଦିଆଯାଇ ଯୋଜନାରେ ଘର ଯୋଗାଇ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ବଜେଟ୍‌ରେ ୭୫୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମାତ୍ର ଆରମ୍ଭରୁ ଏହି ଯୋଜନାରେ କେଁ ଦେଖିବାକୁ ମିଳିଲାଣି। ପୂର୍ବରୁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳିଥିଲେ ବି ଟଙ୍କା ମିଳୁ ନ ଥିଲା। ଏବେ ପୁଣି ପୋର୍ଟାଲ୍ ଖୋଲୁ ନ ଥିବାରୁ ଦ୍ୱିତୀୟ କିସ୍ତି ଟଙ୍କା ମିଳୁନି। ସରକାର କେବଳ ଯୋଜନା କରି ନିଜ ଦାୟିତ୍ୱ ସାରିଦେଉଛନ୍ତି। ମାତ୍ର ତୃଣମୂଳସ୍ତରରେ ଏହାର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଉନାହାନ୍ତି। ତେଣୁ ସାଧାରଣ ଗରିବ ହିତାଧିକାରୀ ଘରଟିଏ ତୋଳିବା ପାଇଁ ଯେଉଁ ସ୍ୱପ୍ନ ଦେଖୁଛି, ତାହା ପୂରଣ ହୋଇପାରୁନି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

# ସ୍କିମାଟିକ୍ ଶିକ୍ଷକ ପଦ ଉଚ୍ଛେଦ ପାଇଁ ପ୍ରସ୍ତାବ

ଭୁବନେଶ୍ୱର,୩।୮ (ସମିସ): ଆଉ ନିଯୁକ୍ତି ହେବେନି କନିଷ୍ଠ ସ୍କିମାଟିକ୍ ଶିକ୍ଷକ। ପ୍ରାଥମିକ ଶିକ୍ଷକ ନିଯୁକ୍ତିରୁ ଏହାକୁ ଉଠାଇ ଦିଆଯିବ। ସ୍କିମାଟିକ୍ ବଦଳରେ ସରକାରୀ ଶିକ୍ଷକ ଭାବେ ନିଯୁକ୍ତି ମିଳବ। ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷକଙ୍କ ପରି ପ୍ରାଥମିକ ଶିକ୍ଷାରେ ମଧ୍ୟ ନିୟମିତ ଶିକ୍ଷକ ନିଯୁକ୍ତି କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ଏପ୍ରିଲ୍ ମାସରେ ହୋଇଥିବା ବୈଠକ ଅନୁଯାୟୀ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସେହିପରି ଠିକା ବା ସ୍କିମାଟିକ୍ ନିଯୁକ୍ତି ସମୟସୀମାକୁ ସେମାନଙ୍କ ମୂଳ ଚାକିରିରେ ଗଣାଯିବ। ଅବସରକାଳୀନ ସହାୟତା ସମୟରେ ଏହା ସହାୟକ ହେବ। ହେଲେ ସେମାନେ ଏରିଅର୍ ଦରମା ପାଇଁ ଦାବି କରିପାରିବେ ନାହିଁ। ନିୟମିତ ତାରିଖ ଅନୁଯାୟୀ ସେମାନଙ୍କୁ ବରିଷ୍ଠ ଭାବେ ଗଣନା କରାଯିବ। ଭବିଷ୍ୟତରେ ସମସ୍ତ ପ୍ରକାର ପ୍ରାଥମିକ ଶିକ୍ଷକ ନିଯୁକ୍ତି ରେଗୁଲାର୍ କରାଯିବ ବୋଲି ପ୍ରସ୍ତାବରେ କୁହାଯାଇଛି।

ଅନୁରୂପ ଭାବେ ପ୍ରଥମରୁ ପଞ୍ଚମ ଶେଣୀ ପର୍ଯ୍ୟନ୍ତ ଛାତ୍ର-ଶିକ୍ଷକ ଅନୁପାତ ଉପରେ ମଧ୍ୟ

- ପ୍ରଥମରୁ ପଞ୍ଚମ ଛାତ୍ର-ଶିକ୍ଷକ ଅନୁପାତ ୪୦:୧
- ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପାଇଁ ସର୍ବନିମ୍ନ ୩ ଶିକ୍ଷକ
- ଡିସେମ୍ବର ସୁଦ୍ଧା ନିଯୁକ୍ତ ହେବେ ଆଉ ୫୦୬୭

ଗୁରୁତ୍ୱ ଦିଆଯାଇଛି। ୬୦ଜଣ ଯାଏଁ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ୨ ଜଣ ଶିକ୍ଷକ ରହିବେ। ସେହିପରି ୬୧ରୁ ୯୦ ଯାଏଁ ଛାତ୍ରଛାତ୍ରୀ ଥିଲେ ୩ ଜଣ, ୯୧ରୁ ୧୨୦ ଛାତ୍ରଛାତ୍ରୀଙ୍କ ପାଇଁ ୪ଜଣ ଏବଂ ୧୨୧ରୁ ୨୦୦ ଛାତ୍ରଛାତ୍ରୀଙ୍କ ପାଇଁ ୫ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ୫ଜଣ ଶିକ୍ଷକଙ୍କ ସହ ଜଣେ ପ୍ରଧାନ ଶିକ୍ଷକ ରହିବେ। ୨ଶହରୁ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ଛାତ୍ର-ଶିକ୍ଷକ ଅନୁପାତ ୪୦ ରହିବ। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ପିଛା ଜଣେ ଲେଖାଏଁ ଶିକ୍ଷକ ନିଯୁକ୍ତି ହେବେ। ଅର୍ଥାତ୍ ସର୍ବନିମ୍ନ ୩ଜଣ ଶିକ୍ଷକ ଯଥାକ୍ରମେ ବିଜ୍ଞାନ ଓ ଗଣିତ, ସୋସିଆଲ୍ ଷ୍ଟଡିଜ୍ ଓ ଭାଷା ପାଠ୍ୟକ୍ରମରେ ଶିକ୍ଷାଦାନ କରିପାରିବେ। ପ୍ରତି ୩୫ ଜଣ ପିଲାରେ ସର୍ବନିମ୍ନ ଜଣେ ଶିକ୍ଷକ ରହିବେ। ଶହେରୁ ଅଧିକ ପିଲା ଥିବା ବିଦ୍ୟାଳୟରେ ଜଣେ ପୂର୍ଣ୍ଣକାଳୀନ ପ୍ରଧାନଶିକ୍ଷକ ନିଯୁକ୍ତ କରାଯିବ।

ରାଜ୍ୟରେ ସମୁଦାୟ ୪୫,୨୯୨ ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ଏଥିପାଇଁ ୧ଲକ୍ଷ ୯୯ହଜାର ୬୮୫ ଶିକ୍ଷକ ପଦ ରହିଛି। ୧ଲକ୍ଷ ୬୦ ହଜାର ୩୧୯ ଜଣ ଶିକ୍ଷକ ନିଯୁକ୍ତ ଥିବା ବେଳେ ୩୯ହଜାର ୩୬୬ ଶିକ୍ଷକ ପଦ ଫାଙ୍କା ପଡ଼ିଛି। ଆସନ୍ତା ଡିସେମ୍ବର ସୁଦ୍ଧା ୫୦୬୭ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ପ୍ରସ୍ତାବ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସମଗ୍ର ଶିକ୍ଷକ ପଦ ମଧ୍ୟ ବଢ଼ାଇବାକୁ ପ୍ରସ୍ତାବ ରହିଛି। ଆଉ ଅଧିକ ୪୪ହଜାର ୪୩୩ ଜଣ ଶିକ୍ଷକ ନିଯୁକ୍ତି କରିବାକୁ କମିଟି ପ୍ରସ୍ତାବ ରଖିଛି।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ପରିବାରର ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଘରେ ପୂଜାପାଠର ଆୟୋଜନ ହୋଇପାରେ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଗ ଅଛି। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। କୌଣସି ଶୁଭ ସମାଚାର ପ୍ରାପ୍ତ ହେବ। ସେୟାର ବଜାରରେ ନିବେଶ କରିବାକୁ ଭଲ ସମୟ। ଅଯଥା ଖର୍ଚ୍ଚ କରନ୍ତୁନି।

**ମିଥୁନ:** ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ସମାବେଶରେ ଯୋଗ ଦେଇପାରନ୍ତି। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତା ବୃଦ୍ଧି କରିପାରେ।

**ସିଂହ:** ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ଦିନଟି ହସଖୁସିରେ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆୟ ବ୍ୟୟ ସମାନ ରହିବ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ନିଜ ଲୋକ ଶତ୍ରୁ ସାଜିପାରନ୍ତି। ମାପିଚୁପି କଥା କୁହନ୍ତୁ। ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଷ୍ଟ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି।

**ତୁଳା:** ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ। ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ଯୋଜନା ମୁତାବକ କାମ କରନ୍ତୁ।

**ଧନୁ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଯାନବାହନ ଓ ଜମି କିଣିବାର ଯୋଗ ଅଛି। କୌଣସି ନୂଆ କାମ ମିଳିପାରେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମକର:** କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। ଅଯଥା ଯୁକ୍ତିତର୍କ ହୋଇପାରେ।

**କୁମ୍ଭ:** ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାରର ସହଯୋଗ ମିଳିବ। ଚାକରିରେ ପଦୋନ୍ନତି ସମ୍ଭାବନା ରହିଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବିବାହ ସ୍ଥିର ହେବ। କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା ଯୋଗ ରହିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ପଡ଼ୋଶୀଙ୍କ ସହ ସୁ-ସମ୍ପର୍କ ବଢ଼ିବ।

## ଆଜିର ଇତିହାସ

- ୧୮୭୦-ବ୍ରିଟିଶ ରେଡ୍‌କ୍ରସ୍ ସୋସାଇଟିର ସ୍ଥାପନା।
- ୧୯୨୯- ଅଭିନେତା ତଥା ଗାୟକ କିଶୋର କୁମାରଙ୍କ ଜନ୍ମ।
- ୧୯୪୭- ଜାପାନରେ ସୁପ୍ରିମ୍‌କୋର୍ଟର ସ୍ଥାପନା ହେଲା।
- ୧୯୬୭- ଆମେରିକାର ନେଭାଡ଼ାରେ ପରମାଣୁ ପରୀକ୍ଷା କରାଗଲା।
- ୨୦୦୭- ନାସା ଫୋନିକ୍ସ ମାର୍ସ ଲ୍ୟାଣ୍ଡର ମହାକାଶଯାନ ଲଞ୍ଚ୍ କଲା।



## ଏହି ଜୀବ ଉପରେ ପଡ଼େନି ପରମାଣୁ ବୋମାର ପ୍ରଭାବ

ପରମାଣୁ ବୋମା ସୃଷ୍ଟି ବିନାଶର କାରଣ ବୋଲି ସମସ୍ତେ ଜାଣନ୍ତି। ଏବେ ଦେଶ-ଦେଶ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ପରମାଣୁ ଅସ୍ତ୍ର କଥା ଶୁଣିବାକୁ ମିଳୁଛି। ପରମାଣୁ ବୋମା ବିସ୍ଫୋରଣର କିଛି ମିନିଟ୍ ମଧ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଯାଇପାରେ। ପରମାଣୁ ବୋମାର ଭୟାବହତା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଦେଖିବାକୁ ମିଳିଥିଲା। ହେଲେ ଜାଣନ୍ତିକି ଏମିତି ଏକ ଜୀବ ରହିଛି, ଯାହା ଉପରେ ପରମାଣୁ ବୋମାର ବିକିରଣ ମଧ୍ୟ କିଛି ପ୍ରଭାବ ପକାଇ ପାରେ ନାହିଁ। ପରମାଣୁ ବୋମା ଦ୍ୱାରା ପ୍ରଭାବିତ ହେଉ ନ ଥିବା ଜୀବର ନାଁ ହେଉଛି ଅସରପା। ପରମାଣୁ ବୋମାରେ ସବୁକିଛି ଧ୍ୱଂସ ହୋଇଯାଉଥିବାବେଳେ ଅସରପା ଉପରେ ଏହାର କିଛି ବି ପ୍ରଭାବ ପଡ଼େନାହିଁ। ପରମାଣୁ ବୋମା ବିସ୍ଫୋରଣ ପରେ ଏଥିରୁ ବାହାରୁଥିବା ବିକିରଣକୁ ଅସରପା ସହ୍ୟ କରିପାରୁଥିବାବେଳେ ମଣିଷ, ପ୍ରାଣୀ କିମ୍ବା ଉଦ୍ଭିଦ ଆଦି ଧ୍ୱଂସ ହୋଇଯାଆନ୍ତି। ସାଧାରଣତଃ ଅସରପା ୧୦୦୦୦ ରାଡ୍‌ର ବିକିରଣକୁ ସହ୍ୟ କରିବାରେ ସକ୍ଷମ। ସେଥିପାଇଁ ପରମାଣୁ ବିକରଣ ଅସରପା ଉପରେ ପ୍ରଭାବ ପକାଇ ପାରେ ନାହିଁ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ୮୦୦ ରାଡ୍‌ର ବିକିରଣରେ ମଣିଷର ମୃତ୍ୟୁ ହୋଇପାରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପରମାଣୁ ବୋମା ବିସ୍ଫୋରଣରେ ପୂରା ସହର ଧ୍ୱଂସବିଧ୍ୱସ୍ତ ହୋଇଯାଇଥିବାବେଳେ କିଛି ଅସରପା ଜୀବିତ ଥିବା ଜଣାପଡ଼ିଥିଲା।


## 'ଟକ୍ସିକ୍' ନିଜେ କରିବେ କଳାକାର ଷ୍ଟଣ୍ଟ ସିନ୍



'କେଜିଏଫ୍' ଷ୍ଟାର୍ ୟଶ୍ ଏବେ ତାଙ୍କ ଆଗାମୀ ଫିଲ୍ମ 'ରାମାୟଣ' ପାଇଁ ଚର୍ଚ୍ଚାରେ ରହିଛନ୍ତି। ଏଥିରେ ସେ ରାବଣ ଭୂମିକାରେ ଅଭିନୟ କରିବା ସହ ଏହାର ପ୍ରଯୋଜନା ଭାର ମଧ୍ୟ ସମ୍ଭାଳିବେ। 'ରାମାୟଣ' ବ୍ୟତୀତ ୟଶ୍ 'ଟକ୍ସିକ୍' ଫିଲ୍ମର ସୁଟିଂ ମଧ୍ୟ କରୁଛନ୍ତି। ଆକ୍ସନ୍‌ରେ ଭରପୂର ଏହି ଫିଲ୍ମଟି ଆସନ୍ତା ବର୍ଷ ଆସିବ। ଆସନ୍ତା ବର୍ଷ ଦୀପାବଳିରେ ମଧ୍ୟ 'ରାମାୟଣ'ର ପ୍ରଥମ ପାର୍ଟ ଆସିବ। ୨୦୨୬ ବର୍ଷ ୟଶ୍‌ଙ୍କ ବର୍ଷ ହେବ ବୋଲି ଏବେଠାରୁ ଚର୍ଚ୍ଚା ହେବାକୁ ଲାଗିଲାଣି। 'ଟକ୍ସିକ୍'ରେ ୟଶ୍‌ଙ୍କ ସହ କିଆରା ଆଡ଼ଭାନୀ, ଅକ୍ଷୟ ଓବରୟ, ତାରା ସୂତାରିୟା, ହ୍ୟୁମା କ୍ୟୁରେସି ନଜର ଆସିବେ। ତେବେ ଏହାର ସବୁ କଳାକାରମାନେ ନିଜେ ହିଁ ଷ୍ଟଣ୍ଟ ସିନ୍‌ଗୁଡ଼ିକ କରିବେ ବୋଲି ଜଣାପଡ଼ିଛି। ସବୁ ଅଭିନେତା ଅଭିନେତ୍ରୀ ବଡି ଡବଲ୍ ବିନା ଆକ୍ସନ୍ ସିନ୍‌ଗୁଡ଼ିକ କରିବେ। ଏବେ ୟଶ୍, ହ୍ୟୁମା, ତାରା ଓ ଅକ୍ଷୟ ମୁମ୍ବାଇରେ ଏହାର ସୁଟିଂ କରୁଛନ୍ତି। ୟଶ୍ ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ମଧ୍ୟ ଅଛନ୍ତି। ଗୀତୁ ମୋହନଦାଶ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

## ଏଆଇ ଇଞ୍ଜିନିୟର

### ଖାଇବନି, ଶୋଇବନି, ପଦୋନ୍ନତି ମାଗିବନି



ଆଜିକାଲି ପ୍ରତ୍ୟେକ କ୍ଷେତ୍ରରେ ଏଆଇର ପ୍ରବେଶ ଦେଖିବାକୁ ମିଳିଛି। ଏହି କ୍ରମରେ ବର୍ତ୍ତମାନ ଇଞ୍ଜିନିୟରିଂ କ୍ଷେତ୍ରରେ ପାଦ ରଖିଛି ଏଆଇ ଇଞ୍ଜିନିୟର୍ 'ଦେବିନ'। ଏହାକୁ ଲଣ୍ଡନର ଏକ ଷ୍ଟାର୍ଟଅପ୍ ବିକଶିତ କରିଥିବାବେଳେ ଆମେରିକାର ବହୁରାଷ୍ଟ୍ରୀୟ ନିବେଶ ବ୍ୟାଙ୍କ ଗୋଲ୍ଡମ୍ୟାନ୍ ସାକ୍ସ ଏହାକୁ ପରିଚିତ କରାଇଛି। 'ଦେବିନ' ହେଉଛି ଏକ ସ୍ୱୟଂଚାଳିତ ଏଆଇ ସଫ୍ଟୱେର ଇଞ୍ଜିନିୟର। ଏହି ଏଆଇ ଇଞ୍ଜିନିୟର ନ ଖାଇ, ନ ଶୋଇ ଲଗାତାର କାମ କରିବ। ଏପରିକି ଏହା ପାରିଶ୍ରମିକ ନେବ ନାହିଁ କିମ୍ବା ପଦୋନ୍ନତି ଦାବି କରିବ ନାହିଁ। ସେହିପରି ଏହା ମଣିଷ ଭଳି ଉନ୍ନତ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବାକୁ ସକ୍ଷମ। ଉକ୍ତ ବ୍ୟାଙ୍କରେ ପ୍ରାୟ ୧୨ ହଜାର ସଫ୍ଟୱେର ଡେଭଲପର କାମ କରୁଥିବାବେଳେ ଏବେ କିନ୍ତୁ ଏଠାରେ ଏଆଇ ଇଞ୍ଜିନିୟରଙ୍କ ସଂଖ୍ୟାକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଅବଶ୍ୟ ଏହା ପଛରେ କାରଣ ବି ଅଛି। ଏଆଇ ଇଞ୍ଜିନିୟରଙ୍କ ମାଧ୍ୟମରେ କାର୍ଯ୍ୟର ଗତି ବୃଦ୍ଧି ହେବା ସହ ଗୁଣବତ୍ତା ଉନ୍ନତମାନର ହେବ। କେବଳ ସେତିକି ନୁହେଁ, ଏଆଇ ଇଞ୍ଜିନିୟରଙ୍କ ଦ୍ୱାରା ସମୟ ଓ ସମ୍ବଳ ସଞ୍ଚୟ ମଧ୍ୟ ହେବ। ଏଆଇ ଇଞ୍ଜିନିୟର୍‌ର କାମ ହେଉଛି, ପୁରୁଣା କୋଡ୍‌କୁ ଅପଡେଟ୍ କରିବା, ବଗ୍ସ ଫିକ୍ସ କରିବା ଏବଂ ଲଗାତାର କାମକୁ ନୂଆ ରୂପ ପ୍ରଦାନ କରିବା। ତେବେ ଏଆଇର ଏହି ବଢୁଥିବା ଚଳଣିର ପ୍ରଭାବ ଏଣ୍ଟ୍ରି-ଲେବଲ ଇଞ୍ଜିନିୟରଙ୍କ ଉପରେ ପଡ଼ିପାରେ। ବିଶେଷକରି କୋଡିଂ, ରିସର୍ଚ୍ଚ ଏବଂ ଡାଟା ଆନାଲିସିସ୍ ପଦବିରେ କାମ କରୁଥିବା ଲୋକଙ୍କ ପାଇଁ ଏଆଇ ଇଞ୍ଜିନିୟର ସମସ୍ୟା ସୃଷ୍ଟି କରିପାରେ। ଅନ୍ୟପଟେ ଏହା ଯୋଗୁଁ ଯୁବପିଢ଼ିଙ୍କ ପାଇଁ ଇଞ୍ଜିନିୟରିଂ କ୍ଷେତ୍ରରେ କମ୍ ଅବସର ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଟେକ୍‌ନିକ୍ ସହ ସନ୍ତୁଳନ ବନେଇବାର ଆବଶ୍ୟକତା ଅଛି ବୋଲି କୁହାଯାଉଛି।



## ଶ୍ରାବଣ ଶେଷ ସୋମବାର

ଶେଷ ହେଲା ପବିତ୍ର ଶ୍ରାବଣ ସୋମବାର। ଏହି ମାସରେ ପ୍ରତି ସୋମବାର ଭଗବାନ ଶିବଙ୍କ ରୀତିନୀତି ପୂର୍ବକ ପୂଜାର୍ଚ୍ଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସୋମବାର ବ୍ରତ ରଖିବା ଦ୍ୱାରା ଅଖଣ୍ଡ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ତା'ସହ ଜୀବନରେ ସୁଖ ସମୃଦ୍ଧି ବୃଦ୍ଧି ପାଏ। ତେବେ ଏଥର ଶ୍ରାବଣ ଶେଷ ସୋମବାରରେ ଶୁଭ ସଂଯୋଗ ସୃଷ୍ଟି ହୋଇଛି। ଏହା ହେଉଛି ସ୍ୱାର୍ଥ ସିଦ୍ଧି ଯୋଗ। ଏହିଦିନ ଚନ୍ଦ୍ର ଅନୁରାଧା ନକ୍ଷତ୍ର ଏବଂ ଚିତ୍ରା ନକ୍ଷତ୍ରରୁ ବୃଷ ରାଶିକୁ ଗୋଚର କରିବେ। ଏହାସହ ଶ୍ରାବଣ ଶେଷ ସୋମବାରରେ ବ୍ରହ୍ମା ଏବଂ ଇନ୍ଦ୍ର ଯୋଗର ସଂଯୋଗ ବି ରହିବ। ଫଳରେ ଅନ୍ତିମ ସୋମବାରରେ ଶିବଭକ୍ତଙ୍କ ଉପରେ ଶିବଙ୍କ ବିଶେଷ କୃପା ରହିବ।

ଏହିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ କରି ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ। ମହାଦେବଙ୍କ ପୂଜାର୍ଚ୍ଚନା କରନ୍ତୁ। ତେବେ ଏହିଦିନ ୧୦୮ ବେଲପତ୍ର ଶିବଲିଙ୍ଗ ଉପରେ ଲାଗି କରିବା ଭଲ। ବେଲ ଗଛ ମୂଳେ ଘିଅ ଦୀପ ଜାଳନ୍ତୁ। ଏହାଦ୍ୱାରା ଆର୍ଥିକ ଲାଭ ମିଳିବ। ବିବାହରେ ସମସ୍ୟା ତଥା ବିବାହରେ ବିଳମ୍ବ ହେଉଥିଲେ, ଶ୍ରାବଣ ଶେଷ ସୋମବାରରେ ଶିବଲିଙ୍ଗଙ୍କୁ ପଞ୍ଚାମୃତରେ ଅଭିଷେକ କରନ୍ତୁ। ଏହାସହ ୫ଟି ନଡ଼ିଆ ମଧ୍ୟ ଚଢ଼ାନ୍ତୁ।

## ସ୍ୱସ୍ତି

## ରାକ୍ଷୀ ପୂର୍ଣ୍ଣିମା



**ପ୍ରତ୍ୟେକ ବର୍ଷ ଶ୍ରାବଣ ମାସର ପୂର୍ଣ୍ଣିମାକୁ ରାକ୍ଷୀ ପୂର୍ଣ୍ଣିମା ଭାବେ ପାଳନ କରାଯାଏ। ଭାଇ ଭଉଣୀଙ୍କ ଅତୁଟ ପ୍ରେମ ଓ ଅନାବିଳ ସ୍ନେହର ପର୍ବ ହେଉଛି ରକ୍ଷା ବନ୍ଧନ। ଏହାକୁ ଝୁଲଣ ପୂର୍ଣ୍ଣିମା ତଥା ଗହ୍ମା ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହାକୁ ଭଗବାନ ବଳଭଦ୍ରଙ୍କ ଜନ୍ମତିଥି ଭାବେ ଗ୍ରହଣ କରାଯାଏ। ତେଣୁ ଏହିଦିନ ଗୋମାତାଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଏ।**

ରାକ୍ଷୀ ପୂର୍ଣ୍ଣିମାରେ ଗାଈଙ୍କ ଶିଂଘରେ ରାକ୍ଷୀ ବନ୍ଧାଯିବା ସହ ଖାଇବା ପାଇଁ ପିଠା ଦିଆଯାଏ। ଘରେ ମଧ୍ୟ ପିଠାମିଠା ପ୍ରସ୍ତୁତ କରାଯାଏ। ବିଭିନ୍ନ ବିପଦ ଆପଦରୁ ରକ୍ଷା କରିବା ପାଇଁ ଭାଇ ହାତରେ ଭଉଣୀ ଏହିଦିନ ରକ୍ଷାସୂତ୍ର ବାନ୍ଧିଥାଏ। ଭଉଣୀ ପ୍ରତି ଥିବା ସମସ୍ତ ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବା ନେଇ ଭାଇ ପ୍ରତିଶ୍ରୁତି ଦେଇଥାଏ। ତା'ସହ ଭଉଣୀ ମଧ୍ୟ ଭଗବାନଙ୍କ ପାଖରେ ଭାଇର ଦୀର୍ଘାୟୁ କାମନା କରେ।

ଅନ୍ୟପଟେ ଏହା ପଛରେ ଅନ୍ୟ ଏକ ପୌରାଣିକ କାହାଣୀ ରହିଛି। ଶିଶୁପାଳଙ୍କ ବଧ ପରେ ଶ୍ରୀକୃଷ୍ଣଙ୍କ ହାତରୁ ରକ୍ତ ବାହାରୁଥିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ିରୁ ଖଣ୍ଡେ ଚିରି ଦେଇ ତାଙ୍କ ହାତରେ ବାନ୍ଧି ଦେଇଥିଲେ। ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ଭଉଣୀର ସମ୍ମାନ ଦେଇ ତାଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ କୁରୁସଭାରେ ବସ୍ତ୍ରହରଣ ସମୟରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ବସ୍ତ୍ରଦାନ କରି ତାଙ୍କ କଥା ରଖିଥିଲେ। ଏହି ଆଧାରରେ ରକ୍ଷା ବନ୍ଧନ ପାଳନ କରାଯାଏ।

## ଖୁଦୁରୁକୁଣୀ ଓଷା

**ଓଡ଼ିଶାର ପାରମ୍ପରିକ ଓଷା ମଧ୍ୟରୁ ଖୁଦୁରୁକୁଣୀ ଓଷା ଅନ୍ୟତମ। ଏହା ଭାଲୁକୁଣୀ ଓଷା ଭାବେ ମଧ୍ୟ ପରିଚିତ। ଭାଦ୍ରବ ମାସର ପ୍ରତି ସପ୍ତାହର ଶେଷ ଦିନ ବା ରବିବାର ଦିନ କୁଆଁରୀ ଝିଅମାନେ ଏହି ପୂଜା କରିଥାନ୍ତି। ଭାଇର ଶୁଭ ମନାସି ଭଉଣୀମାନେ ମା' ମଙ୍ଗଳାଙ୍କୁ ପୂଜା କରନ୍ତି। ଗାଁରେ ଏହି ଓଷାକୁ ବେଶ୍ ଜାକଜମକରେ ପାଳନ କରାଯାଇଥାଏ। କେଉଁଠି ଏହାକୁ ପାଞ୍ଚ ପାଳି ପାଳନ କରାଯାଏ ତ ଆଉ କେଉଁଠି ଚାରି ପାଳି ପାଳିତ ହୁଏ।**



କିମ୍ବଦନ୍ତୀ ଅନୁସାରେ, ସାତଜଣ ସାଧବ ବୋଇତରେ ଦୂର ଦେଶକୁ ବଣିଜ କରିବା ପାଇଁ ଯାଇଥିଲେ। ବର୍ଷର ଗୋଟିଏ ଦିନରେ ଘରକୁ ଲେଉଟି ଆସୁଥିଲେ। ସେମାନଙ୍କର ଏକମାତ୍ର ଅଲିଅଳୀ ଭଉଣୀ ତଅପୋଇ ଭାଇଙ୍କ ସୁରକ୍ଷା ଏବଂ ଶୁଭ ମନାସି ଏହି ବ୍ରତ ପାଳନ କରୁଥିଲେ। ସେବେଠୁ କୁଆଁରୀମାନେ ଏହାକୁ ପାଳନ କରିବା ବିଧି ରହିଛି।

ଖୁଦୁରୁକୁଣୀ ପୂଜା ଦିନ ଝିଅମାନେ ସକାଳୁ ନଦୀରେ ସ୍ନାନ ସାରି ବାଲୁକା ପୂଜା କରନ୍ତି ଏବଂ ସନ୍ଧ୍ୟାରେ ଝୋଟି ଚିତା ପକାଇ ଖୁଦୁରୁକୁଣୀଙ୍କୁ ରଙ୍ଗବେରଙ୍ଗ ଫୁଲରେ ସଜାନ୍ତି। ଏହାସହ ଲିଆ, ଖୁଦ ଆଦି ଭୋଗ ଲଗାଇ ପୂଜା କରିଥାନ୍ତି। ତେବେ ଠାକୁରାଣୀଙ୍କ ପ୍ରିୟ ଖୁଦ ହୋଇଥିବାରୁ ତାଙ୍କ ନାଁ ଖୁଦୁରୁକୁଣୀ। ଅନ୍ୟପକ୍ଷରେ ଏହି ଓଷା ସାଧବ ଝିଅ ତଅପୋଇର ଦୟନୀୟ କାହାଣୀ, ଭାଉଜମାନଙ୍କର ଦୁରାଚାର, ସାନ ଭାଉଜର ଦୟା ଏବଂ ତଅପୋଇର ଉଦ୍ଧାର କଥାକୁ ଦର୍ଶାଇ ଥାଏ।



## ରାକ୍ଷୀ ଉତାରିବାର ନିୟମ

**ରାକ୍ଷୀ ବାନ୍ଧିବାର ଯେଭଳି ନିୟମ ଅଛି, ଠିକ୍ ସେମିତି ରାକ୍ଷୀ ଉତାରିବାର ବି ନିୟମ ରହିଛି। ଏହାକୁ ପାଳନ ନ କରିବା ଦ୍ୱାରା ବାସ୍ତୁ ଦୋଷ ସୃଷ୍ଟି ହୁଏ।**

- ଜ୍ୟୋତିର୍ବିଦଙ୍କ ଅନୁସାରେ, ରାକ୍ଷୀ ବାନ୍ଧିବାର ୨୪ ଘଣ୍ଟା ପରେ ରାକ୍ଷୀ ଉତାରିବା ଉଚିତ। ବର୍ଷ ତମାମ ହାତରେ ରାକ୍ଷୀ ବାନ୍ଧି ରଖିଲେ, ଦୋଷ ଲାଗେ। ରାକ୍ଷୀ ଅଶୁଦ୍ଧ ହୋଇଯାଏ।
- ରାକ୍ଷୀକୁ ଉତାରି ଘରର କୌଣସି ସ୍ଥାନରେ ରଖିବା ଅଶୁଭ। ରାକ୍ଷୀକୁ ଉତାରି ଏହାକୁ ବିସର୍ଜନ କରିବା ଭଲ।
- ସେହିପରି ରାକ୍ଷୀକୁ ବିସର୍ଜନ କରି ନ ପାରିଲେ ଏହାକୁ ଗଛରେ ବାନ୍ଧନ୍ତୁ।
- ତେବେ ସୁନା କି ରୁପା ରାକ୍ଷୀକୁ ବିସର୍ଜନ କରନ୍ତୁ ନାହିଁ। ଏଭଳି ରାକ୍ଷୀକୁ ବର୍ଷଯାକ ପିନ୍ଧିପାରିବେ।
- ଅନେକ ସମୟରେ ହାତରୁ ରାକ୍ଷୀ ଛିଣ୍ଡି ଗଲେ ଏହାକୁ ଉତାରି ଫିଙ୍ଗି ଦିଆଯାଏ। ଏହାକୁ ନ ଫିଙ୍ଗି ଜଳରେ ପ୍ରବାହିତ କରନ୍ତୁ।

## ଜୋ ରୁଟ୍, ହ୍ୟାରି ବ୍ରୁକ୍‌ଙ୍କ ଶତକ: ଆଜି ଫଳାଫଳ

# ଭାରତ-ଇଂଲଣ୍ଡ ରୋମାଞ୍ଚକ ଲଢ଼େଇ


ହ୍ୟାରୀ ବ୍ରୁକ୍


ଜୋ ରୁଟ୍

ଓଭାଲ,୩ା୮ (ଏଜେନ୍ସି)

ବରିଷ୍ଠ ଖେଳାଳି ଜୋ ରୁଟ୍ (୧୦୫)ଙ୍କ ଦମ୍‌ଦାର ଓ ଯୁବ ଖେଳାଳି ହ୍ୟାରୀ ବ୍ରୁକ୍ (୧୧୧)ଙ୍କ ଦୃଢ଼ ବ୍ୟାଟିଂ ବଳରେ ଏଠାରେ ଚାଲିଥିବା ଇଂଲଣ୍ଡ-ଭାରତ ୫ମ ଟେଷ୍ଟ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ଏହି ଟେଷ୍ଟର ତୃତୀୟ ଦିନରେ ଭାରତ ଘରୋଇ ଇଂଲଣ୍ଡ ଆଗରେ ୩୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ମ୍ୟାଚ୍‌ର ଚତୁର୍ଥ ଦିନ ଆଲୋକ ଅଭାବରୁ ଖେଳ ବନ୍ଦ ରହିଲା ବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୩୩୯ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜେମି ସ୍ମିଥ୍ ୨ ଓ ଜେମି ଓଭରଟନ ୦ ରନ୍ କରି ସଂଘର୍ଷ ଜାରି ରଖିଛନ୍ତି। ଆସନ୍ତାକାଲି ଇଂଲଣ୍ଡକୁ ମ୍ୟାଚ୍ ଜିତିବା ଲାଗି ଆଉ ୩୫ ରନ୍ ଏବଂ ଭାରତକୁ ଆଉ ୪ କିମ୍ବା କ୍ରିସ୍ ଓକ୍ସ ବ୍ୟାଟିଂ ନ କଲେ ୩ ୱିକେଟ ଆବଶ୍ୟକ କରୁଛି। ଇଂଲଣ୍ଡ ପକ୍ଷରୁ ହ୍ୟାରୀ ବ୍ରୁକ୍ ୧୧୧ ଓ ଜୋ ରୁଟ୍ ୧୦୫ ରନ୍ କରି ଦଳକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। କିନ୍ତୁ ଟି ପୂର୍ବରୁ ବ୍ରୁକ୍ ଏବଂ ଟି ପରେ ରୁଟ ଓ ବେଥେଲ ଆଉଟ ହେବା ପରେ ଏବେ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ରହିଛି। ଇଂଲଣ୍ଡର ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ବେନ୍ ଡକେଟ ୫୪, କାମଚଳା ଅଧିନାୟକ ଓଲି ପୋପ୍ ୨୭ ଓ ଓପନର କ୍ୟାକ୍ କ୍ରଲୀ ୧୪ ରନ୍‌ରେ ଆଉଟ ହୋଇଛନ୍ତି। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୩ଟି, ମହମ୍ମଦ୍ ସିରାଜ ୨ଟି ଓ ଆକାଶ ଦୀପ୍ ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି। ଏହି ମ୍ୟାଚ୍‌ରେ ରୁଟ୍ ୩୯ତମ ଶତକ ହାସଲ କରି ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ପୂର୍ବରୁ ଇଂଲଣ୍ଡ ୨-୧ରେ ସିରିଜ୍ ଆଗୁଆ ରହିଥିଲା। ଏଠାରେ ମ୍ୟାଚ୍ ଜିତି ସିରିଜ୍ ବରାବର କରିବାକୁ ଯୋଜନା କରିଥିବା ଭାରତକୁ ବୋଲରମାନେ ମ୍ୟାଚ୍‌କୁ ଫେରାଇବାରେ ସମର୍ଥ ହୋଇଛନ୍ତି। ଏହା ପରେ ଭାରତ ସେପ୍ଟେମ୍ବର ୯ରୁ ଏସିଆ କପ୍ ଟି-୨୦ରେ ଭାଗନେବ।

ପୂର୍ବରୁ ରବିବାର ଏହି ମ୍ୟାଚ୍‌ର ଚତୁର୍ଥ ଦିନ ସକାଳେ ଇଂଲଣ୍ଡ ୧ ୱିକେଟରେ ୫୦ ରନ୍‌ରୁ ଖେଳ ଆରମ୍ଭ କରିଥିଲା। ଦୁଇ ଅପରାଜିତ ବ୍ୟାଟର ବେନ୍ ଡକେଟ ୫୦ ଓ ଓଲି ପୋପ୍ ୨୭ ରନ୍ କରି ଆଉଟ ହୋଇଥିଲେ। ଇଂଲଣ୍ଡ ଦଳ ୧୦୬ ରନ୍‌ରେ ତୃତୀୟ ୱିକେଟ ହରାଇବା ପରେ ଭାରତୀୟ ଶିବିର ଉତ୍ସାହିତ ହୋଇଥିଲା। କିନ୍ତୁ ବିଶ୍ୱରେ ବର୍ତ୍ତମାନ ସବୁଠାରୁ ଅଭିଜ୍ଞ ଟେଷ୍ଟ ଖେଳାଳି ଜୋ ରୁଟ୍ ଓ ଉଦୀୟମାନ ଯୁବ ଖେଳାଳି ହ୍ୟାରୀ ବ୍ରୁକ୍ ଦମ୍‌ରସହ ବ୍ୟାଟିଂ କରି ଭାରତକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ରୁଟ୍ ଦୃଢ଼ତାର ସହ ଖେଳିଥିଲାବେଳେ ଅନ୍ୟପଟେ ବ୍ରୁକ୍ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ।

### ସିରିଜ୍‌ରେ ସିରାଜଙ୍କୁ ସର୍ବାଧିକ ୱିକେଟ

ରୁଟ୍ ଓ ବ୍ରୁକ୍‌ଙ୍କ ପାର୍ଟନରସିପ୍ ଯୋଗୁଁ ଏହି ଇନିଂସରେ ଭାରତର ବୋଲର ନିଷ୍ପ୍ରଭ ହୋଇପଡ଼ିଥିଲେ। ଯାହା ଫଳରେ ଏମାନେ ଚତୁର୍ଥ ୱିକେଟରୁ ୧୯୫ ରନ୍‌ର ପାର୍ଟନରସିପ୍ କରିଥିଲେ। ଯାହା ଫଳରେ ଭାରତ ହାତରୁ ଏହି ମ୍ୟାଚ୍ ହାତଛଡ଼ା ହୋଇଯାଇଥିଲା। ଅନ୍ୟପକ୍ଷରେ ଓଲି ପୋପ୍‌ଙ୍କୁ ଆଉଟ କରି ସିରାଜ ଏହି ସିରିଜ୍‌ରେ ତାଙ୍କ ୱିକେଟ ସଂଖ୍ୟା ୨୦ରେ ପହଞ୍ଚାଇଥିଲେ। ଏହା ସିରିଜ୍‌ରେ ସର୍ବାଧିକ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୨୨୪/୧୦, ୬୯.୪ ଓଭର (କରୁନ-୫୭, ସୁଦର୍ଶନ- ୩୮, ଆଟକିସନ- ୫/୩୩, ଟଙ୍ଗ୍- ୩/୫୭)।

**ଇଂଲଣ୍ଡ ପ୍ରଥମ ଇନିଂସ:** ୨୪୭/୧୦ (କ୍ରଲୀ- ୬୪, ବ୍ରୁକ୍- ୫୩, ସିରାଜ- ୪/୮୬, ପ୍ରସିଦ୍ଧ- ୪/୬୨)।

**ଭାରତ ଦ୍ୱିତୀୟ ଇନିଂସ:** ୩୯୬/୧୦, ୮୮ ଓଭର (ଜୟସ୍ୱାଲ- ୧୧୮, ଆକାଶଦୀପ୍- ୬୬, ଜାଡେଜା- ୫୩, ସୁନ୍ଦର-୫୩, ଟଙ୍ଗ୍- ୫/୧୨୫, ଆଟକିନସନ- ୩/୧୨୭, ଓଭରଟନ-୨/୯୮)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୩୩୯/୬, ୭୬.୨ ଓଭର (ହ୍ୟାରୀ ବ୍ରୁକ୍-୧୧୧, ଜୋ ରୁଟ-୧୦୫, ବେନ୍ ଡକେଟ-୫୪, ପ୍ରସିଦ୍ଧ କ୍ରିଷ୍ଣା-୩/୧୦୯, ମହମ୍ମଦ୍ ସିରାଜ-୨/୯୫, ଆକାଶଦୀପ-୧/୮୫)।

■ ଜାତୀୟ ସନ୍ତରଣ ପ୍ରତିଯୋଗିତା

## ଓଡ଼ିଶାର ସାଇ ସ୍ୱରୂପଙ୍କୁ କାଂସ୍ୟ



ଭୁବନେଶ୍ୱର,୩ା୮ (ସମିସ): ଜାତୀୟ ସନ୍ତରଣ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ଏକ ବିରାଟ ସଫଳତା ମିଳିଛି। ଅହମ୍ମଦାବାଦ୍‌ରେ ଚାଲିଥିବା ଏହି ପ୍ରତିଯୋଗିତାର ସବ୍‌ଜୁନିଅର ବାଳକ ଗ୍ରୁପ୍-୨ କାଟାଗୋରୀର ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଓଡ଼ିଶାର ସାଇ ସ୍ୱରୂପ ସ୍ୱାଇଁ କାଂସ୍ୟ ପଦକ ଜିତିଛନ୍ତି। ଏହି ସଫଳତା ପାଇବାରେ ସେ ଦ୍ୱିତୀୟ ପୁରୁଷ/ବାଳକ ପ୍ରତିଯୋଗୀ। ପୂର୍ବରୁ ୧୯୯୧ କୋଲକାତା ଜାତୀୟ ସନ୍ତରଣ ଚାମ୍ପିଅନସିପ୍‌ର ସବ୍‌ଜୁନିଅର କାଟାଗୋରୀରେ ରଙ୍କନିଧି ସେଠ୍ ପ୍ରଥମ ଓଡ଼ିଆ ଭାବେ ପଦକ (କାଂସ୍ୟ) ଜିତିଥିଲେ। ଆଜି ଅନୁଷ୍ଠିତ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସାଇସ୍ୱରୂପ ୩୨.୯୫ ସେକେଣ୍ଡ ସମୟନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମଣିପୁରର ଏନ୍. ଧନଞ୍ଜୟ ୩୪.୫୫ ସେକେଣ୍ଡ ସମୟ ନେଇ ପ୍ରଥମ ଓ ମହାରାଷ୍ଟ୍ରର ଉତ୍କର୍ଷ ଦର୍ଶନ ମେହେଟା ୩୫.୦୫ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସାଇସ୍ୱରୂପ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ହାଇପରଫର୍ମାନ୍ସ ଆକ୍ୱାଟିକ୍ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି।

■ ୨୦ ବର୍ଷରୁ କମ୍ ଏସିଆନ୍ ରଗ୍‌ବୀ-୭

## ଭାରତୀୟ ଦଳରେ ୪ ଓଡ଼ିଆ

ଭୁବନେଶ୍ୱର,୩ା୮ (ସମିସ): ବିହାରର ରାଜଗିରିଠାରେ ଅଗଷ୍ଟ ୯ ଓ ୧୦ ତାରିଖ ଦୁଇଦିନ ଧରି ଆୟୋଜିତ ହେବ ୨୦ ବର୍ଷରୁ କମ୍ ଏସିଆନ୍




ରଗ୍‌ବୀ ଏମିରେଟ୍ସ ସେଭେନ୍ ଏ ସାଇଡ୍ ଟୁର୍ଣ୍ଣାମେଣ୍ଟ। ଏଥିଲାଗି ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଉଭୟ ବିଭାଗରେ ୨ ଜଣ ଲେଖାଏଁ ୪ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଖେଳାଳିମାନେ ହେଲେ ମହିଳା ବିଭାଗରେ ରୀତୁ ମାଝୀ ଓ ମାମାଲି ସିଂ, ପୁରୁଷ ବିଭାଗରେ ଚରଣ ହେମ୍ବ୍ରମ୍ ଓ ଭରତ କିସାନ। ଓଡ଼ିଶାରୁ ଅଧାଡଜନ ଖେଳାଳି ନ୍ୟାସନାଲ କ୍ୟାମ୍ପରେ ପ୍ରଶିକ୍ଷଣ ନେଉଥିଲେ। ଏମାନଙ୍କ ମଧ୍ୟରୁ କେବଳ ୪ଜଣ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇଥିବା ସମସ୍ତ ୪ଜଣଯାକ ପ୍ରତିଯୋଗୀ କିସ୍‌ରେ ଅଧ୍ୟୟନରତ।

ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ପଦକ ବିଜେତାଙ୍କୁ କିଟ୍‌ର ସମ୍ବର୍ଦ୍ଧନା




ଭୁବନେଶ୍ୱର,୩ା୮ (ସମିସ): ଜର୍ମାନୀରେ ଶେଷ ହୋଇଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭୁବନେଶ୍ୱରରେ ଅବସ୍ଥିତ କିଟ୍ ଡିମ୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି ପଦକ ଜିତିଥିବା କ୍ରୀଡ଼ାବିତ୍ ମାନଙ୍କୁ ଆଜି ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ରୌପ୍ୟ ପଦକ ଜିତିଥିବା କ୍ରୀଡ଼ାବିତ୍‌ଙ୍କୁ ଉପଢ଼ୌକନ ସହ ୩ ଲକ୍ଷ ଓ କାଂସ୍ୟ ପଦକ ବିଜେତାଙ୍କୁ ୧ ଲକ୍ଷ ଲେଖାଏଁ ଟଙ୍କା ପ୍ରଦାନ କରାଯାଇଥିଲା। ଏଥିଲାଗି କିଟ୍ ପରିସରରେ ରବିବାର ଅନୁଷ୍ଠିତ ଉତ୍ସବରେ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ଓ ସମ୍ମାନ ପ୍ରଦାନ କରିଥିଲେ। ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତ ୧୨ଟି ପଦକ ଜିତିଥିଲାବେଳେ ଏହା ମଧ୍ୟରୁ କେବଳ କିଟ୍ ୬ଟି ପଦକ ଜିତି ଦେଶର ସମ୍ମାନ ବୃଦ୍ଧି କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ କୁଳପତି ଶରଣଜିତ ସିଂହ, କୁଳସଚିବ ଜ୍ଞାନରଞ୍ଜନ ମହାନ୍ତି, କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଅଲିମ୍ପିଆନ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଅମିୟ ମଲ୍ଲିକ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ କବାଡ଼ି ରେଫ୍‌ରୀ ପରୀକ୍ଷା

କଟକ,୩ା୮ (ସମିସ): କେନ୍ଦୁଝରରେ ରାଜ୍ୟସ୍ତରୀୟ କବାଡି ରେଫରୀ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରୀଡ଼ା ସଂସଦ ଏବଂ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ପରୀକ୍ଷାରେ ବିଭିନ୍ନ ଜିଲ୍ଲାରୁ ୧୩୦ ପରିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କବାଡିର ଗୁରୁତ୍ୱ ଏବଂ ରାଜ୍ୟରେ ଏହି ଖେଳର ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ କବାଡି ସଂଘ ଉପାଧ୍ୟକ୍ଷ ପୃଥ୍ୱୀରାଜ ପଟ୍ଟନାୟକ, ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଜନାର୍ଦ୍ଦନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରାଙ୍କ ସଂଯୋଜନା ଏବଂ ଶ୍ରୀକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହୋଇଥିଲା। ସହକାରୀ ଶାରିରୀକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା ମୁଖ୍ୟ ଅତିଥି ଏବଂ ରାଜ୍ୟ କବାଡି ସଂଘ ସମ୍ପାଦକ ଅଜୟ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ସତ୍ୟବ୍ରତ ସ୍ମାରକୀ ଫୁଟବଲ

## ଗାଲାଣ୍ଟକୁ ହରାଇ ଚାନ୍ଦ କ୍ଲବ୍ ଚାମ୍ପିଅନ



କଟକ,୩ା୮ (ସମିସ): ବାରବାଟୀ ୟୁନାଇଟେଡ କ୍ଲବ ଦ୍ୱାରା ଆୟୋଜିତ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାନ୍ଦ କ୍ଲବ ଚାମ୍ପିଅନ ହୋଇଛି। ଉପର ବାଲିଯାତ୍ରା ପଡ଼ିଆରେ ଚାନ୍ଦ ଏବଂ ଗାଲାଣ୍ଟ ଭିତରେ ଆଜି ଖେଳାଯାଇଥିବା ଫାଇନାଲର ନିର୍ଦ୍ଧାରିତ ଖେଳ ୧-୧ଗୋଲରେ ସମାନ ସ୍ଥିତିରେ ରହିଥିଲା। ମ୍ୟାଚ୍‌ର ଫଳାଫଳ ଲାଗି ପେନାଲ୍ଟି ସୁଟଆଉଟର ଆବଶ୍ୟକତା ପଡ଼ିଥିଲା। ଏଥିରେ ଚାନ୍ଦ କ୍ଲବ ୭-୬ ଗୋଲରେ ଜିତି ଚାମ୍ପିଅନ ଟାଇଟଲ ବିଜୟୀ ହୋଇଛି। ସେମିଫାଇନାଲ ମ୍ୟାଚ୍‌ରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏସନ ସମ୍ପାଦକ ସଞ୍ଜୟ ବେହେରା, ଫୁଟବଲ ଆସୋସିଏସନ ଅଫ ଓଡ଼ିଶା କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ ଅତିଥି ଭାବେ ଯୋଗ ଦେଇ ବିଜୟୀ ଏବଂ ରନର୍ସଅପ ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଥିଲେ।

ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଗାଲାଣ୍ଟ କ୍ଲବ ୩-୦ ଗୋଲରେ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ ଚାନ୍ଦ କ୍ଲବ ୩-୦ ଗୋଲରେ ସନରାଇଜ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

● ୱାର୍ଲ୍ଡ ଚାମ୍ପିଅନ୍‌ସିପ ଅଫ୍ ଲେଜେଣ୍ଡସ

## ଦ.ଆଫ୍ରିକା ଟାଇଟଲ୍ ଜିତିଲା

ବର୍ମିଂହାମ୍,୩ା୮ (ଏଜେନ୍ସି): ପାକିସ୍ତାନକୁ ୯ ୱିକେଟରେ ହରାଇ ଦକ୍ଷିଣ ଆଫ୍ରିକା ୱାର୍ଲ୍ଡ ଚାମ୍ପିଅନସିପ୍ ଅଫ୍ ଲେଜେଣ୍ଡସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଶନିବାର ରାତିରେ ଖେଳାଯାଇଥିବା ଏହି ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୯୫ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୬.୫ ଓଭରରେ ମାତ୍ର ଗୋଟିଏ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ କିଂବଦନ୍ତୀ ବ୍ୟାଟର ଏବି ଡି ଭିଲର୍ସ ୧୨୦ ଓ ଜେବି ଡୁମିନି ୫୦ ରନ କରି ଅପରାଜିତ ରହିବା ସହ ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଡି ଭିଲର୍ସ ପ୍ଲେୟର ଅଫ୍ ଦି ଫାଇନାଲ ଓ ମୋଟ ୪୨୯ ରନ୍ କରି ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲା। ସେମିଫାଇନାଲରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ନ ଖେଳି ଭାରତ ଓହରିଯାଇଥିଲା।

### ଦ୍ୱିତୀୟ ଟି-୨୦ରେ ହାରିଲା ପାକିସ୍ତାନ

ଫ୍ଲୋରିଡା,୩ା୮ (ଏଜେନ୍ସି): ଜେସନ ହୋଲ୍ଡର ଓ ଗୁଡକେଶ ମୋତିଙ୍କ ଅଲରାଉଣ୍ଡ ସଫଳତା ବଳରେ ଏଠାରେ ଶନିବାର ରାତିରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌ଠାରୁ ୨ ୱିକେଟରେ ହାରିଛି। ପାକିସ୍ତାନ। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ହୋଲ୍ଡର ୧୯ ରନ୍‌ରେ ୪ଟି ଓ ଗୁଡକେଶ ମୋତି ୨ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୯ ୱିକେଟରେ ୧୩୩ ରନ୍ କରିଥିଲା। ଜବାବରେ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ମୋତିଙ୍କ ୨୮ ରନ୍ ଓ ହୋଲ୍ଡରଙ୍କ ଅପରାଜିତ ୧୬ ରନ୍ ବଳରେ ଇଣ୍ଡିଜ୍ ଏହି ମ୍ୟାଚ୍‌କୁ ୨ ୱିକେଟରେ ଜିତିନେଇଥିଲା। ହୋଲ୍ଡର ଶେଷ ବଲରେ ଚୌକା ମାରି ଦଳକୁ ଜିତାଇଥିଲେ।

ରାଜ୍ୟ ସ୍କୁଲ ଓପନ ଚେସ୍

## ଟାଇଟଲ୍ ଜିତିଲେ ଦିବ୍ୟାଂଶୁ



ଭୁବନେଶ୍ୱର,୩ା୮ (ସମିସ): ପଟିଆ ନାରାୟଣ ଟେକ୍ନୋ ସ୍କୁଲ୍‌ର ଦିବ୍ୟାଂଶୁ କୁମାର ପଶାୟତ ଡିଏଭି କଳିଙ୍ଗ ନଗର ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟ ସ୍କୁଲ ଓପନ ଚେସ୍‌ରେ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ୫ଜଣ ଖେଳାଳି ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସମସ୍ତଙ୍କୁ ପଛରେ ପକାଇ ଦିବ୍ୟାଂଶୁ ବୁକୋଲଜ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ଟାଇଟଲ ଜିତିନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ନଗର ଡିଏଭିର ଆଦିତ୍ୟ ଜେନା ରନର୍ସଅପ୍, ଲୋୟଲା ସ୍କୁଲ୍‌ର ଶୁଭମ ପ୍ରତୀକ ମିଶ୍ର ତୃତୀୟ, ନୟାପଲ୍ଲୀ ନାରାୟଣ ଟେକ୍ନୋ ସ୍କୁଲ୍‌ର ଆୟାବନ୍ତ ମହାନ୍ତି ଚତୁର୍ଥ ଓ ପାଣ୍ଡରା ହାଇଟେକ୍ ପବ୍ଲିକ୍ ସ୍କୁଲ୍‌ର ସ୍ୱୟମ ସ୍ୱରୂପ ମହାନ୍ତି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ସ୍କୁଲର ପ୍ରିନ୍ସିପାଲ ବଳରାମ ମହାପାତ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗ ମୁଖ୍ୟ ଡଃ ରାଜକୁମାର ଯୋଶି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲାବେଳେ ଡଃ ରାଜଶ୍ରୀ ପ୍ରିୟଦର୍ଶିନୀ ଓ ଖେଳଶିକ୍ଷକ ଏ ରବି ଶଙ୍କର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।

ସାହାଣୀ କପ୍ ଫାଇନାଲ

## କଟକ ଚାମ୍ପିଅନ, ସମ୍ବଲପୁର ରନର୍ସଅପ୍

କେନ୍ଦୁଝର/କଟକ,୩ା୮ (ସମିସ)



ଡବଲ୍ ଲେଗ୍ ଫର୍ମାଟରେ ଖେଳାଯାଉଥିବା ସାହାଣୀ କପ୍ ଫାଇନାଲ ରାଉଣ୍ଡରେ କଟକ ଗୋଟିଏ ବିଜୟ ପଏଣ୍ଟ ସହିତ ଚଳିତ ସଂସ୍କରଣର ଚାମ୍ପିଅନ ହୋଇଛି। କେନ୍ଦୁଝର ଜୋନ୍‌ରେ ଆଜି ସମ୍ବଲପୁର ବିପକ୍ଷ ଦ୍ୱିତୀୟ ତଥା ନିର୍ଣ୍ଣାୟକ ଫାଇନାଲ ମୁକାବିଲା ୧-୧ ଗୋଲରେ ଡ୍ର ରହିଥିଲା। ବୌଦ୍ଧ ଜୋନରେ ପୂର୍ବରୁ ଖେଳାଯାଇଥିବା ପ୍ରଥମ ଫାଇନାଲରେ କଟକ ବିଜୟ ଲାଭ କରିଥିବାରୁ ଟାଇବ୍ରେକର ପଦ୍ଧତିର ଆବଶ୍ୟକତା ପଡ଼ିନଥିଲା। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଲାଖାଇ ମୁର୍ମୁ ୪୦ମିନିଟରେ ଗୋଲ ଦେଇ କଟକକୁ ପ୍ରଥମାର୍ଦ୍ଧରେ ଆଗୁଆ ରଖିଥିଲେ। ସମ୍ବଲପୁରର ପ୍ରଶାନ୍ତ ଓରାମ ୯୦ ମିନିଟରେ ଗୋଲ ସୁଝାଇଥିଲେ। ଅନ୍ତିମ କ୍ଷଣରେ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ସମ୍ବଲପୁର ଇଞ୍ଜୁରୀ ଟାଇମ୍‌ରେ ଗୋଲ ନକରି ପାରି ରନର୍ସଅପରେ ସନ୍ତୁଷ୍ଟ ହୋଇଛି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ଖେଳାଯାଇଥିଲା। ଖେଳ ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟରେ କ୍ରୀଡ଼ାର ବିକାଶ, କ୍ରୀଡ଼ାବିତ୍‌ଙ୍କ ଉନ୍ନତି ଲାଗି ଆମେ ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିବୁ ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅଖିଳଚନ୍ଦ୍ର ନାଏକ, ଡକ୍ଟର ଫକୀର ମୋହନ ନାଏକ୍, ଝାରସୁଗୁଡ଼ା ବିଧାୟକ ତଥା ଓଡ଼ିଶା ଫୁଟବଲ ସଂଘ ସଭାପତି ଟଙ୍କଧର ତ୍ରିପାଠୀ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ, ପୁଲିସ୍ ଏସ୍‌ପି ନୀତୀନ କୁଶାଳ କର, ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ ପାଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT
IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS